

ବିକ୍ରି ହେବ ଜବାହରଲାଲ ନେହରୁଙ୍କ ବଙ୍ଗଳା

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

“

ପବିତ୍ର ଗୁରୁଦିବସ ଉପଲକ୍ଷେ
ସମସ୍ତ ପାଠକ ପାଠିକା ଓ ବିତରକ,
ବିଜ୍ଞାପନଦାତାଙ୍କୁ ‘ସଂଚାର’
ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

Vol. 33 | ISSUE 165 | ଭାଗ ୩୩ | ସଂଖ୍ୟା ୧୬୫ Friday 5 September 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୫ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଜିଏସ୍‌ଟି ବ୍ୟବସ୍ଥାରେ ଐତିହାସିକ ସଂସ୍କାର

ହାଣ୍ଡିଶାଳ ବଜେଟ୍‌କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୪।୯: ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ସ୍ଲାବରେ ପରିବର୍ତ୍ତନ ସବୁ ଶ୍ରେଣୀର ଲୋକଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା କେବଳ ଦେଶର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବନି ବରଂ ଲୋକଙ୍କ ଉପରୁ ଟିକସ ବୋଝ ମଧ୍ୟ କମିବ।

- **ମୁକ୍ତ ଓ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟିରେ ହେବ ସହାୟକ**
- **ଜିଏସ୍‌ଟି ହ୍ରାସରୁ ଲାଭବାନ ହେବେ ୧୦ ଲକ୍ଷ ତୋଳାଳି**
- **ଚାଷୀଙ୍କ ଉପରୁ କମିବ ଆର୍ଥିକ ବୋଝ ଓ ଉତ୍ପାଦନ ଖର୍ଚ୍ଚ**
- **ଷ୍ଟାର୍ଟଅପ ବ୍ୟବସାୟୀଙ୍କୁ ମିଳିବ ସ୍ୱତଃ ପଂଜିକରଣ ସୁବିଧା**

ପାର୍ବଣ ଋତୁ ଆରମ୍ଭରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଜିଏସ୍‌ଟି ସ୍ଲାବରେ ସଂଶୋଧନ କରି ବଡ ଭେଟି ଦେଇଥିବା ବେଳେ ଆଗକୁ ଆହୁରି ଅନେକ ସର୍ପ୍ରାଇଜ ଆସିବ ବୋଲି ଆକଳନ କରାଯାଉଛି। ସେପଟେ ଏହି ପରିବର୍ତ୍ତନ ଓଡିଶାର ଲକ୍ଷାଧିକ

ଚାଷୀ, ମହିଳା, ମଧ୍ୟବିତ୍ତ ଓ କ୍ଷୁଦ୍ର ବ୍ୟବସାୟୀ ବେଶ ଉପକୃତ ହେବେ। ସେମାନଙ୍କ ଉପରୁ ଆର୍ଥିକ ବୋଝ ଲାଘବ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ପରିକଳ୍ପନାକୁ ସାକାର କରିବା ଲାଗି ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ ଲାଗି ଆମ ଦେଶରେ ପ୍ରଚଳିତ କର ପ୍ରଶାସନରେ ବ୍ୟାପକ ସଂସ୍କାର ଆବଶ୍ୟକ। ସାଧାରଣ ଜନତାଙ୍କ ଉପରୁ ଟିକସ ବୋଝ ହ୍ରାସ କରିବା ଲାଗି ଜିଏସ୍‌ଟି ପରିଷଦ ବୈଠକରେ ବ୍ୟାପକ ଆଲୋଚନା ପରେ ଅନେକ ଦ୍ରବ୍ୟ ଓ ସେବା ଉପରୁ ଜିଏସ୍‌ଟି ହାର କମାଇବା ଓ କେତେକ ଦ୍ରବ୍ୟ ଓ ସେବାକୁ କର ମୁକ୍ତ କରିବା ପରି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି।

ଜିଏସ୍‌ଟିର ଏହି ଐତିହାସିକ ସଂସ୍କାର, ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ, ଅନୁପାଳନ ବୋଝ ହ୍ରାସ କରିବ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉପକୃତ କରିବ ଏବଂ ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମା ଜନିତ ସେବା ଉପରୁ କର ଆଦାୟ ନକରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ। ଏହାଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢ଼ିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢ଼ିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ। ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାମାନଙ୍କ ପାଖରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇ ପାରିବେ। ଏହାଦ୍ୱାରା ରାଜ୍ୟର ୨୨ ଜିଲ୍ଲାର ୧୦ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କୁ ଅଧିକ ଲାଭ ମିଳିବା ସହ ବିକ୍ରି ବଢ଼ିବ। ସେହିଭଳି ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ରୋଲର, ଯନ୍ତ୍ରପାତି, ଟ୍ରାକ୍ଟର ଓ ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ

⟹ପୃଷ୍ଠା-୬

ଫେରିବ ମହାପ୍ରଭୁଙ୍କ ୫୮ ହଜାର ଏକର ଜମି

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ଭୂସମ୍ପତ୍ତି ଫେରାଇ ଆଣିବାକୁ ସରକାର ଇତିମଧ୍ୟରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ମହାପ୍ରଭୁଙ୍କ ସମ୍ପତ୍ତି ଫେରାଇ ଆଣିବା ଦିଗରେ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସେ କହିଛନ୍ତି ଯେ ମହାପ୍ରଭୁଙ୍କର ୫୮ ହଜାର ଏକର ଜମି ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ସେଥିମଧ୍ୟରୁ ୩୬ରୁ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ କରାଯାଇପାରିଛି। ବାକି ଜମିର କାଗଜପତ୍ର ପ୍ରସ୍ତୁତି ପ୍ରକ୍ରିୟା ଏବେ ଜାରି ରହିଛି। ସରକାର ଖୁବ୍ ଦ୍ରୁତ ଗତିରେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାପ୍ରଭୁଙ୍କର ଭୂସମ୍ପତ୍ତିର ସଠିକ୍ ଆକଳନ ପାଇଁ ମଧ୍ୟ କାମ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସ୍ନେହାଙ୍ଗିନୀ ମହିଳା ବିଜେଡି ସଭାନେତ୍ରୀ

୧୫ ବରିଷ୍ଠ ନେତ୍ରୀଙ୍କୁ ସାଧାରଣ ସମ୍ପାଦିକା ଦାୟିତ୍ୱ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପୁଣି ବଡ ଦାୟିତ୍ୱ ଦେଇଛନ୍ତି ନବୀନ ପଟ୍ଟନାୟକ। ଏହାସହ ୩ ବରିଷ୍ଠ ସାଧାରଣ ସମ୍ପାଦିକା ଓ ୧୨ ସାଧାରଣ ସମ୍ପାଦିକାଙ୍କୁ ମହିଳା ବ୍ୟାପାର ଦାୟିତ୍ୱ ଦିଆଯାଇଛି। ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦିକା ଦାୟିତ୍ୱ ମିଳିଥିବା ବେଳେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶ୍ରର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ, ଦୀପାଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆ ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତ ହୋଇଛନ୍ତି। ସେହିଭଳି ୩ ଜିଲ୍ଲା ପାଇଁ ସଭାପତି ଘୋଷଣା କରିଛନ୍ତି ନବୀନ। ଢେଙ୍କାନାଳ, କୋରାପୁଟ

⟹ପୃଷ୍ଠା-୬

ସିଜିଏଲ ପରୀକ୍ଷାରେ ବିଳମ୍ବକୁ ନେଇ ଉଦ୍‌ବେଗ

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆଶାୟୀ

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ
ODISHA STAFF SELECTION COMMISSION

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ରାଜ୍ୟର ଲକ୍ଷାଧିକ ସ୍ନାତକ ଡିଗ୍ରୀଧାରୀ ଯୁବକ ଯୁବତୀ ପ୍ରାୟ ଦେଢ ବର୍ଷ ଧରି କମ୍ବାଇଣ୍ଡ ଗ୍ରାଜୁଏଟ ଲେଭୁଲ (ସିଜିଏଲ) ପରୀକ୍ଷାକୁ ଅନେଇ ବସିଛନ୍ତି। କିନ୍ତୁ ଏନେଇ ଏଯାଏଁ ରାଜ୍ୟ ସରକାର ଏହି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିନାହାଁନ୍ତି। ଯାହାକୁ ନେଇ ଚାକିରି ପାଇଁ ଆଶାୟୀ ଯୁବକ ଯୁବତୀମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରି ଚିଠି ଲେଖିଛନ୍ତି। ଏଥିସହିତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଚିଠି ଲେଖି ତୁରନ୍ତ ସିଜିଏଲ-୨୦୨୫ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି।

ରାଜ୍ୟ ସ୍ତରରେ ଗ୍ରୁପ-ବି କିମ୍ବା ଗ୍ରୁପ-ସି ସରକାରୀ ଚାକିରିରେ ନିଯୁକ୍ତି ପାଇଁ ସିଜିଏଲ ପରୀକ୍ଷା ହୋଇଥାଏ। ଏହି ପରୀକ୍ଷାକୁ ଓଡିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) ଓ ଓଡିଶା ଲୋକସେବା ଆୟୋଗ (ଓପିଏସସି) ଆୟୋଜନ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରୀକ୍ଷା ଏଯାଏଁ ହୋଇନି। ରାଜ୍ୟରେ ନୂଆ ବିଜେପି ସରକାର ଦ୍ୱାରା ସୃଷ୍ଟି ହୋଇଥିବା ଆଶା ସତ୍ତ୍ୱେ ସିଜିଏଲ-୨୦୨୫ ଏବଂ ଅନ୍ୟାନ୍ୟ ସାଧାରଣ ସରକାରୀ ପଦବୀ ପାଇଁ ବିଜ୍ଞାପନ ପ୍ରକାଶନରେ ବିଳମ୍ବ ହେତୁ ଲକ୍ଷ ଲକ୍ଷ ଆଶାୟୀ ସମ୍ମୁଖୀନ ହେଉଥିବା ଅନିଶ୍ଚିତତା ଏବଂ ହତାଶା ଭିତରକୁ ଠେଲି ହୋଇଯାଉଛନ୍ତି ବୋଲି ସେମାନେ ଉଦବେଗ ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟର ବେକାରୀ ସମସ୍ୟା ମଧ୍ୟ ଅଧିକ ହେବାକୁ ଯାଉଛି। ଏଥିସହିତ ସମୟାନୁବର୍ତ୍ତୀ ନିଯୁକ୍ତି ମଧ୍ୟ ପ୍ରଶାସନିକ କଳକୁ ଅଧିକ ମଜବୁତ କରିବ ବୋଲି ଆଶାୟୀ ପରୀକ୍ଷାର୍ଥୀମାନେ କହିଛନ୍ତି।

କୌଣସି ବୈଷୟିକ ଶିକ୍ଷାରେ ଯୋଗ ଦେଉନଥିବା ଲକ୍ଷ ଲକ୍ଷ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପ୍ରତିବର୍ଷ ଏହି ପରୀକ୍ଷାକୁ ଅପେକ୍ଷା କରିଥାନ୍ତି। କାରଣ ଏହି ପରୀକ୍ଷା ପାଇଁ ରାଜ୍ୟର ଯେକୌଣସି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ସହ ଓଡିଶା ଓ କମ୍ପ୍ୟୁଟର ଜ୍ଞାନର ଆବଶ୍ୟକତା ରହିଛି। ଦୁଇଟି ପର୍ଯ୍ୟାୟରେ ହେଉଥିବା ଏହି ପରୀକ୍ଷା ଦ୍ୱାରା ଚାକିରି ଆଶାୟୀମାନେ ଅଡିଟର, ଦେବୋତ୍ତର କମିଶନ ଓ ସମବାୟ ସୋସାଇଟିରେ ଇନ୍ସପେକ୍ଟର, କନିଷ୍ଠ ସହକାରୀ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଭଳି ପଦବୀରେ ନିଯୁକ୍ତି ପାଇଥାନ୍ତି। ତେଣୁ ନିଯୁକ୍ତି କ୍ୟାଲେଣ୍ଡରକୁ ବଜାୟ ରଖି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପରୀକ୍ଷା କରି ନିଯୁକ୍ତି ପ୍ରଦାନ କରିବାକୁ ଆଶାୟୀ ଯୁବକ ଯୁବତୀ ମୁଖ୍ୟମନ୍ତ୍ରୀଙ୍କୁ ଅପିଲ କରିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଏନଆଇଆରଏଫ୍ ଇଣ୍ଡିଆ ର୍ୟାଙ୍କିଙ୍ଗ୍ -୨୦୨୫ ଉନ୍ମୋଚିତ

‘ସ୍ୱରାଜ’ ମିଳିଛି, ‘ସମୃଦ୍ଧି’ ପାଇଁ ଲଢ଼ିବାକୁ ପଡ଼ିବ

- **ଶିକ୍ଷାନୁଷ୍ଠାନର ଶକ୍ତି ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି**
- **ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ ପୁରସ୍କୃତ**
- **ଏନଆଇଆରଏଫ୍ ଜାତୀୟ ବେଞ୍ଚମାର୍କରେ ପରିଣତ ହୋଇଛି**
- **କ୍ରମାଗତ ସପ୍ତମ ଥର ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ**
- **ପଞ୍ଚଦଶ ସ୍ଥାନରେ ସୋଆ**



ନୂଆଦିଲ୍ଲୀ,୪।୯: ନ୍ୟାସନାଲ ଇନଷ୍ଟିଚ୍ୟୁସନ ର୍ୟାଙ୍କିଙ୍ଗ୍ ଫ୍ରେମୱାର୍କ (ଏନଆଇଆରଏଫ) ର୍ୟାଙ୍କିଂ ଆମର ଅନୁଷ୍ଠାନର ଶକ୍ତି ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ଆଜି ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏନଆଇଆରଏଫ ଅନ୍ତର୍ଗତ ‘ଇଣ୍ଡିଆ ର୍ୟାଙ୍କିଙ୍ଗ- ୨୦୨୫’ର ଦଶମ ସଂସ୍କରଣକୁ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତ ବର୍ଷର ର୍ୟାଙ୍କିଂରେ ସ୍ଥାନ ପାଇଥିବା ସମସ୍ତ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଏନଆଇଆରଏଫ୍ ଆଜି ଏକ ଜାତୀୟ ବେଞ୍ଚମାର୍କରେ ପରିଣତ ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଆମର ଉଚ୍ଚ ଶିକ୍ଷାନୁଗୁଡ଼ିକର ବିକାଶ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି, ଯେଉଁଥିରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ମାନ୍ୟତାକୁ ଉନ୍ନତ କରିବାର ଯୋଜନା ମଧ୍ୟ ସାମିଲ ଅଛି। ଏନଆଇଆରଏଫ ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଆମର ଯାତ୍ରାରେ ଏକ ବିଶ୍ୱସ୍ତ ସ୍ତମ୍ଭ ଭାବରେ ଉଭା ହୋଇଛି। ଆମକୁ ଆମର ଆକ୍ରିଡେସନ ଢାଞ୍ଚାରେ ଉଚ୍ଚ ବେଞ୍ଚମାର୍କ ସ୍ଥାପନ କରିବାକୁ ପଡ଼ିବ। ଏନଆଇଆରଏଫ୍ ସର୍ବୋତ୍ତମ ମାନ୍ୟତା ଢାଞ୍ଚା ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହେବ। ଅଧିକ ତଥ୍ୟ ଚାଳିତ ଆଭିମୁଖ୍ୟ ସହ ଆହୁରି ଅଧିକ ର୍ୟାଙ୍କିଂ ପାରାମିଟର, ବର୍ଗ ଓ ଅଧିକ ପ୍ରତିଷ୍ଠାନ ସହ ଯୋଡ଼ିହେବ। ଆମେ ଏକ ବଡ଼ ଲମ୍ଫ ମାରିବା ପାଇଁ ପ୍ରସ୍ତୁତ।

⟹ପୃଷ୍ଠା-୬

ନାଇଜେରିଆରେ ବୁଡ଼ିଲା ଡଙ୍ଗା

୬୦ ଯାତ୍ରୀ ମୃତ, ୪୦ ନିଖୋଜ

ଅବୁଜା,୪।୯: ନାଇଜେରିଆରେ ଏକ ବଡ଼ ଧରଣର ଅଘଟଣରେ ୬୦ ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ନାଇଜେରିଆର ନାଇଜର ନଦୀରେ ଯାତ୍ରା ସମୟରେ ଏକ ନୌକା ବୁଡ଼ିଯିବା ଫଳରେ ଏପରି ଅଘଟଣ ଘଟିଛି। ଉକ୍ତ ନୌକାରେ ପାଖାପାଖି ୧୦୦ ଜଣ ଯାତ୍ରୀ ଯାତ୍ରା କରୁଥିବା ସମୟରେ ଏପରି ଅଘଟଣ ଘଟିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅବଶିଷ୍ଟ ୪୦ ଜଣଙ୍କ କୌଣସି ପତ୍ତା ମିଳିପାରିନାହିଁ। ମୃତକ ଓ ନିଖୋଜଙ୍କ ମଧ୍ୟରେ ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ଥିଲେ। ଘଟଣାସ୍ଥଳରେ ଜରୁରୀକାଳୀନ ବିଭାଗ ଅଧିକାରୀଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏବେ ସୁଦ୍ଧା ୬୦ ଜଣଙ୍କ ମୃତଦେହ ଉଦ୍ଧାର ହୋଇସାରିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା। ନଦୀରେ ଜଳସ୍ତର ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସୂଚନା। ଡଙ୍ଗାଟି ନାଇଜେରିଆ ମାଲାଲେ ଜିଲ୍ଲାର ଟୁଙ୍ଗାନ ସୁଲେରୁ ଡୁଗା ଅଭିମୁଖ ଯାତ୍ରା କରୁଥିଲା। ତେବେ ଡଙ୍ଗାବୁଡ଼ିର ପ୍ରକୃତ କାରଣ ନେଇ ଅଦ୍ୟାବଧି କିଛି ବି ସ୍ପଷ୍ଟ ହୋଇପାରିନାହିଁ।

ଝାଡ଼ଖଣ୍ଡରେ ନକ୍ସଲଙ୍କ ଏନ୍‌କାଉଣ୍ଟର୍

୨ ଯବାନ ସହିଦ, ଜଣେ ଆହତ

କେତେକ ନକ୍ସଲ ମୃତାହତ ହୋଇଥିବା ଦାବି

ପଲାମୁ,୪।୯(ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ପଲାମୁ ଜିଲ୍ଲାରେ ଆଜି ନକ୍ସଲମାନଙ୍କ ସହ ଏନ୍‌କାଉଣ୍ଟର୍ ହୋଇଥିବା ବେଳେ ଏଥିରେ ୨ ଜଣ ଯବାନ ସହିଦ ହୋଇଛନ୍ତି। ଏହାଛଡ଼ା ଜଣେ ଯବାନ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଏଥିରେ କେତେକ ନକ୍ସଲ ମଧ୍ୟ ମୃତାହତ ହୋଇଥିବା ଜଣାପଡ଼ିଛି। କିନ୍ତୁ କୌଣସି ମୃତଦେହ ଉଦ୍ଧାର କରାଯାଇପାରିନାହିଁ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ସ୍ଥାନୀୟ ପୁଲିସ୍ ଗୁଇନ୍ଦା ସୂତ୍ରରୁ ମନାତୁ ଥାନାଞ୍ଚଳର କେଦଲ ଜଙ୍ଗଲରେ କେତେକ ନକ୍ସଲ ଲୁଚିଥିବା ନେଇ ସୂଚନା ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ତେବେ ପୁଲିସ୍ ଉପରେ ନକ୍ସଲ ଗୋଷ୍ଠୀର ସଦସ୍ୟମାନେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଏହାର ଜବାବ ଦେବାକୁ ଯାଇ ପୁଲିସ୍

⟹ପୃଷ୍ଠା-୬

୫ ମାଓବାଦୀ ଗିରଫ

ମାଲକାନଗିରି, ୪।୯ (ସଂଚାର ବ୍ୟୁରୋ) : ଆଜି ଛତିଶଗଡ଼ ସୁକମା ଜିଲ୍ଲାରେ ସୁରକ୍ଷା କର୍ମୀଙ୍କୁ ପୁଣି ମିଳିଛି ବଡ଼ ଧରଣର ସଫଳତା। ୫ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ଗିରଫ କରାଯାଇଛି। ଡିଆରଜି ଓ ସିଆରପିଏଫ କୋବ୍ରା ଯବାନଙ୍କ ପକ୍ଷରୁ ଚିନ୍ତଲନାର ଜଙ୍ଗଲରେ କମ୍ବିଂ ଅପରେସନ ଚାଲିଥିବା ସମୟରେ ଏହି ମାଓବାଦୀମାନେ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ବି ଅଛନ୍ତି। ସୁରକ୍ଷା କର୍ମୀଙ୍କୁ

⟹ପୃଷ୍ଠା-୬

ମୋଦିଙ୍କ ଜନ୍ମଦିନରେ ବଣ୍ଟାଯିବ ୫୦ ହଜାର ଅନ୍ତ୍ୟୋଦୟ ଘର

ଘୋଷଣା କଲେ ପଞ୍ଚାୟତିରାଜ ମନ୍ତ୍ରୀ

ନଭେମ୍ବରରେ ପିଏମ୍ ଆବାସ କାର୍ଯ୍ୟାଦେଶ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ରାଜ୍ୟ ବିଜେପି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି କ୍ରମରେ ଆଜି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ, ଆସନ୍ତା ୧୭ ତାରିଖରେ ରାଜ୍ୟର ୫୦ ହଜାର ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଏନେଇ ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ। ସେ କହିଛନ୍ତି ଯେ ମୋଦିଙ୍କ ଜନ୍ମଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯିବ। ପୂର୍ବରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନାରେ

⟹ପୃଷ୍ଠା-୬

କାନ ଡେରିଆ

ଗଣେଶ ପୂଜାର ମଜା
ହଣାକଟା ପରା ସାହିରେ
ସାହିରେ !
ବଜାଇକି ଡି.ଜେ ବାଜା
ଗଣେଶଙ୍କୁ ଲାଗେ ଲଜ୍ଜା...
ଚାନ୍ଦା ଆଦାୟଟା ପ୍ରବଳ
ତେଣୁ ତ
ମଦକୁ ଚାଖଣା ସଜ୍ଜା ।

■ ଦେବାଶିଷ

ଡାହାଣୀ-ଗୁଣିଆ କାର୍ପଟ୍‌ଦାରଙ୍କୁ ନବୀନଙ୍କ ପାନେ

- **ନାଲିଆଖି ଦେଖି କ୍ରୀତଦାସ ଛାନିଆ**
- **ମହଙ୍ଗା ପଡ଼ିଲା ନିବାସକୁ ନିଶାଣ**

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ବିଜେଡିରେ ରହି ଡାହାଣୀ-ଗୁଣିଆ ଖେଳ ଚଳାଇଥିବା ଖେଳାଳିଙ୍କୁ ପାନେ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ତାଙ୍କ ନିଷ୍ପତ୍ତିରେ କେଉଁମାନେ ଅସନ୍ତୁଷ୍ଟ ସେମାନଙ୍କୁ ତାଙ୍କ ନିକଟକୁ ଡାକିବାପାଇଁ ନିର୍ଦ୍ଦେଶ ଦେବାପରେ ଡାହାଣୀମାନଙ୍କ ବିଷଦାନ୍ତ ଭାଙ୍ଗିଯିବା ସହ ଛତ୍ରଭଙ୍ଗ ଦେଇଛନ୍ତି। ଏହି ଖେଳର ମାଷ୍ଟରମାଇଣ୍ଡ କ୍ରୀତଦାସ ମଧ୍ୟ ନବୀନଙ୍କ ନାଲିଆଖି ଦେଖି ଛାନିଆ ହୋଇଥିବା ବିଜେଡି ଶିବିରରେ ଆଲୋଚନା ଚାଲିଛି।

ନିକଟରେ ବିଜେଡି ସଭାପତି ଦଳର ଦୁଇ ଛାମୁଆ ସଂଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡି ସଭାପତି ନିଯୁକ୍ତ କରିଥିଲେ। ଛାତ୍ର ବିଜେଡି ସଭାପତି ଭାବେ ଈପ୍ସିତା ସାହୁ ଓ ଯୁବ ବିଜେଡି ସଭାପତି ଭାବେ ଚିନ୍ମୟ ସାହୁଙ୍କ ନିଯୁକ୍ତି ପରେ ଦଳ ଭିତରେ ଅସନ୍ତୋଷ କୁହୁଳିଥିଲା। କିଛି କର୍ମୀ ଏହି ନିଯୁକ୍ତିକୁ ବିରୋଧ କରିଥିଲେ। ଏହି ଅସନ୍ତୁଷ୍ଟଙ୍କ ପଛରେ କ୍ରୀତଦାସ ଓ ତାଙ୍କ ଟିମ୍ ରହିଥିଲେ। ପ୍ରଥମେ ଏମାନେ ଡାହାଣୀ ଅବତାର ଧରି ଅସନ୍ତୁଷ୍ଟମାନଙ୍କୁ ଉସକାଉଥିଲେ ଓ ସେମାନେ ଆସି ଶଙ୍ଖଭବନରେ ହୋ ହଲ୍ଲା କରିବାପରେ ଗୁଣିଆ ରୂପରେ ସେମାନଙ୍କୁ ବୁଝାଇବାପାଇଁ ଲାଗି ପଡୁଥିଲେ। ମିଛି ମିଛିକା ଏହି ଖେଳ କିନ୍ତୁ ଦିନକୁ ଦିନ ଦଳ ପାଇଁ କାଳ ହେବାରେ ଲାଗିଥିଲା।

ଖବର ହାଇକମାଣ୍ଡଙ୍କ ନିକଟରେ ପହଞ୍ଚିବା ପରେ ଅସନ୍ତୁଷ୍ଟଙ୍କୁ ବୁଝାଇବା ପାଇଁ କ୍ରୀତଦାସ ୪୮ ଘଣ୍ଟାର ମହଲତ ନେଇଥିଲେ। ହେଲେ ସେଥିରେ ସେ ଫେଲ୍ ମାରିଥିଲେ। ଏହାପରେ ଅସନ୍ତୁଷ୍ଟଙ୍କ ବିରୁଦ୍ଧରେ ଦଳ କଠୋର ହୋଇଥିଲା। ଏପରିକି ସେମାନେ ଶଙ୍ଖଭବନରେ କୌଣସି ବୈଠକ କରିପାରିବେ ନାହିଁ ଦଳ ଫତ୍‌ୱା ଜାରି କରିଥିଲା। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏଭଳି ନିର୍ଦ୍ଦେଶନାମା ଜାରି କରିବା ପରେ କ୍ରୀତଦାସ ଓ ତାଙ୍କ ଟିମ୍ ନୂଆ ଚାଲ୍ ଖେଳିଥିଲେ।

ଏଥର ସେମାନେ ନୂଆ ନିଯୁକ୍ତି ପାଇଁ ନବୀନଙ୍କୁ ଛାଡି ନବୀନ ନିବାସ ଓ ପାଣ୍ଡିଆନଙ୍କ ଆଡକୁ ଇଙ୍ଗିତ କରିଥିଲେ। ଏଭଳି ନିଷ୍ପତ୍ତି ପଛରେ ପାଣ୍ଡିଆନ ରହିଥିବା ନେଇ ପ୍ରଚାର ଚଳାଇଥିଲେ। ତେବେ ନେଡିଗୁଡ଼ କହୁଣିକୁ ବୋହିବା ଅବସ୍ଥା ଦେଖି ଖୋଦ୍ ନବୀନ ଏଥିରେ ହସ୍ତକ୍ଷେପ କରିବା ସହ ତାଙ୍କ ନିଷ୍ପତ୍ତିରେ କେଉଁମାନେ ଅସନ୍ତୁଷ୍ଟ ସେମାନଙ୍କୁ ତାଙ୍କ ନିକଟକୁ ଡାକିବା ପାଇଁ କହିଥିଲେ। ଏହାପରେ ଡାହାଣୀ-ଗୁଣିଆ ଶିବିରରେ ଛନକା ପଶିଥିଲା। ଯେଉଁମାନେ ତାଙ୍କ ଇଙ୍ଗିତରେ ନାଚୁଥିଲେ ଆଉ ସେମାନେ କେହି ଧରାଛୁଆଁ ଦେଉନାହାନ୍ତି।

ନବୀନଙ୍କ ହସ୍ତକ୍ଷେପ ପରେ ଦଳରେ ଅସନ୍ତୋଷ କେଇ ଘଣ୍ଟା ମଧ୍ୟରେ ଉଭେଇ ଯାଇଥିବା ବେଳେ ପରଦା ପଛରେ ରହି ଗୋଟି ଚଳାଉଥିବା କ୍ରୀତଦାସ ଟିମ୍‌ର ଏବେ ମୁଖା ଖୋଲିବାରେ ଲାଗିଛି। ଦଳ ଭିତରେ

⟹ପୃଷ୍ଠା-୬

ବଙ୍ଗ ଭାଷାଭାଷୀଙ୍କ ଜମିଜମା ସମସ୍ୟାର ସମୀକ୍ଷା କଲେ ବିଧାୟକ

ମହାକାଳପଡ଼ା,୪।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଆଜି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ରେ ବସବାସ କରୁଥିବା ବଙ୍ଗ ଭାଷାଭାଷୀ ଜନସାଧାରଣ ମାନଙ୍କ ର ଜମିଜମା ସମସ୍ୟାକୁ ନେଇ ସମୀକ୍ଷା କରିଥିବା ଜଣାପଡ଼ିଛି। ଏହି ଅବସରରେ ଆଜି ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ବିଧାୟକ ଡ଼ ନାୟକ ଯୋଗ ଦେଇ କହିଥିଲେ ଯେ ବାଙ୍ଗାଭାଷା ଭାଷୀ ଲୋକମାନଙ୍କ ର ଦୀର୍ଘ ଦିନ ର ଜମିଜମା ସମସ୍ୟା ରହିଛି। ଆମେ ଏ ସବୁ ସମସ୍ୟା ର ସମାଧାନ ପାଇଁ ଲଢେଇ ଆରମ୍ଭ କରିଛୁ। ଏଥିପାଇଁ ସମସ୍ତ ଙ୍କ ର ସହଯୋଗ ଆବଶ୍ୟକ।ସମସ୍ତ ଙ୍କ ର ସହଯୋଗ ରହିଲେ ଏ ସମସ୍ୟା ର ସମାଧାନ ଖୁବ ଶୀଘ୍ର ସମାଧାନ ହୋଇ ପାରିବ। ବଙ୍ଗ ଭାଷା ଭାଷୀ କେତେକ ଲୋକମାନଙ୍କ ର ସ୍ଥାୟୀ ପଟ୍ଟା ନ ଥିବାରୁ ସେମାନଙ୍କ ର ଜାତିଗତ ସାର୍ଟିଫିକେଟ, ରୋଜଗାର ପ୍ରମାଣପତ୍ର ସାର୍ଟିଫିକେଟ, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଆଦି ସାର୍ଟିଫିକେଟ ପାଇପାରୁ ନାହାଁନ୍ତି, ଏହାକୁ ନେଇ ସରକାର ମଧ ଚିନ୍ତା ପ୍ରକଟ କରିବା ସହ ଏହାର ସମାଧାନ ଦିଗରେ ବିଭିନ୍ନ ପନ୍ଥା ବାହାର କରି ସେମାନଙ୍କୁ କିପରି ସାହାଯ୍ୟ ସହଯୋଗ କରାଯାଇ ପାରିବ ସେ ସମ୍ପର୍କ ରେ ଆଲୋଚନା କରାଯାଇ ଥିଲା। ଏହି ସମୀକ୍ଷା ବୈଠକରେ କେନ୍ଦ୍ରାପଡା ଜିଲ୍ଲାପାଳ ଆର ରଘୁନାଥ ଆୟର ଯୋଗ ଦେଇ ଉପସ୍ଥିତ ଥିବା କେତେକ ବ୍ୟକ୍ତିଙ୍କ ଜମିଜମା ର କାଗଜପତ୍ର ଦେଖିଥିଲେ। ସେହିପରି ଷ୍ଟିଲ ପ୍ଲାଣ୍ଟ ପାଇଁ ଇଡ଼କୋ ପ୍ରଥମ ପର୍ଯ୍ୟାୟରେ ଅଧିଗ୍ରହଣ କରିଥିବା ୧୪୨ ଏକର ଜମି ସମ୍ପର୍କ ରେ ମଧ ଆଲୋଚନା କରାଯାଇଥିଲା। ସେହିପରି କେ ଫର୍ମ ପଟ୍ଟା ଏକ ସ୍ଥାୟୀ ପଟ୍ଟା ନୁହେଁ ଏହା ଏକ ଅସ୍ଥାୟୀ ପଟ୍ଟା। ତେବେ ଏହାକୁ ନେଇ ଉପୁଜିଥିବା ସମସ୍ୟା କୁ ସମସ୍ତ ଙ୍କ ସହଯୋଗ ରେ ସମାଧାନ କରାଯାଇ ପାରିବ ବୋଲି ଉପ ଜିଲ୍ଲାପାଳ ଅରୁଣ ନାୟକ କହିଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ସହକାରୀ ବନଖଣ୍ଡ ଅଧିକାରୀ ଗଗନ ବିହାରି ମଲ୍ଲିକ, ତହସିଲଦାର ଶିବ ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜମ୍ବୁ ରେଞ୍ଜର ଶାନ୍ତନୁ ଦଳାଇ, ମହାକାଳପଡ଼ା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ରଞ୍ଜନ ପାଣି, ସୁରେସ ପୃଷ୍ଟି, ରାମନଗର ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା, ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠି, ଚନ୍ଦ୍ରକାନ୍ତ ସ୍ୱାଇଁ, ବଙ୍କି ଦେବନାଥ, କ୍ରିଷ୍ଟପଦ ମଣ୍ଡଳ, ତରଣିକାନ୍ତ କାଞ୍ଜିଲାଲ, ଅଚିନ୍ତ ମାଇତି ପ୍ରମୁଖ ଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

● ଉପଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗ ଉପରେ ଗୁରୁତ୍ୱ

କେନ୍ଦ୍ରାପଡା,୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଉପ-ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା, ଭୂମିହୀନ ମାନଙ୍କୁ ପଟା ପ୍ରଦାନ, ରାଜସ୍ୱ ଆଦାୟ, ଆମ ଗାଁ ତହସିଲ କାର୍ଯ୍ୟକ୍ରମର ସମୀକ୍ଷା, ଖଣି ଅଧିକାରୀ ଓ ତହସିଲଦାର ଉଭୟ ମିଶି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ଜବତ କରିବା, ବେଆଇନ ଭାବେ ବାଲି ସୈରାତ ଓ ମାଟି ଉଠାଉଥିବା ଗାଡି ଗୁଡିକୁ ଜବତ କରିବା ନେଇ ଆଲୋଚନା କରାଯାଇଛି। ଜିଲ୍ଲାର ବିଭିନ୍ନ ତହସିଲ ରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରମାଣପତ୍ର ତୁରନ୍ତ ଯୋଗାଇବା ପାଇଁ ଆଲୋଚନା କରାଯାଇ ଥିଲା। ଜନ ସାଧାରଣଙ୍କୁ ଯଥାଶିଘ୍ର ସେବା ଯୋଗାଇବା ଉପରେ ଉପ ଜିଲ୍ଲାପାଳ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଖଣି ଅଧିକାରୀ, ପରିବହନ ଅଧିକାରୀ (ଆରଟିଓ), ଅବକାରୀ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଶ୍ରୀ ବଳଦେବଜିଉ ମନ୍ଦିରରେ ବାମନ ଜନ୍ମ ପାଳିତ

କେନ୍ଦ୍ରାପଡା, ୪।୯ (ସଂଚାର ବ୍ୟୁରୋ): ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ମନ୍ଦିର ରେ ସୁନିଆ ପର୍ବ ଓ ବାମନ ଜନ୍ମ ପାଳନ କରାଯାଇଛି। ଜୀଉ ମାନଙ୍କ ସକାଳ ଧୂପ ସମ୍ପନ୍ନ ପରେ ଭଣ୍ଡାର ମେକାପ ପାଟ ବସ୍ତ୍ର ଅଳଙ୍କାର ଯୋଗାଇଲା ପରେ ପୂଜା ପଣ୍ଡା ଏହାକୁ ଅଭିମନ୍ତ୍ରିତ କରି ଦିଅଁ ମାନଙ୍କ ବେଶ ଆରମ୍ଭ କରିଥାନ୍ତି। ଏହି ରାଜ ବେଶ ସମ୍ପନ୍ନ ପରେ ସୁନିଆ ପର୍ବ ଓ ବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଥାଏ। ମନ୍ଦିର ଅବଧାନଙ୍କ ଦ୍ୱାରା ନୂତନ ପୋଥି ମହାପ୍ରଭୁ ଙ୍କ ଚରଣରେ ସମର୍ପଣ ପରେ ଜଗମୋହନ ରେ ସୁନିଆ ସନ ୧୪୩୩ ସାଲ ପ୍ରବେଶ କରିଥିବା ସୂଚନା ଦେଇଥାନ୍ତି। ମନ୍ଦିର ପ୍ରଶାସନ ତରଫରୁ ଦହି, କଖାରୁ ସମର୍ପଣ କଲାପରେ ରାଜ ପୁରୋହିତ ଙ୍କ ଦ୍ୱାରା ଭୋଗ ମଣ୍ଡପରେ ଶୁଭ କଳସ ସ୍ଥାପନ, ଜନ୍ମ ନୀତି ପାଳନ କରିଥାନ୍ତି। ପୁରାଣ ବର୍ଣ୍ଣିତ ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ରୂପେ ମହର୍ଷି କଶ୍ୟପଙ୍କ ପତ୍ନୀ ଅଦିତିଙ୍କ କୋଳରେ ଭଗବାନ ବାମନ ରୂପରେ ଜନ୍ମ ହୋଇଥିଲେ। ବଳି ରାଜା ଯଜ୍ଞ୍ୟରେ ଉପସ୍ଥିତ ହୋଇ ରାଜାଙ୍କ ଠାରୁ ତିନି ପାଦ ସ୍ୱରୂପ ସମଗ୍ର ସଂସାର କୁ ମାଗି ନେଇଥିବା ପୁରାଣ ରେ ବର୍ଣ୍ଣିତ ଅଛି।

ଛତା ଛକରେ ବସ୍‌ଷ୍ଟାଣ୍ଡ ଦାବି

୧୫ରୁ ଚାଷୀ ଓ ଶ୍ରମିକ ସଂଘର ଅନଶନ ଦାବି

ଡେରାବିଶ,୪।୯ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ୫ କିଲୋମିଟର ଦୂରରେ ଥିବା ଛତା ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହେଉଥିଲେ ହେଁ ପ୍ରଶାସନିକ ସ୍ତରରେ ଘୋଷଣା ହେଉ ନ ଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରୁ ଅନଶନ କରିବାକୁ ଅଞ୍ଚଳବାସୀ ନିଷ୍ପତି ନେଇଛନ୍ତି।

ଛତା ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ସମ୍ପର୍କରେ ଜିଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ଅଞ୍ଚଳର ଜନସାଧାରଣ କେନ୍ଦ୍ରାପଡ଼ା ଜିଲ୍ଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଡେରାବିଶ ତହସିଲଦାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହା ପରେ ସ୍ଥାନ ନିରୂପଣ ପାଇଁ ପ୍ରସାଶନିକ ସ୍ତରରେ ଡେରାବିଶ ତହସିଲଦାର ଓ ଚାଟରାଚକତା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏଥିରେ ଚକ୍ରାନ୍ତ କରାଯାଇ ଛତା ଛକ ପରି ବର୍ତ୍ତଅନ୍ୟ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମସୁଧା ହେଉଥିବା ଅଭିଯୋଗ କରାଯାଇଛି। ଏପରିକି କୌଣସି ତଦନ୍ତ ନ କରି ଛତାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ନ ଥିବା ସମ୍ପର୍କରେ ଜିଲାପାଳଙ୍କୁ ଭୁଲ ସୂଚନା ଦେବା ଅଞ୍ଚଳବାସୀଙ୍କ ଦାବି ପ୍ରତି କୁଠାରଘାତ ବୋଲି ବହୁ ବୁଦ୍ଧିଜୀବୀ ମତ ରଖୁଛନ୍ତି। ବ୍ଲକ ଅଞ୍ଚଳର ଛତା ଛକ ଜନସାଧାରଣଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରେ। ଛତା ଛକରେ ସରକାରୀ ପଲିଟେକ୍‌ନିକ କଲେଜ, ତିନିଟି ମହାବିଦ୍ୟାଳୟ ବିଦ୍ୟୁତ୍ କାର୍ଯ୍ୟାଳୟ ଦୁଇଟି ବିଦ୍ୟାଳୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ, ଜଳସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ, ସବ୍‌ରେଜିଷ୍ଟ୍ରାର ଅଫିସ, ତହସିଲ ଅଫିସ ଓ ଜାତୀୟ କରଣ ବ୍ୟାଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟ ବାରୁ ଦୈନନ୍ଦିନ ହଜାର ହଜାର ଜନସାଧାରଣ ଛତା ଛକକୁ ଆସିଥାନ୍ତି। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛତା ଛକରେ ବଷ୍ଟାଣ୍ଡ ନିର୍ମାଣର ଆବଶ୍ୟକତା ରହିଥିବା ଦାବି ହୋଇ ଆସୁଥିଲେ ମଧ କେତେଜଣ ହୀନ ଚକ୍ରାନ୍ତକାରୀ ଏଥିରେ ବାଧକ ସାଜିଛନ୍ତି। ଛତା ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବହୁ ପରିମାଣର ସରକାରୀ ଜମି ରହିଛି।

ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ଟ୍ରାନ୍ସଫର୍ମର

ମହାକାଳପଡ଼ା,୪।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ତେର ଗାଁ ଗ୍ରାମ ପଞ୍ଚାୟତ ତେର ଗାଁ ଗ୍ରାମର ଶିବ ମନ୍ଦିର ନିକଟରେ ଏକ ୧୧ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଭାବେ ରହିଛି। ମୁଖ୍ୟ ରାସ୍ତା କଡକୁ ଖାଲ ଭିତରେ ଏହି ଟ୍ରାନ୍ସଫର୍ମର ଥିବା ଦେଖିବାକୁ ମିଳିଛି। ସେହିପରି ନିକଟରେ ଖେଳ ପଡିଆ ରହିଥିବା ବେଳେ ଗାଁ ର ଗାଇ ଗୋରୁ ମଧ ଚରିବାକୁ ଯାଉଛନ୍ତି। ଖୋଲା ମେଲା ଭାବେ ବିଦ୍ୟୁତ ଖୁଣ୍ଟ ଥିବାରୁ ଧନଜୀବନ ହାନୀ ହେବାର ଭୟ ସୃଷ୍ଟି ହୋଇଛି। ଯେଉଁ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି ସେଠି ଏବେ ପାଣି ଜମା ହୋଇଛି। ଯଦି କୌଣସି ଦରକାର ସମୟରେ ହ୍ୟାଣ୍ଡେଲ ପକାଇବାକୁ ହୁଏ ତେବେ ପାଣି ଭିତରେ ପଶି ହ୍ୟାଣ୍ଡେଲ ପକାଇବାକୁ ପଡୁଛି। ଏହାର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ସହିତ ତୁରନ୍ତ ବିଭାଗ ତରଫରୁ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମର ଆଦିତ୍ୟ ସ୍ୱାଇଁ,ସୁବ୍ରତ ସେଠୀ ପ୍ରମୁଖ ଦାବି କରିଛନ୍ତି।

ପ୍ରଭାତଙ୍କ ଅଭିଯୋଗ ପରେ ପ୍ରଶାସନିକ ତତ୍ପରତା

ଭିନ୍ନକ୍ଷମ ହିତାଧିକାରୀଙ୍କୁ ମିଳିଲା ୫ ମାସର ଭତ୍ତା

ମହାକାଳପଡ଼ା, ୩।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅଳାଇଲୋ ପଞ୍ଚାୟତର ଅନାବାଦୀ ଜାଗାରେ ଏକ ଭିନ୍ନକ୍ଷମ ପରିବାର ରହି ଆସୁଛନ୍ତି। ଉଭୟ ବାପା ଓ ପୁଅ ଭିନ୍ନକ୍ଷମ ସତ୍ତ୍ୱେ ତାଙ୍କ ପାଖରେ ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ୫ ମାସ ହେବ ଭତ୍ତା ମିଳୁନଥିଲା। ଏନେଇ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସମ୍ପାଦକ ତଥା ଦୈନିକ ଖବରକାଗଜ ସଂଚାର ର ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ପ୍ରଶାସନକୁ ଜଣାଇବା ପରେ ତାଙ୍କୁ ୫ ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଛି ବୋଲି ମହାକାଳପଡ଼ା ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ରବୀନ୍ଦ୍ର ମଳିକ, ତାଙ୍କ ପତ୍ନୀ ଓ ସାନ ପୁଅ ବିଜ୍ଞାନ ମଳିକ ଙ୍କୁ ନେଇ ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓଳିହା ନୀଳକଣ୍ଠପୁର ଓ କୁମାରୁଣୀ ଗ୍ରାମର ମଧଭାଗରେ ଅବସ୍ଥିତ ଜୋରି ନାଳ କଡରେ ଥିବା ଅନାବାଦି ଜମି ଉପରେ ଏକ ଝାଟିମାଟି ଘର କରି ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ଉଭୟ ବାପା ଓ ପୁଅ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମ। ତାଙ୍କର ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ୫ ମାସ ହେବ ଭତ୍ତା ମିଳୁନଥିଲା। ଅସୁସ୍ଥତା କାରଣରୁ ରବୀନ୍ଦ୍ର କାମ ଧନ୍ଦା କରି ପାରନ୍ତି ନାହିଁ। ଭତ୍ତା ନମିଳିବା ରୁ ପରିବାର ଅତି କଷ୍ଟରେ ଚଳୁଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାର ରେ ଅଗଷ୍ଟ ୨୭ ତାରିଖରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସମ୍ପାଦକ ତଥା ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭାଗୀୟ କାର୍ଯ୍ୟାଳୟ କୁ ଅଭିଯୋଗ ଜଣାଇଥିଲେ। ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟ ତରଫରୁ ପିଇଓ ମିଳିନଥିବା ୫ ମାସର ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ତାଙ୍କୁ ବ୍ଲକ୍ ରେ ହେବାକୁ ଥିବା ଭୀମଭୋଇ ସାମର୍ଥ୍ୟ ଶିବିର ରେ ପହଞ୍ଚିବା ପାଇଁ ସୂଚିତ କରାଯାଇଛି।

ମିଳୁନି ହରିଶ୍ଚନ୍ଦ୍ର ସହାୟତା

ମହାକାଳପଡ଼ା,୪।୯(ସଂଚାର ବ୍ୟୁରୋ): ଜଣେ ବିଧବା ମହିଳା ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ସହାୟତା ମିଳୁ ନାହିଁ। ଏନେଇ ସେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀଙ୍କୁ ଜଣାଇଲେ ମଧ ତାଙ୍କ କଥା କେହି ଶୁଣୁ ନଥିବା ସେ ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡା ଗ୍ରାମର କୁନି ଲେଙ୍କାଙ୍କ ସ୍ୱାମୀ ନରେନ୍ଦ୍ର କୁମାର ଲେଙ୍କା ଜୁଲାଇ ୨ ରେ ମୃତ୍ୟୁ ବରଣ କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ତାଙ୍କୁ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦେଇ ନାହାଁନ୍ତି। କୁନି ଜଣେ ଅସହାୟ ମହିଳା। ସେ ଏନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଙ୍କୁ ପଚାରିବାରୁ ତାଙ୍କୁ ସହାୟତା ମିଳିବ ନାହିଁ ବୋଲି ସେ କହିଥିବା କୁନି ଅଭିଯୋଗ କରିଛନ୍ତି। ସରକାର ସାଧାରଣ ଲୋକଙ୍କ ପାଖରେ ସମସ୍ତ ସେବା ପହଞ୍ଚାଇବାକୁ ଯୋଜନା କରୁଥିବା ବେଳେ ଏହି ପଞ୍ଚାୟତର କୁନି ଙ୍କୁ ଏଯାଏଁ କାହିଁକି ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ତୁରନ୍ତ ପ୍ରଶାସନ ତରଫରୁ ଏହି ଘଟଣାରେ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଆମେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ରଶ୍ମିରେଖା ରାଉତଙ୍କୁ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନଥିଲା।

ମହା ଆଡମ୍ବରରେ ବଢ଼ିଲା ଖୁଦୁରୁକୁଣୀ ଓଷା

କେନ୍ଦ୍ରାପଡ଼ା,୩।୯(ସଂଚାର ବ୍ୟୁରୋ): ପ୍ରତି ବର୍ଷ ପରି ଏ ବର୍ଷ ମଧ ଭାଦ୍ରବ ମାସରେ ମହା ଆଡ଼ମ୍ବରରେ ଖୁଦୁରୁକୁଣୀ ଓଷା ଶେଷ ହୋଇଛି । ଗତକାଲି କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ଚକ୍ରୋଡା ପଞ୍ଚାୟତ ସହରପୁର ଗ୍ରାମରେ ମହା ଆଡ଼ମ୍ବରରେ ଖୁଦୁରୁକୁଣୀ ଭସାଣୀ ସମ୍ପନ୍ନ ହୋଇ ଯାଇଛି । ଚିରା ଚରିତ ଗ୍ରାମର ଯୁବତୀ ମାନଙ୍କ ଦ୍ୱାରା ଭାଦ୍ରବ ମାସ ଆରମ୍ଭରୁ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇ ୫ଟି ରବିବାର ମା ଖୁଦୁରୁକୁଣୀ ଙ୍କ ପୂଜା କରାଯାଇଥିଲା ଏବଂ ଗତ ରବିବାର ଶେଷ ପାଳି କରି ମା ଖୁଦୁରୁକୁଣୀ ଙ୍କ ବିସର୍ଜନ କରାଯାଇ ଗତ କାଲି ସହରପୁର ଗ୍ରାମର ଥାନପତି,ରାଉତ ସାହି,ମୁଦୁଲି ସାହି ଏବଂ ମହାନ୍ତି ସାହି ର ଖୁଦୁରୁକୁଣୀ ମେଢ଼ ସକାଳ ୧୦ ଘଟିକାରୁ ବାହାରି ମହା ଆଡ଼ମ୍ବରରେ ବାଜା ବାଣ ସହ ରୋଷଣୀ ହୋଇ ସହରପୁର ଗ୍ରାମ ରୁ ବାହାରି ଦିନ ୪ଟା ସୁଦ୍ଧା ବସୁପୁର ପଞ୍ଚାୟତ ଅନ୍ତର୍ଗତ ହାଟବାଣପୁର ରେ ପହଞ୍ଚି ବିସର୍ଜନ କରାଯାଇଥିଲା। ଏହି ଭସାଣୀ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଶାନ୍ତିଶୃଙ୍ଖଳା ସହ ଗ୍ରାମର ଏକତା ପୂର୍ବକ ପୂର୍ବ ପୁରୁଷ ଅମଳରୁ ଚାଲି ଆସୁଥିବା ଗ୍ରାମର କିଛି ଯୁବତୀ ବିଶ୍ୱାଳ,ପୂର୍ଣ୍ଣିମା ନାୟକ କହିଛନ୍ତି ।

ସ୍କୁଲରେ ରୋଷେଇ ବେଳେ ପାଚିକାଙ୍କ ମୃତ୍ୟୁ

ପଟାମୁଣ୍ଡାଇ,୪।୯(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଞ୍ଚାୟତର ଡିମିରିଆ ସ୍କୁଲର ପାଚିକା ଝରଣା ଲେଙ୍କା ସ୍କୁଲରେ ରୋଷେଇ କରୁଥିବାବେଳେ ହଟାତ ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା ଓ ତାଙ୍କୁ ତତ୍କାଳ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା ଓ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ଓ ସ୍ୱାମୀଙ୍କ ମୃତ୍ୟୁ ପରେ ୨ ଶିଶୁ ପୁତ୍ର କନ୍ୟାକୁ ନେଇ ବହୁ କଷ୍ଟରେ କାଳତିପାତ କରୁଥିବା ଝରଣା ଗତ ୪ ମାସ ତଳେ ଡ଼ିମିରିଆ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରୁଥିଲାଓ ତାଙ୍କ ମର ଶରୀର ଆଜି କଟକରୁ ଘରକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ଓ ତାଙ୍କର ଅକାଳ ବିୟୋଗ ଖବର ପାଇ ବହୁ ସମାଜସେବୀ ତାଙ୍କ ବାସଭବନରେ ପହଂଚି ସମବେଦନା ଜ୍ଞାପନ କରିଛନ୍ତି ଓ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ, ସି ଆର ସି ସି ସମେତ ସମସ୍ତ ଶିକ୍ଷା ବିଭାଗ ଅଧିକାରୀ, ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଭିନ୍ନ ନେତୃବୃନ୍ଦ ସମାଜସେବୀ ଏହି ଦୁସ୍ଥ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

ସାପକାମୁଡ଼ାରେ ମଳୟ ରଞ୍ଜନଙ୍କୁ ଅର୍ବାନ ବ୍ୟାଙ୍କର ସହାୟତା



କେନ୍ଦ୍ରାପଡ଼ା,୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଅର୍ବାନକୋପରେଟିଭ ବ୍ୟାଙ୍କ ପକ୍ଷରୁ ସାପକାମୁଡାରେ ଗୁରୁତର ହୋଇପଡ଼ିଥିବା ମଳୟ ରଞ୍ଜନଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ କୁଶିଆପାଳ ପାୟତର ବାଲିପାଟଣା ଗ୍ରାମର ମିଟୁନ ଦାସଙ୍କ ପୁଅ ମଳୟରଞ୍ଜନ ଦାସ(୧୫)ଙ୍କୁ କିଛିଦିନ ତଳେ ଏକ ବୋଡା ସାପ କାମୁଡି ଦେଇଥିଲା। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ଏବେ ସାପକାମୁଡିଥିବା ଗୋଡର ଘା ନସୁଖିବାରୁ ସେ ଚାଲିପାରୁନାହାନ୍ତି। ତାଙ୍କର ବାପା ଜଣେ ରୋଷେୟା ଭାବେ କାମ କରନ୍ତି। ଆର୍ଥିକ ଅନାଟନ ଯୋଗୁଁ ମିଟୁନ ତାଙ୍କ ପୁଅର ଚିକିତ୍ସା କରିବା କଷ୍ଟକର ହୋଇପଡ଼ିଛି। ତେଣୁ ସେ ଏସମ୍ପର୍କରେ ଅର୍ବାନ ବ୍ୟାଙ୍କର ସଭାପତିଙ୍କୁ ଜଣାଇଥିଲେ। ଏସମ୍ପର୍କରେ ଜାଣିବା ପରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ସଭାପତି ଗୁରୁପ୍ରସାଦ ମହାନ୍ତି ମଳୟରଞ୍ଜନଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କାର (ଚେକ୍) ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସହାୟତା ପ୍ରଦାନ ସମୟରେ ନିର୍ଦ୍ଦେଶକ ସୁକାନ୍ତ ଦ୍ୱିବେଦୀ ଓ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

● ସାତ ମାସ ବିତିଲା ଅଭିଯୁକ୍ତଙ୍କୁ ଧରୁନି ପୁଲିସ

ଗୋଡ କାଟି ଗାଁ ଦାଣ୍ଡରେ ବୁଲୁଛନ୍ତି ଅଭିଯୁକ୍ତ

କେନ୍ଦ୍ରାପଡା,୩।୯ (ସଂଚାର ବ୍ୟୁରୋ): ସାତ ମାସ ବିତିଲା ହେଲେ ଅଭିଯୁକ୍ତ ଗିରଫ ହେଲେନି। ଅତି ନୃଶଂସ ଭାବେ ସଂଗବଦ୍ଧ ହୋଇ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କଲେ ଯାହା ଫଳରେ ଯୁବକ ଜଣକ ର ଗୋଡ଼ କଟିଯିବାରୁ ନଷ୍ଟ ହୋଇଯାଇଛି। ଏଭଳି ଘଟଣା କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ତନାର କୋର ଗ୍ରାମରେ ଘଟିଥିଲା। ଉକ୍ତ ଗ୍ରାମର ଗୌରାଙ୍ଗ ଚରଣ ମଳିକଙ୍କୁ ସ୍ଥାନୀୟ ଅଞ୍ଚଳର ୫ଜଣ ଅଭିଯୁକ୍ତ ଲୁହା ରଡ୍, ଠେଙ୍ଗା ଓ ପାଇପ୍ ରେ ନିସ୍ତୁକ ମାଡ ମାରି ବାମ ଗୋଡକୁ ପିଟିବାରୁ ଗୌରାଙ୍ଗଙ୍କର କଟକ ମୁଖ୍ୟ ଚିକିତ୍ସାଳୟ ରେ ଗୋଡ କଟା ଯାଇଛି। ଏ ବିଷୟରେ ଗୌରାଙ୍ଗଙ୍କ ପରିବାର ନିକିରାଇ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ନାମକୁ ମାତ୍ର ଏକ ମାମଲା ରୁଜୁ କରି ନିରବ ରହିଛନ୍ତି। ଫଳରେ ଅଭିଯୁକ୍ତ ମାନେ ଗାଁ ଦାଣ୍ଡରେ ଖୋଲାଖୋଲି ଭାବରେ ବୁଲି ଗୌରାଙ୍ଗ ଏବଂ ତାଙ୍କ ପରିବାରକୁ ଆକ୍ରମଣ ପାଇଁ ଧମକ ଦେଉଥିବା ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ୭ ଦିନ ଭିତରେ ଅଭିଯୁକ୍ତ ମାନଙ୍କୁ ଗିରଫ କରା ନଗଲେ ଗୌରଙ୍ଗଙ୍କ ପରିବାର ଆତ୍ମାହୂତି ଦେବେ ବୋଲି ଧମକ ଦେଇଛନ୍ତି।

ଆଇନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

WELCOME CEREMONY OF
1st YEAR LL.B. STUDENTS
2025 - 2026
DINABANDHU SAHU LAW COLLEGE
KENDRAPARA, ODISHA

କେନ୍ଦ୍ରାପଡା,୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ନବାଗତ ଆଇନସ୍ନାତକ ଛାତ୍ରଛାତ୍ରୀ ମାନଙ୍କର ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ରବିନ୍ଦ୍ର କୁମାର ବଳ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ ଉପାଧକ୍ଷ ପ୍ରଫେସର କଳିଙ୍ଗ କେଶରୀ ବେହେରା, ବରିଷ୍ଠ ପ୍ରାଧାପକ ପ୍ରଫେସର ଡ. ଚିରଞ୍ଜିବୀ ପଣ୍ଡା, ପ୍ରଫେସର ତିମିରକାନ୍ତ ପରିଡା, ପ୍ରଫେସର ରାଜକିଶୋର ମହାନ୍ତି, ଅଧାପିକା ସସ୍ମିତା ସେଠୀ ଏବଂ ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଭଗବତୀ ପ୍ରସାଦ ଦାସ ଯୋଗ ଦେଇଥିଲେ। ଉକ୍ତ ସଭାରେ ଅତିଥିବୃନ୍ଦ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ମାସୀନ ଅତିଥିମାନେ ଆଇନ ଶିକ୍ଷାର ଉପାଦେୟତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଆଇନ ଶିକ୍ଷା ଗ୍ରହଣ କରି ନିଜକୁ ଏକ ସୁନାଗରିକ ଭାବରେ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିବା ନିମି ଅତିଥିମାନେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ବକ୍ତବ୍ୟ ମାଧମରେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧାପକ / ଅଧାପିକା ବୃନ୍ଦ ଆଇନ ସ୍ନାତକ ଶ୍ରେଣୀର ପାଠ୍ୟକ୍ରମ ଓ ପରୀକ୍ଷା ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରି ବୃନ୍ଦ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ବିଶିଷ୍ଟ ସମାଜସେବୀ ଆକାଶ ଚନ୍ଦ୍ର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନାବଗତ ଛାତ୍ରୀ ବୈଶାଖୀ ପ୍ରିୟଦର୍ଶିନୀ ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଧେଶ୍ୟରେ ମନୋମୁଗ୍ଧକର ଭଜନ ପରିବେଷଣ କରିଥିଲେ। ଶେଷବର୍ଷର ଛାତ୍ର ପ୍ରଭାସ ରଞ୍ଜନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦ୍ରାପଡାରେ ବାଇକ ଲୁଟେରାଙ୍କ ଆତଙ୍କ

ପାର୍ବଣ ପୂର୍ବରୁ ଦୃଶ୍ୟ ଦେଖି ଚିନ୍ତାରେ ଲୋକେ

କେନ୍ଦ୍ରାପଡା,୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ବାଇକ୍ ଲୁଟେରା ଆତଙ୍କ ସୃଷ୍ଟି କରିଛନ୍ତି। ପାର୍ବଣ ଋତୁ ଆଗକୁ ଆସୁଥିବା ବେଳେ କେନ୍ଦ୍ରାପଡା ସହରରେ ବାଇକ ଲୁଟେରାଙ୍କ ଆତଙ୍କ ଆରମ୍ଭ ହୋଇଯାଇଛି।

ଦିନ ଦିପ୍ରହର ରେ ପ୍ରବଳ ବର୍ଷାର ସୁଯୋଗ ନେଇ ବ୍ୟାଙ୍କରୁ ଟଙ୍କା ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କ ଠାରୁ ୨ ଜଣ ବାଇକରେ ଆସିଥିବା ଲୁଟେରା ୩ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ଗ୍ରାମର ଅମ୍ବିକା ପ୍ରସାଦ ବ୍ରହ୍ମଚାରୀ ଷ୍ଟେଟ୍ ବ୍ୟାଙ୍କର ବଜାର ବ୍ରାଂଚ ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ମଟର ସାଇକେଲ ରେ ଘରକୁ ଫେରୁଥିବା ବେଳେ ତାଙ୍କୁ ପିଛା କରୁଥିବା ୨ ଜଣ ଲୁଟେରା ବାଇକ ରେ ଆସି ବଡ ମଙ୍ଗଳା ପାଖରୁ ବ୍ୟାଗରେ ରଖା ଯାଇଥିବା ୩ ଲକ୍ଷ ଟଙ୍କାକୁ ନେଇ ଫେରାର ହୋଇ ଯାଇଛନ୍ତି। ଶ୍ରୀ ବ୍ରହ୍ମଚାରୀ ଟାଉନ ଥାନାରେ ଏତଲା ଦେବାପରେ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ବିଭିନ୍ନ ସ୍ଥାନରେ ଲଗା ଯାଇଥିବା ସିସି କ୍ୟାମେରା ଯାଂଚ କରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି।

ଏକମାଣିଆ ମଇଁଷି ମୃତ୍ୟୁ ଘଟଣା

କାମଧେନୁ ଯୋଜନାରେ ସହାୟତା ପାଇଁ ବୈଠକ

କେନ୍ଦ୍ରାପଡା, ୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆରେ ମଇଁଷି ମୃତ୍ୟୁ ଘଟଣା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଏକ ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ଷେତି ଗ୍ରସ୍ତ ଚାଷୀଙ୍କ ସହିତ ଜିଲ୍ଲାପାଳ ଶ୍ରୀଯୁକ୍ତ ରଘୁରାମ ଆର ଆୟାର ଆଲୋଚନା କରିଛନ୍ତି। ଉତ୍କଳ ଯାଦବ ମହାସଭା ଓ ଜିଲ୍ଲା ଯାଦବ ମହାସଭା ତରଫରୁ ଏକ ଉଚ୍ଚସ୍ତରୀୟ କମିଟି ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି କ୍ଷେତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। କାମଧେନୁ ଯୋଜନାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛନ୍ତି। ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନୟନ୍ନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ପଟ୍ଟନାୟକ, ଉଚ୍ଚ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇରେ ବୀମା ସପ୍ତାହ ପାଳନ

ପଟ୍ଟାମୁଣ୍ଡାଇ,୪।୯(ସଂଚାର ବ୍ୟୁରୋ): ଭାରତୀୟ ଜୀବନ ବୀମା ନିଗମ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଇଛି। ପଟ୍ଟାମୁଣ୍ଡାଇ ଶାଖା ପ୍ରବନ୍ଧକ ଅରୁଣ କୁମାର ବିଶ୍ୱାଳଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଭାରତୀୟ ଜୀବନବୀମା ନିଗମର କାର୍ଯ୍ୟାଧାରା, ସାମାଜିକ ଓ ଆର୍ଥିକ ବିକାଶରେ ଜୀବନବୀମାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସୁଜିତ କୁମାର ସିଂ, କୁଳମଣି ଗୋଛାୟତ, ତପରଞ୍ଜନ ବେହେରା, ରଞ୍ଜନ କୁମାର ପ୍ରଧାନ, ରାକେଶ କୁମାର ଧଳ, ଆଦିତ୍ୟଶଙ୍କର ଦାଶ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଭାଷଣ ଦେଇ ଭାରତୀୟ ଜୀବନ ବୀମା ନିଗମର ଅତୀତ ଓ ବର୍ତ୍ତମାନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଜୀବନ ବୀମା କର୍ମଚାରୀ ସଂଘ ନେତା ଅଭିମନ୍ୟୁ ଦାସ, ଦୀପକ କୁମାର ଜୟସିଂହ, ସୁଗୁଣା ସିଂ, ସୋମନାଥ ସ୍ୱାଇଁ, ଅଜୟ କୁମାର ତରେଇ, ତୃପ୍ତି ସାହୁ, ବିପିନ ବିହାରୀ ଜେନା, ପୂର୍ଣ୍ଣେନ୍ଦ୍ର ରଣସିଂହ, ଚିନ୍ମୟ କୁମାର ସାମଲ, ତ୍ରିଦିବ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେଓ ଶେଷରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସିଦ୍ଧେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେଓ ଏଥିରେ ଶତାଧିକ କର୍ମଚାରୀ, ଅଭିକର୍ତ୍ତା ଓ ପଲିସି ଧାରୀ ଯୋଗ ଦେଇଥିଲେ ।

'ବିକାଶ'ର ୪୦ତମ ବାର୍ଷିକ ଉତ୍ସବ

ସରକାରଙ୍କ ସଫଳତାରେ ବେସରକାରୀ ସଂଗଠନର ସହଯୋଗ ଗୁରୁତ୍ୱପୂର୍ଣ୍ଣ: ମେୟର୍

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଲୋକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବେ ନାହିଁ। ତେଣୁ ଏ କ୍ଷେତ୍ରରେ ବେସରକାରୀ ସଂଗଠନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବେସରକାରୀ ସଂଗଠନ 'ବିକାଶ'ର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ବେସରକାରୀ ସଂଗଠନ ଭାବେ ବିକାଶ ସଂସ୍ଥା ୪୦ ବର୍ଷ ଧରି କାର୍ଯ୍ୟ କରିବା ଏକ ବଡ଼ ସଫଳତା ଏବଂ ଏହା କୋରାପୁଟ ଓ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ୧୭ଟି ଜିଲ୍ଲାରେ ଲୋକମାନଙ୍କ ସହ ଅଛି ଓ କାମ କରୁଛି। ଏଥିସହ ସଂସ୍ଥା ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜୀବିକା ଆଦି ବିଭିନ୍ନ କ୍ଷେତ୍ରରେ ମଧ୍ୟ ସହାୟତା ପ୍ରଦାନ କରୁଛି, ଯାହାକି ପ୍ରଶଂସନୀୟ ବୋଲି ଶ୍ରୀମତୀ ଦାସ କହିଛନ୍ତି। ସେହିପରି ଏବେ ବିଏମ୍‌ସିରେ ଘରୁ ଅଳିଆ ସଂଗ୍ରହ କରୁଥିବା ଗାଡ଼ିରେ ବାଜୁଥିବା ଗୀତ ମଧ୍ୟ 'ବିକାଶ' ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଜନ୍ମଦିନ ବିଶେଷାଙ୍କ 'ସ୍ପନ୍ଦନ' ଉନ୍ମୋଚନ କରି ସହରୀ ଗୃହହୀନ ଲୋକମାନଙ୍କ ପାଇଁ କୋଠାଘର ଯୋଗାଇବା କ୍ଷେତ୍ରରେ ଏହି ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସଂସ୍ଥାର ଉଦ୍‌ଘାଟନୀ ଉତ୍ସବରେ 'ଫାର୍' ଅନୁଷ୍ଠାନର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ବିଜୟ କୁମାର ବାବୁ, ସ୍ମାଇଲ ଫାଉଣ୍ଡେସନର ମୁଖ୍ୟ ସାମୁଏଲ ବେହେରା, ବିକାଶ ସଂଗଠନର ଅଧ୍ୟକ୍ଷ କେ. ହରିହର ରାଓ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଏମ୍‌ସିର ସଫେଇ କର୍ମୀ ଦିଲ୍ଲୀପ ନାୟକ, ନୃସିଂହ ଚରଣ ପ୍ରଧାନ, ବସୁଦେବ ବେହେରା ଓ ରତିକାନ୍ତ ଭୋଇଙ୍କୁ 'ସ୍ୱଚ୍ଛ ସବାରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନରେ ବିକାଶ ପ୍ରତିଷ୍ଠାତା ସମ୍ପାଦକ ଅଶୋକ ନନ୍ଦ ଦେଶରେ ବେସରକାରୀ ସଂଗଠନର ଇତିହାସ, କ୍ରମବିକାଶ ଏବଂ ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ। 'ଆଇନା'ର ମୁଖ୍ୟ ସ୍ନେହ ମିଶ୍ର, 'ଜାଗୃତି' ମୁଖ୍ୟ ଦୀପକ ରାୟ, ଦେବାଶିଷ ପଣ୍ଡା, ବିବେକାନନ୍ଦ ମିଶ୍ର, ପଦ୍ମାଳୟା ଚୌଧୁରୀ, ବିରଜା ଶଙ୍କର ବାରିକ, ବିଭୁପ୍ରସାଦ ଡାହାଣ, ସୁଶାନ୍ତ କୁମାର ବେହେରା, ଅନୁକୂଳ ପାଣିଗ୍ରାହୀ ଓ ପ୍ରିୟମ୍ବଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ସାକ୍ଷାତାଲୋଚନା

ଷ୍ଟାର୍ଟ-ଅପ୍ ଓ ଗବେଷଣାରେ ଆଗୁଆ ହେବ ଭାରତ



ନୂଆଦିଲ୍ଲୀ,୪।୯(ସଂଚାର ବ୍ୟୁରୋ): ଭାରତ ଓ ସିଙ୍ଗାପୁର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୁତ୍ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ସିଙ୍ଗାପୁରର ଦ୍ୱିପାକ୍ଷିକ ସହଯୋଗରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏଥର ବିଶେଷ ହୋଇଛି, କାରଣ ଚଳିତବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ଷାଠିଏ ବର୍ଷ ପୂରଣ ହୋଇଛି। ବୈଠକରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଛି। ଶିକ୍ଷକଙ୍କ କାପାସିଟି ବିଲଡିଂ, ଗବେଷଣା ଦକ୍ଷତା ଏବଂ କ୍ଷମତା ବୃଦ୍ଧି, ଦକ୍ଷତା ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଓ ସମୃଦ୍ଧ ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆମ ଦୁଇ ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଅଧିକ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଏକାଠି କାମ କରିବା ସକାଶେ ଦିଗରେ ଉଭୟ ସମ୍ମତି ପ୍ରକାଶ କରିଛନ୍ତି। ଶିକ୍ଷା, ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ଏବଂ ଅଗ୍ରଣୀ ଗବେଷଣା କ୍ଷେତ୍ରରେ ଭାରତ-ସିଙ୍ଗାପୁର ସହଯୋଗକୁ ଉଚ୍ଚ ସ୍ତରକୁ ନେବା ଦିଗରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରଚେଷ୍ଟାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

ଅକ୍ଟୋବର ୭ରୁ ହବିଷ ବ୍ରତ ଆରମ୍ଭ

ଅନଲାଇନରେ ପଞ୍ଜିକରଣ ବ୍ୟବସ୍ଥା

ପୁରୀ,୪।୯(ସଂଚାର ବ୍ୟୁରୋ): ଆସନ୍ତା ଅକ୍ଟୋବର ୭ରୁ ଆରମ୍ଭ ହେବ ହବିଷ ବ୍ରତ। ମାସେ ଧରି ବ୍ରତ ପାଳନ କରିବାକୁ ଥିବା ହବିଷ୍ୟାଳୀମାନଙ୍କ ସୁଚାରୁ ରୂପେ ପରିଚାଳନା ପାଇଁ ପୁରୀ ସର୍କିଟ୍ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ହବିଷ୍ୟାଳୀମାନେ ମାସେ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରାଯିବ। ଏଥିପାଇଁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ। ହବିଷ୍ୟାଳି ମା'ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ମା'ମାନଙ୍କର ସୁରକ୍ଷିତ ରହଣି, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା ସହ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗର ମଧ୍ୟ ବ୍ୟବସ୍ଥା କରାଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ।

ପୂର୍ବତଟ ରେଳପଥର ସଚେତନତା ଓ ସଫେଇ ଅଭିଯାନ

ସ୍ୱଚ୍ଛତା ଅଭିଯାନ
Swachhata Abhiyan

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନ-୨୦୨୫ ଅନ୍ତର୍ଗତ ଏହାର ମୁଖ୍ୟାଳୟରେ ସଚେତନତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ଏହାର ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିଛି। ଆୟୋଜିତ ସଚେତନତା ଅଭିଯାନଗୁଡ଼ିକ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବା ସକାଶେ ପ୍ରୟାସ କରିଛି ଯେ ସ୍ୱଚ୍ଛତା କେବଳ ଏକ କର୍ତ୍ତବ୍ୟ ନୁହେଁ ବରଂ କାର୍ଯ୍ୟସ୍ଥଳ ଏବଂ ସାର୍ବଜନୀନ ସ୍ଥାନରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏକ ସାମୂହିକ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟରେ ସ୍ୱଚ୍ଛ ସମ୍ବାଦ-କର୍ମଚାରୀମାନଙ୍କ ମଧ୍ୟରେ ଏକ ଆଦାନପ୍ରଦାନ ଅଧିବେଶନର ଆୟୋଜନ କରିଥିଲା। ଏହି ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରୀୟ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଦୈନନ୍ଦିନ ଜୀବନରେ, ଘରେ ଏବଂ କାର୍ଯ୍ୟସ୍ଥଳରେ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ମିଶନର ଦୂତ ହେବା ଏବଂ ସମାଜରେ ସଚେତନତା ପ୍ରସାର ପାଇଁ ଉତ୍ସାହିତ କରିଥିଲେ। କର୍ମଚାରୀମାନଙ୍କ ସହ ଏକ ଆକର୍ଷଣୀୟ ଓ ପ୍ରଭାବଶାଳୀ ଉପାୟରେ ସଂଯୋଗ ସ୍ଥାପନ କରିବା ପାଇଁ ମୁଖ୍ୟାଳୟର ସାଂସ୍କୃତିକ ଦଳ ଏକ ସ୍ୱଚ୍ଛତା-ଥିମ୍ ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ପ୍ରଦର୍ଶନ କରିଥିଲେ। ସ୍ୱଚ୍ଛତା ଓ ପରିଷ୍କାରତା ଉପରେ ଏକ ଜୀବନ୍ତ ଅନ-ଦି-ସ୍ପଟ୍ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କୁଇଜ୍ କର୍ମଚାରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନ ଓ ପ୍ରତିବଦ୍ଧ ରହିବା ପାଇଁ ଉତ୍ସାହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ (ଏଜିଏମ୍) ବିଏସ୍‌କେ ରାଜକୁମାର ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

ଗୁରୁତର ଆହତ ଗାଡ଼ଭାଲୁର ମୃତ୍ୟୁ

କେନ୍ଦୁଝର,୪।୯(ସଂଚାର ବ୍ୟୁରୋ): ପାଟଣା ବନାଞ୍ଚଳ ଅନ୍ତର୍ଗତ ଟାଙ୍ଗରପଡ଼ା ପଞ୍ଚାୟତ ମୂଷାପଡ଼ା ନିକଟରୁ ବନ ବିଭାଗ ପକ୍ଷରୁ ଗୁରୁତର ଆହତ ଅବସ୍ଥାରେ ଏକ ଗାଡ଼ଭାଲୁ ଉଦ୍ଧାର ହୋଇଥଇଲା।। କୌଣସି ଏକ ଅଜଣା ଯାନ ଧକ୍କାରେ ଉକ୍ତ ଗାଡ଼ଭାଲୁଟି ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାକୁ ଗତ ଶୁକ୍ରବାର ପାଟଣା ବନପାଳ ନିରଞ୍ଜନ ସେଠୀ ଉଦ୍ଧାର କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଗୁରୁତର ହୋଇଥିବା ଏହି ଗାଡ଼ ଭାଲୁଟିର ଚିକିତ୍ସା ପାଟଣା ବ୍ଲକ ପ୍ରାଣୀ ଚିକିତ୍ସକ ଡ଼ଃ ସତ୍ୟ ପ୍ରକାଶ ଦ୍ୱିବେଦୀ କରୁଥିଲେ। ତେବେ ଗୁରୁତର ଥିବା ଭାଲୁଟିର ଗତକାଲି ପୂର୍ବାହ୍ନରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବନ ବିଭାଗ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଉକ୍ତ ମୃତ ଗାଡ଼ଭାଲୁର ବ୍ୟବଚ୍ଛେଦ କରାଯାଇ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର କହିଛନ୍ତି।

ସାମାଜିକ ସୁରକ୍ଷା ଅଧିକାରୀ ଠକେଇର ଶିକାର

ଜୟପୁର,୪।୯(ସଂଚାର ବ୍ୟୁରୋ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢ଼ୀ ସାଇବର ଠକେଇର ଶିକାର ହୋଇଛନ୍ତି। ଶ୍ରୀ ପାଢ଼ୀ ବର୍ଷେ ପୂର୍ବେ ଅଫିସିଆଲ ହ୍ୱାଟ୍ସଆପ ଗ୍ରୁପରୁ ଲେଫ୍ଟ ହୋଇଯାଇଥିଲେ। କିନ୍ତୁ ଗତ କାଲି ହଟାତ ତାଙ୍କ ମୋବାଇଲକୁ ଅଫିସିଆଲ ହ୍ୱାଟ୍ସଆପରେ ଜଇନ କରିବା ପାଇଁ ଜଣେ ବ୍ୟକ୍ତି ଗୋଟିଏ ହ୍ୱାଟ୍ସଆପରେ ମେସେଜ କରିଥିଲେ। ଏଥିରେ ଆଧାର ଅପଡେଟ ପାଇଁ ଗୋଟିଏ ଲିଙ୍କ ଆସିଥିଲା। ମୋବାଇଲ ନମ୍ବର ଏବେ ଆଧାର ନମ୍ବର ଦେବା ପରେ ଗୋଟିଏ ଓଟିପି ଆସିଲା। ଆଉ ଓଟିପି ଅପଲର୍ଡ କରିବା କ୍ଷେଣକେ ଆକାଉଂଟରୁ କଟିଲା ୫୦ ହଜାର ଟଙ୍କା। ଏଥିସହ ଶ୍ରୀ ପାଢ଼ୀଙ୍କ ଇଂଟରନେଟ ବ୍ୟବହାର କରି ଫିଲ୍ମ କାର୍ଡରେ ୧୬ ହଜାର ଟଙ୍କାର ଜିନିଷ କିଣାଯାଇଛି। ଏ ନେଇ ବୈପାରୀଗୁଡା ଥାନା ଦ୍ୱାରସ୍ତ ହୋଇଛନ୍ତି କାର୍ତ୍ତିକ ଚନ୍ଦ୍ର ପାଢ଼ୀ। ଏଭଳି ଭୁଲ କରି ସେ ଦୁଃଖିତ ଥିବା ବେଳେ ଅନ୍ୟ ମାନେ ଏଭଳି ଭୁଲ ନ କରିବା ପାଇଁ ଅନୁରୋଧ କରିଛନ୍ତି।

ଦେଶୀ ମଦ ଚାଲାଣ ବେଳେ ଚଢାଉ, ୨ ଗିରଫ

ଜୟପୁର,୪।୯(ସଂଚାର ବ୍ୟୁରୋ): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ନିଳାଗୁଡା ବଡ ଓଜେଇ ଗ୍ରାମର ବଳଦେବ ଭଇଁସା (୨୨) ଓ ଲଳିତ ଦୁଆରୁ। ସୂଚନାନୁଯାୟୀ, ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଜୟନଗର ଠାରେ ମଙ୍ଗଳବାର ରାତ୍ର ରେ ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରି ବାଇକ ସହ ୨୯ ଲିଟର ଦେଶି ମଦ ଜବତ କରିଛି।

■ ଛାତ୍ରୀ ଅସଦାଚରଣ ମାମଲାରେ ନୂଆମୋଡ଼

ଥାନାରେ ଏତଲା ଦେଲେ ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ

ଭବାନୀପାଟଣା/ ଜୁନାଗଡ,୪।୯ (ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଲେନ୍ଦ୍ର ମେହେର ସ୍ଥାନୀୟ ସ୍କୁଲର ଛାତ୍ରୀଙ୍କୁ ଅସଦାଚରଣ କରିବା ମାମଲାରେ ବୁଧବାର ଜୁନାଗଡ଼ ପୋଲିସ ପୋକ୍‌ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପଟେ ପ୍ରଧାନଶିକ୍ଷକ ମେହେରଙ୍କ ଗିରଫ ପରେ ସ୍ଥାନୀୟ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ନିଲମ୍ବିତ କରିଥିଲା। ଗୁରୁବାର ଏହି ଘଟଣାର ନୂଆମୋଡ଼ ଦେଖିବାକୁ ମିଳିଛି। ପ୍ରଧାନଶିକ୍ଷକ ମେହେରଙ୍କ ସ୍ତ୍ରୀ ସୁମିତ୍ରା ମେହେର ତାଙ୍କ ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଥିବା ନେଇ ଜୁନାଗଡ଼ ଥାନାରେ ଏକ ଏତଲା ଦେଇଛନ୍ତି। ଏହି ଏତଲାରେ ସେ ସ୍କୁଲର ୩ ଜଣ ସହକାରୀ ଶିକ୍ଷକ ଯିଶୁ ଗୋପାଳ, ସାମନ୍ତ ମେହେର ଓ ଓମ ମେହେର ମିଶି ସ୍କୁଲର ଛୋଟ ଛୋଟ ଝିଅମାନଙ୍କ ମାଧ୍ୟମରେ ଉପରୋକ୍ତ ମିଥ୍ୟା ଅଭିଯୋଗ ଆଣି ମୋ ସ୍ୱାମୀଙ୍କୁ ଫସାଇଥିବା ସେ ଅଭିଯୋଗ ଆଣିଛନ୍ତି । ସହକାରୀ ଶିକ୍ଷକ ଯିଶୁ ଗୋପାଳ ସ୍କୁଲର ଜଣେ ଶିକ୍ଷୟତ୍ରୀଙ୍କ ସହ ଖରାପ ସମ୍ପର୍କ ଥିବା ଜାଣି ମୋ ସ୍ୱାମୀ ଶିକ୍ଷା ବିଭାଗକୁ ଜଣାଇ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ସ୍କୁଲକୁ ବଦଳି କରି ଦେଇଥିଲେ। ଯାହାର ବ୍ୟକ୍ତିଗତ ରାଗ ରଖି ସହକାରୀ ଶିକ୍ଷକ ଗୋପାଲ ଓ ଅନ୍ୟ ୨ ଶିକ୍ଷକ ମିଶି ମୋ ସ୍ୱାମୀଙ୍କୁ କର୍ମ କ୍ଷେତ୍ରରେ ମାନସିକ ନିର୍ଯାତନା ଦେବା ସହ ଫସାଇବାକୁ ଚେଷ୍ଟା କରୁଥିଲେ। ଗତ ୨୫ ତାରିଖ ସ୍କୁଲର ଝିଅଙ୍କୁ ମୋ ସ୍ୱାମୀ ଅସଦାଚରଣ କରିବା ନେଇ ଜୁନାଗଡ଼ ବିଇଓଙ୍କୁ ଡାକ ମାଧ୍ୟମରେ ଅଭିଯୋଗ କରିଥିଲେ। ସେହିପରି ମଙ୍ଗଳବାର ଗ୍ରାମର କେତେକ ବ୍ୟକ୍ତିଙ୍କୁ ଧରି ସେମାନେ ମୋ ସ୍ୱାମୀଙ୍କୁ ସ୍କୁଲରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହାସହ ସମ୍ମାନହାନୀ କରିବା ପାଇଁ ତାଙ୍କୁ ଚପଲ ମାଳ ମଧ୍ୟ ପିନ୍ଧାଇ ଅସଦାରଣ କରିଥିଲେ । ତେଣୁ ଏହି ଘଟଣାର ତଦନ୍ତ କରି ଉପରୋକ୍ତ ସହକାରୀ ଶିକ୍ଷକ ଓ ସାମିଲ ଥିବା ଗ୍ରାମର କିଛି ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ସେହିପରି ପୋଲିସ ଉପଯୁକ୍ତ ନ୍ୟାୟ ଦେଇ ନ ପାରିଲେ ଆତ୍ମହତ୍ୟା କରିବାକୁ ବାଧ୍ୟହେବି ବୋଲି ସେ ଚେତାବନୀ ଦେଇଛନ୍ତି । ସୁମିତ୍ରାଙ୍କ ଅଭିଯୋଗ ପରେ ଜୁନାଗଡ଼ ପୋଲିସ ଉପରୋକ୍ତ ୩ ଶିକ୍ଷକ ସମେତ ସମୁଦାୟ ୬ ଜଣଙ୍କ ନାମରେ ଏକ ମାମଲା ନଂ (୫୮୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏ ନେଇ ଜୁନାଗଡ଼ ଆଇଆଇସି ଶେଷରେ ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ। ସେହିପରି ଏହି ଘଟଣାକୁ ନେଇ ଜୁନାଗଡ଼ ବିଇଓଙ୍କ ପଚାରିବାରୁ ଥାନାରୁ ଉକ୍ତ ଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ ପତ୍ର ଆସିବା ପରେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ପଣସପୁଟ ହତ୍ୟାକାଣ୍ଡର ପର୍ଦ୍ଦାଫାସ

ପୂର୍ବ ଶତ୍ରୁତାରୁ ଜୀବନ ନେଇଛନ୍ତି ୨ ଅଭିଯୁକ୍ତ

ଜୟପୁର,୪।୯(ସଂଚାର ବ୍ୟୁରୋ): କୋରାପୁଟ ଟାଉନ୍ ଥାନା ଅନ୍ତର୍ଗତ ପଣସପୁଟ ଓ ବାଉଁଶଗୁଡ଼ା ଛକ ନିକଟରେ ଘଟିଥିବା ହତ୍ୟା ଘଟଣାର, ପର୍ଦ୍ଦାଫାସ କରିଛି କୋରାପୁଟ ଟାଉନ ପୁଲିସ। ଏହି ମାମଲାରେ ଜଣେ ନାବାଳକ ସହ ମୋଟ ୨ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ରାହୁଲ ବେନିଆ ଓ ଟୁବୁଲା ଟାକରି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟାଇଥିବା ଉଭୟ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଏ ନେଇ କୋରାପୁଟ ଅତିରିକ୍ତ ଏସ୍‌ପି ଅମ୍ବିତ ମହାନ୍ତି କୋରାପୁଟ ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୩୧ ତାରିଖରେ କୋରାପୁଟ ସଦର ଥାନା ଅନ୍ତର୍ଗତ ମାଳିତୋଳା ଗ୍ରାମର ଗୋବିନ୍ଦ ମାଳି ଥାନାରେ ହାଜର ହୋଇ ପଣସପୁଟ ଓ ବାଉଁଶଗୁଡ଼ା ଛକ ନିକଟରେ ଏକ ପାହାଡ ତଳେ ତାଙ୍କର ୩୦ ବର୍ଷୀୟ ପୁଅ ଅନ୍ତେଶ୍ୱରଙ୍କ ମୃତଦେହ ରହିଥିବା ନେଇ ସୂଚନା ଦେଇଥିଲେ। ତାଙ୍କ ରିପୋର୍ଟ ଆଧାରରେ କୋରାପୁଟ ଟାଉନ ଥାନାରେ ଏକ ମାମଲା ରୁଜୁ କରି କୋରାପୁଟ ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ତଦନ୍ତ ଆରମ୍ଭ କରିଥିଲେ। ପୁଲିସ୍‌ର ତଦନ୍ତରୁ ଜଣାପଡ଼ିଛି ଯେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରାଯାଇଛି। ପୁଲିସ ତା'ର ଖୋଳତାଡରେ ଡୁମୁରିପୁଟର ଟିଫିନ୍ ଷ୍ଟଲରେ ଚାକିରି କରୁଥିବା ରାହୁଲ ବେନିଆଙ୍କର ପୂର୍ବରୁ ମୃତ ଅନ୍ତେଶ୍ୱରଙ୍କ ସହ ବିବାଦ ଥିବା ଜାଣିବାକୁ ପାଇଥିଲା। ଏହି ବିବାଦ ପରିପ୍ରେକ୍ଷୀରେ ଗତ ୩୦ ତାରିଖରେ ତାଙ୍କ ଦୋକାନରେ କାମ କରୁଥିବା ସମୟରେ ଅନ୍ତେଶ୍ୱରଙ୍କୁ ରାହୁଲ ଭେଟିଥିଲେ। ପରେ ସୂରଜ ଟାକ୍ରି ଓରଫ ଟୁବୁଲା ଅନ୍ୟ ଜଣେ ନାବାଳକ ସହ ମିଶି ଅନ୍ତେଶ୍ୱରଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଏହି ୩ ଜଣ ଅନ୍ତେଶ୍ୱରଙ୍କୁ ବାଇକ୍‌ରେ ପଦ୍ମପୁର-ପଣସପୁଟ ଆଡକୁ ଅନୁସରଣ କରି ପଣସପୁଟ ଛକରେ ତାଙ୍କୁ ଅଟକାଇ ରାସ୍ତା କଡ଼କୁ ଟାଣିନେଇଥିଲେ। ସେଠାରେ ସେମାନେ ତାଙ୍କୁ ଭୀଷଣ ମାଡ଼ ମାରିବା ସହ ଏକ ଲୁହା କଙ୍କଣ ଯୋଗେ ଆକ୍ରମଣ କରିଥିଲେ। ରାହୁଲ ବେନିଆ ମଧ୍ୟ ପୀଡିତାଙ୍କ ମୁଣ୍ଡକୁ ପଥରରେ ବାରମ୍ବାର ଆଘାତ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେମାନେ ମୃତଦେହକୁ ନିକଟସ୍ଥ ବୁଦାରେ ଫିଙ୍ଗିଦେଇଥିଲେ। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଥିବା ବେଳେ ଜଣେ ସିସିଏଲ୍ ଗିରଫ ହୋଇ ଜେଜେବିଙ୍କ ସମ୍ମୁଖରେ ହାଜତ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଅମ୍ବିତ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମହଙ୍ଗା ପଡ଼ିଲା ଦବଙ୍ଗଗିରି: ବଦଳିଲେ ୨ ଆଇଆଇସି

ବଲାଙ୍ଗୀର,୪।୯(ସଂଚାର ବ୍ୟୁରୋ): ଦବଙ୍ଗଗିରିକୁ ନେଇ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କଣ୍ଟାବାଞ୍ଜି ଥାନାକୁ ମାଡ଼ି ବସିଥିବା ରଶ୍ମିତା ବେହେରାଙ୍କୁ ସଇଁତଳା ଥାନା ଏବଂ ସଇଁତଳା ଥାନା ଅଧିକାରୀ ରମେଶ ଚନ୍ଦ୍ର ବଡ଼େଇଙ୍କୁ ବଲାଙ୍ଗୀର ହେଡ୍‌କ୍ୱାର୍ଟରକୁ ବଦଳି କରାଯାଇଛି। କଣ୍ଟାବାଞ୍ଜି ଆଇଆଇସିଙ୍କ ସ୍ୱାମୀଙ୍କ ଦାଦାଗିରି ଯୋଗୁ ସେ ବିବାଦକୁ ଆସିଥିଲେ। ଠିକ୍ ସେହିପରି ବଡ଼ମାଳ ଫାଣ୍ଡିରେ ଫାଣ୍ଡି ଅଧିକାରୀଙ୍କୁ ମାଡ଼ ଘଟଣାକୁ ନେଇ ବଦନାମ ହୋଇଥିଲା ସଇଁତଳା ପୁଲିସ। କଣ୍ଟାବାଞ୍ଜିଠାରେ ଗତ ମଙ୍ଗଳବାର ରାତିରେ ଜଣେ ଅଜଣା ବ୍ୟକ୍ତି ନିଜକୁ ପୁଲିସ ଅଧିକାରୀ ବୋଲି ପରିଚୟ ଦେଇ ଭୁଜା ଠେଲାରେ ଭୁଜା ଖାଉଥିବା କିଛି ଲୋକଙ୍କୁ ମାଡ ମାରିଥିବା ଓ ପୁଲିସ ଗାଡି ଡକାଇ ଥାନାକୁ ଜବରଦସ୍ତି ନେଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜଣେ ମହିଳା ପୁଲିସ ଅଧିକାରୀଙ୍କ ସ୍ୱାମୀ ବୋଲି ଜଣାପଡ଼ିବା ପରେ କଣ୍ଟାବାଞ୍ଜିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ଆସିବା ପରେ ଆଜି ଏସ୍‌ପି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଗୋରୁ ଗାଡ଼ି ଛାଡ଼ି ପଳାଇଲେ ମାଫିଆ

ଘଟଗାଁ,୪।୯(ସଂଚାର ବ୍ୟୁରୋ): ଆଜି ଭୋର୍‌ରୁ କେତେକ ମାଫିଆ (ନଂ. ଜେଏଚ୦୫ଭି ୩୬୬୭) ଏକ ବୋଲେରୋ ଯୋଗେ ଗୋରୁମାନଙ୍କୁ ନେଇଯାଉ ଥିବା ସମୟରେ ବଜରଙ୍ଗ ଦଳ ଖବର ପାଇ ପିଛା କରିଥିଲେ। ତେବେ ଗାଡ଼ି ଚାଳକ ଖସି ପଳାଇବାକୁ ଉଦ୍ୟମ କରିବା ଫଳରେ ଗାଡ଼ିଟି ଘଟଗାଁ ଥାନା ପାଉଛିଆ ନିକଟରେ ରାସ୍ତା କଡ଼କୁ ଖସିଯାଇଥିଲା। ତେବେ ଗାଡ଼ି ଚାଳକ ଓ ସେଥିରେ ଥିବା ଜଣେ ମାଫିଆ ଘଟଣାସ୍ଥଳରୁ ଚମ୍ପଟ ମାରି ଜଙ୍ଗଲ ଭିତରକୁ ପଳାଇଥିଲେ। ତେବେ ସ୍ଥାନୀୟ ଲୋକେ ଓ ବଜରଙ୍ଗ ଦଳର ସଦସ୍ୟମାନେ ଗୋରୁଙ୍କୁ ଉଦ୍ଧାର କରିଥିଲେ।

ଗ୍ରାମୀଣ ଯୁବପିଢ଼ିକୁ ସ୍ୱାବଲମ୍ବୀ କରୁଛି ବେଦାନ୍ତ ଭେଦକ୍ଷତା ତାଲିମ କେନ୍ଦ୍ର

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାର ବିଲେଇମୁଣ୍ଡା ଗ୍ରାମରେ ଏହାର ପ୍ରମୁଖ ଭେଦକ୍ଷତା ତାଲିମ କେନ୍ଦ୍ର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି। ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ୮୭ ଜଣ ଯୁବକଯୁବତୀ ଭାରତର ବିଭିନ୍ନ ପ୍ରତିଷ୍ଠିତ ସଂଗଠନରେ ନିଯୁକ୍ତି ପାଇଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ ଜନିତ ଦକ୍ଷତା ସହିତ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

ଡିସେମ୍ବର ୨୦୨୪ରେ ଆରମ୍ଭ ହୋଇଥିବା ଭେଦକ୍ଷତା ଅଭିଯାନ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ଓ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଛି। ଏହି କେନ୍ଦ୍ର ୩ଟି ବୃତ୍ତି ନିମନ୍ତେ ମାଗଣା ତାଲିମ ପ୍ରଦାନ କରେ। ଯଥା ସିଲାଇ ମେସିନ୍ ପରିଚାଳନା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଖାଦ୍ୟ ଓ ପାନୀୟ ସେବା। ଆଗାମୀ ୩ ବର୍ଷ ମଧ୍ୟରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଘୋଘରପାଲି, ଜାମଖାନି ଓ କୁରାଲୋଇରେ ଏହାର କୋଇଲା ଖଣି ପ୍ରକଳ୍ପ ପାଖରେ ଥିବା ସମ୍ପ୍ରଦାୟର ୭୦୦ରୁ ଅଧିକ ଗ୍ରାମୀଣ ଯୁବପିଢ଼ିଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ, ୩୬ ଜଣ ସହାୟକ ବିଦ୍ୟୁତ କର୍ମଚାରୀ, ୩୧ ଜଣ ସିଲେଇ ମେସିନ୍ ଅପରେଟର ଓ ୨୦ ଜଣ ଖାଦ୍ୟ ଓ ପାନୀୟ ସେବା ପରିଚାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ନିଯୁକ୍ତି ଦିଆଯାଇଛି। ଗ୍ରାମୀଣ ଯୁବକମାନଙ୍କୁ ଏକ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରିଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଯୁବପିଢ଼ିଙ୍କ ବ୍ୟାବସାୟିକ କୌଶଳ ବିକାଶ ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବାର ପ୍ରମୁଖ କାରଣ। ଭେଦକ୍ଷତା ମାଧ୍ୟମରେ ଗ୍ରାମୀଣ ଓଡ଼ିଶାର ଯୁବକମାନଙ୍କୁ ବ୍ୟାବହାରିକ ଦକ୍ଷତା ସହ ସଜ୍ଜିତ କରିବା ସହ ସେମାନଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସହ ସଂଯୋଗ କରାଯାଉଛି ବୋଲି ଶ୍ରୀ କୁମାର କହିଛନ୍ତି।

ଗାଁରେ ପହଞ୍ଚି ଚମ୍ପାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ମେଡିକାଲ୍ ପଢ଼ିବା ପାଇଁ ଯୋଗ୍ୟତା ପାଇ ରଚିଛନ୍ତି ଇତିହାସ

ମାଲକାନଗିରି,୪।୯(ସଂଚାର ବ୍ୟୁରୋ): ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଆଦିମ ଡିଡ଼ାୟୀ ଜନଜାତିର ପ୍ରଥମ ଡାକ୍ତର ହେବାକୁ ଯାଉଥିବା ଚମ୍ପା ରାସପେଦାଙ୍କ ଗାଁରେ ପହଞ୍ଚିଛନ୍ତି ନିଜେ ଜିଲ୍ଲାପାଳ। ଚମ୍ପାଙ୍କ ଗାଁରେ ପହଞ୍ଚିବା ଖବର ପାଇ ନିଜେ କୋରକୁଣ୍ଡା ବ୍ଲକ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଆମ୍ବଲିବେଡା ସ୍ଥିତ ବାସଭବନ କୁ ଯାଇ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି। ଚମ୍ପା ଆଦିମ ଡିଡ଼ାୟୀ ଜନଜାତି ସମାଜର ପ୍ରଥମ ଡାକ୍ତର ହେବାକୁ ଯାଉଛନ୍ତି। ଯାହା ଆମ ଜିଲ୍ଲା ମାଲକାନଗିରି ଓ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ଜିଲ୍ଲାପାଳ କହିଛନ୍ତି। ଡାକ୍ତର ହୋଇ ନିଜ ଜିଲ୍ଲାରେ ସେବା କରିବା ପାଇଁ ଜିଲ୍ଲାପାଳ ଚମ୍ପାଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏଥିସହ ଆଗାମୀ ଦିନରେ ଜଣେ ବିଶେଷଜ୍ଞ ଡାକ୍ତର ହେବାକୁ ଲକ୍ଷ୍ୟ ରଖି ନିଜ ଅଞ୍ଚଳ ଓ ସମାଜର ସେବା କରିବା ପାଇଁ ଚମ୍ପାଙ୍କ ମାର୍ଗଦର୍ଶନ କରିଛନ୍ତି ଜିଲ୍ଲାପାଳ। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କ ସ୍କୁଲ ଓ କଲେଜ ଶିକ୍ଷା ଓ ନିଟ୍ ପ୍ରସ୍ତୁତି କିପରି ରହିଥିଲା, ସେ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସଫଳତା ଅନେକ ଜନଜାତି ଛାତ୍ରଛାତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀବର୍ଗଙ୍କୁ ଅନୁପ୍ରାଣିତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଉକ୍ତ ଗ୍ରାମରେ ଅନେକ ଉଚ୍ଚ ଶିକ୍ଷିତ ଯୁବକଯୁବତୀ ଥିବା କଥା ଜାଣିବାକୁ ପାଇଥିଲେ। ଅମ୍ବଲିବେଡା ଗ୍ରାମ ଜଣେ ଡାକ୍ତରଙ୍କୁ ତିଆରି କରିଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ସେହି ଗ୍ରାମର ମୌଳିକ ଆବଶ୍ୟକତା ଯେପରିକି ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ବିଜୁଳି, ଆବାସ ଗୃହ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କୁ ପାଖରେ ପାଇ ଗ୍ରାମବାସୀ ମଧ୍ୟ ଖୁସି ହୋଇଥିଲେ। ସେହିପରି ଡାକ୍ତର ହୋଇ ନିଜ ଲୋକ ନିଜ ଅଞ୍ଚଳର ସେବା କରିବାର ଲକ୍ଷ୍ୟ ରହିଛି ବୋଲି ଚମ୍ପା କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କୁ ସମ୍ବର୍ଦ୍ଧନା ଜଣାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଏକ ଆଣ୍ଡ୍ରଏଡ ମୋବାଇଲ୍, ପୋଷାକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପାଠପଢ଼ା ପାଇଁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଯେତେବେଳେ ଜାଣିବାକୁ ପାଇଲେ ଯେ ମୋବାଇଲ ଅସୁବିଧା ଯୋଗୁଁ ଚମ୍ପାଙ୍କୁ ପଢ଼ାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେଣୁ ଉଜ୍ଜଳ ଭବିଷ୍ୟତ ପାଇଁ ଜିଲ୍ଲାପାଳ ନିଜେ ଏକ ମୋବାଇଲ ସେଟ୍ ପ୍ରଦାନ କରିଛନ୍ତି। ଏଥିସହ ପାଠ୍ୟପୁସ୍ତକ କିଣିବା ସକାଶେ ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ରାଶି ମଧ୍ୟ ଯୋଗାଇ ଦେଇଛନ୍ତି। ଏହି ଅବସରରେ ଚମ୍ପାଙ୍କ ସହ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଉପସ୍ଥିତ ଥିଲେ।

ଗସ୍ତ ଅବସରରେ ଜିଲ୍ଲାପାଳ ଅମ୍ବଲିବେଡା ଓ ବାୟାପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ମଧ୍ୟ ଶୁଣିଛନ୍ତି। ଅମ୍ବଲିବେଡା ଗ୍ରାମରେ କାଜୁ ଚାଷ କରିବାର ସମସ୍ତ ସୁବିଧା ରହିଥିବାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏକ କାଜୁ ପ୍ରୋସେସିଂ ୟୁନିଟ୍ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହାଦ୍ୱାରା ଗ୍ରାମର ଶିକ୍ଷିତ ଯୁବକଯୁବତୀମାନେ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହାଛଡ଼ା ପାନୀୟ ଜଳ ସମସ୍ୟା ମଧ୍ୟ ଖୁବ୍‌ଶୀଘ୍ର ଦୂର ହେବ ବୋଲି ଗ୍ରାମବାସୀଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, କୋରକୁଣ୍ଡା ବିଡିଓ ଅମୂଲ୍ୟ ସାହୁ, ଡିଡାୟୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାଲା ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ବୀର ସୁରେନ୍ଦ୍ର ସାଏ ନଗରସ୍ଥିତ ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ପାଲା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗାୟକ ଓ ଅନ୍ୟାନ୍ୟ ସଙ୍ଗୀତକାରମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଗାୟକ ପ୍ରବୀର ସନାତନ ଦାସଙ୍କୁ 'ଇରାମୂର୍ତ୍ତି' ସମ୍ମାନ ଓ ଗାୟକ ବ୍ୟାସପୁତ୍ର ଚନ୍ଦ୍ରଶେଖର ପାଢ଼ୀଙ୍କୁ 'ମେଘ ମହ୍ଲାର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦାନ କରି ଓଡ଼ିଆ ଭାଷା ସହ ପାଲା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଶଶାଙ୍କ ଶେଖର ଚୁଡ଼ାମଣି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଉତ୍ପତ୍ତି ଉପରେ ଆଲୋକପାତ କରିଥିଲେ। ପାଇକ ମହାସଂଘ ସଭାପତି ଡଃ ଅଶୋକ କୁମାର ପାଲଟାସିଂହ ଓଡ଼ିଆ ଅସ୍ମିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଗାୟକ ସୁନୀଲ୍ କୁମାର ରାଉତଙ୍କୁ 'ବିଦ୍ୟାଭୂଷଣ' ଓ ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ 'ଜ୍ଞାନଭୂଷଣ' ସମ୍ମାନ ପ୍ରଦାନ କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିବା ବେଳେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

ଶୁକ୍ରବାର ୫ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Friday 5 September 2025, Bhubaneswar

ଜିଏସଟି ସଂଶୋଧନ ଏକ ଯୁଗାନ୍ତକାରୀ ନିଷ୍ପତ୍ତି

ଭାରତରେ ଜିଏସଟି ବ୍ୟବସ୍ଥା କାର୍ଯ୍ୟକାରୀ ହେବାରୁ ଆଠ୍ ୱର୍ଷ ବିତାଯାଇଛି। ଏହା ଦେଶର ଅର୍ଥନୀତିକୁ ଏକୀକୃତ କରିଛି ଏବଂ କର ସଂଗ୍ରହରେ ସୁବିଧା ପ୍ରଦାନ କରିଛି। କିନ୍ତୁ ଏହାର କିଛି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପ୍ରଭାବ ବିବାଦାସ୍ପଦ ରହିଆସିଛି। ସେହିଥିରୁ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବା ଏକ ପ୍ରମୁଖ ବିବାଦର ବିଷୟ ଥିଲା। ଏହା ବୀମାକୁ ଅଧିକ ମହଙ୍ଗା କରି ଜନସାଧାରଣଙ୍କ ପାଇଁ ଅସୁବିଧାଜନକ ହୋଇଥିଲା। ଏହି ପୃଷ୍ଠଭୂମିରେ, ୫୬ତମ୍ ଜିଏସ୍‌ଟେ କାଉନସିଲ ବୈଠକରେ (୩ ସେପ୍ଟେମ୍ବର ୨୦୨୫) ନିଅନ୍ଧାନ କରାଯାଇଥିବା ନିଷ୍ପତ୍ତି ଅନୁସାରେ, ବ୍ୟକ୍ତିଗତ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ସମ୍ପୂର୍ଣ୍ଣ ଭାବେ ଜିଏସଟି ମୁକ୍ତ ହୋଇବ। ୨୨ ସେପ୍ଟେମ୍ବର ୨୦୨୫ରୁ ଏହା କାର୍ଯ୍ୟକାରୀ ହେବ। ଏହି ନିଷ୍ପତ୍ତିକୁ ଜନତା ସର୍ବସ୍ମତରେ ସ୍ୱାଗତ ଜାଣୁଛି, କାରଣ ଏହା ଦେଶର ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ୍ କରିବ।

ଏହି ନିଷ୍ପତ୍ତିର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବର୍ଷରେ ଜିଏସ୍‌ଟେ ଦ୍ୱାରା ସରକାର ବୀମା କ୍ଷେତ୍ରରୁ ପ୍ରାୟ ୧୬, ୦୦୦ କୋଟି ଟଙ୍କା ଆୟ ପାଉଥିଲେ। ଏବେ ଏହା ହ୍ରାସ ପାଇବ। ସତ୍ୟ, କିନ୍ତୁ ଏହାର ଲାଭ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଭାବେ ପହଞ୍ଚିବ। ଉଦାହରଣ ସ୍ୱରୂପ, ଯଦି ଏକ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ୧୦, ୦୦୦ ଟଙ୍କା ହୁଏ, ତେବେ ୧୮% ଜିଏସଟି ଯୋଡ଼ି ୧୧, ୮୦୦ ଟଙ୍କା ହୋଇଥାଏ। ଏବେ ଏହା ୧୦, ୦୦୦ ଟଙ୍କାରେ ହିଁ ରହିଯିବ। ଏହା ମଧବିତ୍ତୀୟ ବର୍ଗର ପାଇଁ ବିଶେଷ ରାହତ। ଭାରତରେ ସ୍ୱାସ୍ଥ୍ୟ ବୀମାର ପ୍ରବେଶାଧିକାର ମାତ୍ର ୪୦%ରୁ କମ୍, ଏବଂ ଜୀବନ ବୀମାର ଏହା ୪%ରୁ ନିମ୍ନ। ଏହି ଉଚ୍ଛେଦ ଦ୍ୱାରା ଅଧିକ ଲୋକ ବୀମା କିଣିବେ, ଯାହା ଦେଶର 'ଇନ୍ସୁରାନ୍ସ ଫର୍ ଅଲ୍ ବାଇ ୨୦୪୭' ଲକ୍ଷ୍ୟକୁ ସାଧନରେ ସାହାଯ୍ୟ କରିବ।

ଜନତାର ସ୍ୱାଗତର କାରଣ ଅନେକ। ପ୍ରଥମେ, ଏହା ସରକାରଙ୍କ ସାମାଜିକ ସୁବିଧା ପ୍ରତି ସମର୍ପଣକୁ ଦର୍ଶାଏ। କେନ୍ଦ୍ରୀୟ ମନ୍ତ୍ରୀ ନିର୍ମଳା ସୀତାରାମଣ୍ କହିଛନ୍ତି ଯେ ଏହି ନିଷ୍ପତ୍ତି ସମସ୍ତ ସ୍ଟେକ୍‌ହୋଲ୍ଡର୍‌ଙ୍କ ସହ ଚର୍ଚ୍ଚା ପରେ ନିଆଯାଇଛି ଏବଂ ଲାଭ ଗ୍ରାହକଙ୍କୁ ପହଞ୍ଚାଇବାକୁ ସରକାର ନିଶ୍ଚିତ କରିବେ। ବୀମା କମ୍ପାନୀମାନେ ମଧ ଏହାକୁ ସ୍ୱାଗତ ଜାଣାଇଛନ୍ତି, ଯେପରି ବଜାଜ୍ ଅଲାଇଆନ୍ସ ଜେନେରାଲ୍ ଇନ୍ସୁରାନ୍ସର ଏମ୍‌ଡି ଡ଼ଃ ତପନ୍ ସିଙ୍ଘେଲ୍ କହିଛନ୍ତି ଯେ ଏହା ସ୍ୱାସ୍ଥ୍ୟ ସୁରକ୍ଷାକୁ ଅଧିକ ସୁଲଭ କରିବ ଏବଂ ଦେଶର ସ୍ୱାସ୍ଥ୍ୟ ସୁନ୍ଦରତାକୁ ମଜବୁତ୍ କରିବ। ଦ୍ୱିତୀୟତଃ, ଏହା ବୃଦ୍ଧବୃଦ୍ଧମାନଙ୍କ ପାଇଁ ବିଶେଷ ରାହତ। ସେନିୟର୍ ସିଟିଜେନ୍ ପଲିସି ଏବଂ ଫ୍ୟାମିଲି ଫ୍ଲୋଟର୍ ପଲିସିରେ ଜିଏସ୍‌ଟେ ହ୍ରାସ ହେବା ଦ୍ୱାରା ମେଡିକାଲ୍ ଖର୍ଚ୍ଚ ବୃଦ୍ଧିରେ ପରିବାରମାନେର ଆର୍ଥିକ ବୋଝ କମ୍ ହେବ। ତୃତୀୟତଃ, ଏହା ଅର୍ଥନୈତିକ ସମାବେଶଣକୁ ପ୍ରୋତ୍ସାହିତ କରିବ। ଭାରତରେ ଅନେକ ଲୋକ ବୀମାକୁ ଲକ୍ଷ୍ୟରୂପରେ ନେଉ ନଥାନ୍ତି, କାରଣ ଏହାର ମୂଲ୍ୟ ଅଧିକ। ଏବେ ଟର୍ମ୍ ଲାଇଫ୍, ୟୁଏଲ୍‌ଆଇପି ଏବଂ ଏଣ୍ଡୋମେଣ୍ଟ୍ ପଲିସିରେ ମୂଲ୍ୟହ୍ରାସ ହେବା ଦ୍ୱାରା ପ୍ରଥମ ଥର କିଣୁଥିବା ଗ୍ରାହକମାନେ ବଢ଼ିବେ।

ତଥାପି, ଏହି ନିଷ୍ପତ୍ତିରେ କିଛି ଚ୍ୟାଲେଞ୍ଜ୍ ମଧ ରହିଛି। ବୀମା କମ୍ପାନୀମାନେ ଏବେ ଇନପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ପାଇଥାନ୍ତି, ଯାହା ତାଙ୍କର ଖର୍ଚ୍ଚାରୁ କର ହ୍ରାସ କରିଥାଏ। ଜିଏସ୍‌ଟେ ହ୍ରାସ ପରେ ଏହା ନଥାଇ ପାରିବେ, ଯାହା ତାଙ୍କର ଅପରେସନାଲ୍ ଖର୍ଚ୍ଚ ୩-୬% ବଢ଼ାଇପାରେ। କିନ୍ତୁ ସରକାର ନିର୍ଦ୍ଦିଷ୍ଟ କରିଛନ୍ତି ଯେ ଲାଭ ଗ୍ରାହକଙ୍କୁ ପହଞ୍ଚାଇବାକୁ ନିଶ୍ଚିତ କରାଯିବ। କାରଣ ଏହା ଦେଶର ସାମାଜିକ ସୁବିଧାକୁ ପ୍ରାଥମିକ୍ୟ ଦେଉଛି।

ଶେଷରେ ଏହି ନିଷ୍ପତ୍ତି ସରକାରଙ୍କ ଜିଏସ୍‌ଟେ ୨.୦ ସଂସ୍କାରର ଏକ ଅଂଶ। ଏହା ନିର୍ଦ୍ଦିଷ୍ଟ ଭାବେ ନନ୍ଦନ ଚତୁର୍ଦ୍ଦଶୀର ପୂର୍ବରୁ କାର୍ଯ୍ୟକାରୀ ହେବା ଦ୍ୱାରା ଜନସାଧାରଣଙ୍କ ପାଇଁ ଏକ ବଡ଼ ଦୀପାବଳି ଉପହାର। ଜନତା ଏହାକୁ ସ୍ୱାଗତ ଜାଣୁଛି କାରଣ ଏହା କେବଳ ଅର୍ଥନୈତିକ ରାହତ ନୁହେଁ, ବରଂ ଜୀବନର ଅନିଶ୍ଚିତତାରୁ ସୁରକ୍ଷାର ଏକ ମଜବୁତ ପଦକ୍ଷେପ। ସରକାରଙ୍କୁ ଏହାର ପ୍ରଭାବକୁ ନିରୀକ୍ଷଣ କରି ଆଗାମୀ ସଂସ୍କାରମାନଙ୍କୁ ଏହି ଦିଗରେ ନେବାକୁ ପରାମର୍ଶ ଦିଆଯାଏ। ଏହା ଦ୍ୱାରା ଭାରତ ଏକ ସ୍ୱାସ୍ଥ୍ୟସମୃଦ୍ଧ ଏବଂ ଆର୍ଥିକ ଭାବେ ସୁରକ୍ଷିତ ଦେଶ ଭାବେ ବିକଶିତ ହେବ।

ସ୍ୟାଡ଼: ଅସନ୍ତୁଳିତ ମାନସିକ ଅବସ୍ଥାର ପ୍ରତିଫଳନ

ପ୍ରଫେସର ଡାକ୍ତର ସମ୍ରାଟ କର

ଅମ୍ବିକାର ଥମଥମ ମୁହଁ ଦେଖି ପ୍ରଥମେ ପ୍ରଭାକର ଆଶ୍ଚର୍ଯ୍ୟ ହୋଇଗଲା। ବିବାହର ଏଇ ଚାରିମାସ ମଧରେ ତା'ର ଏପରି ଗମ୍ଭୀର ମୁହଁ କେବେ ବି ଦେଖି ନଥିଲା। ଭାବିଲା କିଛି ବୋଧେ ସିରିୟସ ଘଟଣା ଘଟିଛି। ବହୁତ ପଚାରିଲା। ହେଲେ କିଛି ହୋଇନି କହି ଅମ୍ବିକା କଥାଟାକୁ ଏଡ଼ାଇ ଦେଲା। କିନ୍ତୁ ଦିନସାରା ସମିତା ଥିଲା ଗୁମସୁମ। ଏଥର ପ୍ରଭାକର ବି ସିରିୟସ ହୋଇଗଲା। ବହୁତ ଅନୁରୋଧ ପରେ ଅମ୍ବିକା କହିଲା, ପ୍ରକୃତରେ ମୋର କିଛି ବି ହୋଇନି। କାହିଁକି କେଜାଣି ମନଟା ଏମିତି ଉଦାସ ଲାଗୁଛି। ବର୍ଷା ହେଲେ ମୋତେ ଏମିତି ଲାଗେ। ବିନା କାରଣରେ କାନ୍ଦିବାକୁ ଇଛା ହୁଏ ଆଉ ଚୁପଚାପ ରହିବାକୁ ଭଲ ଲାଗେ। ତେଣୁ ତୁମେ ବ୍ୟସ୍ତ ହୁଅନି।

ହଁ, ଅମ୍ବିକାଙ୍କର ଏପରି ହେବାଟା କିଛି ନୂଆ କଥା ନୁହେଁ। ବର୍ଷା ଅମ୍ବିକାଙ୍କୁ ଅନ୍ୟ ମନସ୍କ କରାଇ ଦିଏ। ଅନେକ ଲୋକ ଅଛନ୍ତି ଯେଉଁମାନେ ଶୀତରେ ବି ଏମିତି ଅନ୍ୟମନସ୍କ ହୋଇପଡ଼ନ୍ତି। ସେ ଦିନ କ୍ଲିନିକରେ ଅନେକ ଦିନ ପରେ ମୋର ସାକ୍ଷାତ ହୋଇଥିବା ଜଣେ ବନ୍ଧୁ ତାଙ୍କ ବିଷାଦପୂର୍ଣ୍ଣ ନିଜ ଜୀବନର ଘଟଣାବଳୀ ସବୁ ଏହିପରି ବଖାଣୁଥିଲେ। ମୁଁ ତାଙ୍କଠାରୁ ସବୁ କିଛି ଶୁଣି ତାଙ୍କୁ ବ୍ୟସ୍ତ ନହୋଇ କହିଲି ସେପରି ଏହାର କାରଣ କିଛି ନଥାଏ। ଏହା କେବଳ ଋତୁର ପ୍ରଭାବ, ଯାହାକୁ ଇଂରାଜୀରେ କହନ୍ତି 'ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର' ବା 'ସ୍ୟାଡ଼'। ଅସନ୍ତୁଳିତ ମାନସିକ ଅବସ୍ଥାର ପ୍ରତିଫଳନ ହେଉଛି ସ୍ୟାଡ଼। ଋତୁ ଅନୁଯାୟୀ ଆଲୋକ ପରିବର୍ତ୍ତନ ଯୋଗୁଁ ଏପରି ମାନସିକ ଅସନ୍ତୁଳନ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ ସାଧାରଣତଃ ଆମେ ଉଦାସ ହୋଇପଡ଼ୁ।

ଏହି ମାନସିକ ଅସନ୍ତୁଳିତ ସମସ୍ୟା ବା ସ୍ୟାଡ଼ ଏକ ନିର୍ଦ୍ଦିଷ୍ଟ ଋତୁର ଅବସ୍ଥା ଅର୍ଥାତ୍ ବର୍ଷର ଏକ ନିର୍ଦ୍ଦିଷ୍ଟ ଋତୁରେ ଏହାର ଲକ୍ଷଣ ଦେଖାଯାଇଥାଏ। ଅନ୍ୟାନ୍ୟ ଋତୁ ତୁଳନାରେ ଶୀତଋତୁରେ ଏହାର ପ୍ରଭାବ ବେଶୀ। ଅନ୍ୟପକ୍ଷରେ ବସନ୍ତ ଏବଂ ଗ୍ରୀଷ୍ମଋତୁରେ ଏହାର ପ୍ରଭାବରେ କମ ଲୋକ ଆସିଥାନ୍ତି। ସ୍ୟାଡ଼ର ପ୍ରଭାବରେ ମଣିଷ ଅଧିକାଂଶ ସମୟ ଉଦାସ ରହିଥାଏ। ଦୁର୍ବଳତା ବୋଧ କରେ। ବିରକ୍ତି ବୃଦ୍ଧି ପାଏ। ମୁଣ୍ଡ ବିନ୍ଧା ବଢ଼ିବା ସାଙ୍ଗକୁ ଅଧିକ ନିଦ ଲାଗେ। ସେକ୍ସ ପ୍ରତି ଆଗ୍ରହ ରହେନାହିଁ। ନିଜ ଅଜାଣତରେ ଆବଶ୍ୟକତା ଠାରୁ ଅଧିକ ଖାଇ ହୋଇଯାଏ।

ଆସନ୍ତୁ ଏହାର କାରଣ ସମ୍ପର୍କରେ ଜାଣିବା। ଏହାର ପ୍ରମୁଖ କାରଣ ହେଉଛି ଅତ୍ୟଧିକ କାମର ଚାପ, ଶରୀରର ରସାୟନିକ ପ୍ରକ୍ରିୟା ପ୍ରମୁଖ। ଏହାଛଡ଼ା ମେଲାଟୋନିନ ନାମକ ନିଦ ସମ୍ପର୍କିତ ଏକ ହରମୋନ ମଧ ଏହି ଉଦାସୀନତା ବା ସ୍ୟାଡ଼ ସହିତ ସଂଶ୍ଳିଷ୍ଟ। ଏପରିକି ଏହା ସ୍ୟାଡ଼ର ଅନ୍ୟତମ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଶୀତ ରାତିରେ ଏହି ହରମୋନ ପରିମାଣ ବୃଦ୍ଧି ପାଇଥାଏ, ଯେଉଁଥିପାଇଁ ଏହି ଋତୁରେ ସ୍ୟାଡ଼ ଦ୍ୱାରା ବେଶି ଲୋକ ଆକ୍ରାନ୍ତ ହୋଇଥାନ୍ତି। ଏହାର ଚିକିତ୍ସା ଗୁଡ଼ିକ ହେଉଛି ଲାଇଟ ଥେରାପି : ଶୀତଋତୁର ଉଦାସୀନତାରୁ ମୁକ୍ତି ପାଇବା ପାଇଁ ଅଧିକାଂଶ ଲୋକ ଏହି ଲାଇଟ ଥେରାପିର ସାହାଯ୍ୟ ନେଇଥାନ୍ତି। ଏହି ଚିକିତ୍ସା ପଦ୍ଧତି ଅନୁସାରେ ଆପଣଙ୍କୁ ସକାଳେ ଏକ କୋଠରିରେ ସାଧାରଣ ଲାଇଟ ଠାରୁ ୧୦ରୁ ୨୦ଗୁଣ ଅଧିକ ଲାଇଟର ବ୍ୟବସ୍ଥା କରିବାକୁ ପଡ଼ିବ। ଆପଣଙ୍କୁ ଏହି ଲାଇଟ ଠାରୁ ମାତ୍ର ଅଳ୍ପ କେତେ ଫୁଟ ଦୂରରେ ବସିବାକୁ ପଡ଼ିବ। ଦିନକୁ ଅତିକମରେ ୩୦ ମିନିଟ କିମ୍ବା ତା'ଠାରୁ ଅଧିକ ସମୟ ନିୟମିତ ଏପରି ବସିବାକୁ ପଡ଼ିବ। ଉଜ୍ଜ୍ୱଳ ଆଲୋକ ସମ୍ମୁଖରେ ବସିଲେ 'ମେଲାଟୋନିନ' ହରମୋନ ହ୍ରାସ ପାଇବା ସହ ସେରୋଟୋନିନ ହରମୋନ ବୃଦ୍ଧି ପାଇବ।

ସାଇକୋ ଥେରାପି : ସ୍ୟାଡ଼ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ସାଇକୋ ଥେରାପି ମଧ ସାହାଯ୍ୟ ନିଆଯାଇପାରେ। ଏହି ଥେରାପି ନକାରାତ୍ମକ ଚିନ୍ତାଧାରା ଏବଂ ଏହାର ବ୍ୟବହାରର କାରଣ ବାହାର କରିବା ସହିତ ଏହାର ନିରାକରଣ କରିବାରେ ମଧ ସାହାଯ୍ୟ କରିଥାଏ।

ମାନସିକ ଅସନ୍ତୁଳିତ ଏହି ଅସ୍ୱସ୍ତିକର ଅବସ୍ଥାକୁ ନେଇ ପୀଡ଼ିତର ଆଖପାଖ ଲୋକଙ୍କର ସେପରି କିଛି ଚିନ୍ତିତ ହେବାର କାରଣ ନାହିଁ। ସର୍ବପ୍ରଥମେ ପୀଡ଼ିତ ଜଣଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ରଖନ୍ତୁ। ସେହିପରି ତାଙ୍କୁ କୌଣସି ଉଦାସୀନତା, ଚିଡ଼ିଚିଡ଼ାପଣ, ବିରକ୍ତିକର ଅବସ୍ଥା ଭିତରକୁ ଠେଲି ଦିଅନ୍ତୁ ନାହିଁ। ଯେମିତି ନିଜ କୋଠରିକୁ ଆବଶ୍ୟକତା ଠାରୁ ଅଧିକ ଆଲୋକିତ କରିପାରନ୍ତି। ଘରେ ଅଧିକ ସ୍କାଏଲାଇଟ ବ୍ୟବସ୍ଥା କରିପାରନ୍ତି। ଏହାଛଡ଼ା ବାହାରର ଗଛଡ଼ାଳ ଯଦି ଆଲୋକର ପ୍ରତିବନ୍ଧକ ହୋଇଥାଏ, ତେବେ ଏହାକୁ କାଟି ସଫା କରିପାରନ୍ତି। ଖରାରେ କିଛି ସମୟ ବାହାରେ ବୁଲନ୍ତୁ। ବିଶେଷକରି ଶୀତଋତୁରେ। ନିୟମିତ ବ୍ୟାୟାମ କରନ୍ତୁ, ଅତ୍ୟଧିକ ଚାପରୁ ମୁକ୍ତି ପାଇବା ପାଇଁ ସହଜ ବାଟ ବାହାର କରନ୍ତୁ। ଯଦି ସମ୍ଭବ ହୁଏ, ତେବେ ଶୀତକାଳୀନ ଛୁଟି ନେଇ ଗରମ ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବର୍ଷା ଦିନେ ଏହି ସମସ୍ୟା ଦେଖାଦେଉଥିଲେ ସମୟ କାଢ଼ି ବାହାରକୁ ବୁଲିଯିବା ପାଇଁ ଯୋଜନା କରନ୍ତୁ। ସୁଷମ ଖାଦ୍ୟ, ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ପୀଡ଼ିତ ଜଣଙ୍କୁ ଶାରୀରିକ ଓ ମାନସିକ ଭାବେ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏଥିରୁ ପୀଡ଼ିତ ଜଣଙ୍କ ମୁକ୍ତି ପାଇବା ସହ ତାଙ୍କ ଜୀବନ ପୂର୍ବ ପରି ଆନନ୍ଦମୟ ହୋଇପାରିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩

ଭାରତୀୟ ପରମ୍ପରାରେ ଗୁରୁ ପୂଜନ



ଡକ୍ଟର ଲକ୍ଷ୍ମଣ ସାହୁ

"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ "।

ଭାରତୀୟ ପରମ୍ପରା ରେ 'ଗୁରୁ' ଏକ ପରମ ପବିତ୍ର ଶବ୍ଦ। ଗୁରୁ, ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାଇଥାନ୍ତି। ଯାହାଙ୍କ ପ୍ରଦତ୍ତ ଜ୍ଞାନର ଦାନରେ ସାଧାରଣ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିବାରେ ସହଜ ହୁଏ। କେବେ କେବେ ତାଙ୍କର ଆକଟଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ। ଶିକ୍ଷା କ୍ଷେତ୍ରରେ ପାଠ ହେଉ କି ସଙ୍ଗୀତ , ଖେଳ ହେଉ କି ନୃତ୍ୟ , ବାଦ୍ୟ ହେଉ କି ବକ୍ତୃତା, ପ୍ରତିଟି କ୍ଷେତ୍ରରେ ତାଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦିଏ ଅଜସ୍ର ଖ୍ୟାତି, ଯଶ, ପ୍ରସିଦ୍ଧି। ସେ ହେଉଛନ୍ତି ସାକ୍ଷାତ ପରମବ୍ରହ୍ମ। ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ କୁହାଯାଇଛି, ଯେପରି କ୍ଷୀର ବିନା ଗାଈ, ଫୁଲବିନା ଲତା, ଚରିତ୍ର ବିନା ସ୍ତ୍ରୀ, ପଦ୍ମ ବିନା ଜଳ, ଶାନ୍ତି ବିନା ବିଦ୍ୟା, ଅଧିବାସୀ ବିନା ନଗର ଶୋଭାପାଏ ନାହିଁ, ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ।

ଗୁରୁଙ୍କ ସାନ୍ନିଧ ବିନା କେବେ ଗୁଣବାନ, ତତ୍ତ୍ୱଦର୍ଶୀ, ନିଖୁଣ କର୍ମକାରୀ, ଅଭିଜ୍ଞ ଏପରିକି ପବିତ୍ର ହୋଇପାରିବ ନାହିଁ। ଭଗବାନ ଶ୍ରୀକୃଷ୍ଣ ଷୋହଳ କଳା ନେଇ ଜନ୍ମ ହୋଇଥିଲେ ମଧ ତାଙ୍କୁ ଗୁରୁ କରିବାକୁ ପଡ଼ିଥିଲା। ମହାନ୍ ଶିଖ୍ ଧର୍ମଗୁରୁ ଅମର ଦାସ ଗୁରୁ କରିନଥିଲେ ବୋଲି, ଆତିଥ୍ୟ ପ୍ରଦାନର ପୁଣ୍ୟ କରିବାକୁ ତାଙ୍କୁ ସୁଯୋଗ ମିଳିନଥିଲା। ତାଙ୍କ ଗୃହକୁ ଆସିଥିବା ଆଗନ୍ତୁକ ତାଙ୍କୁ କହିଥିଲେ, 'ପ୍ରଥମେ ଯାଆନ୍ତୁ ଗୁରୁ କରି ନିଜ ଦେହମନକୁ ପବିତ୍ର କରିବେ, ତା'ପରେ ଆତିଥ୍ୟ ପ୍ରଦାନ କରି ପୁଣ୍ୟ ଅର୍ଜିବେ।' ସେଦିନ ଆଗନ୍ତୁକ ଧର୍ମଗୁରୁ ଅମର ଦାସଙ୍କ ଆତିଥ୍ୟ ପ୍ରତ୍ୟାଖ୍ୟାନ କରି ଫେରିଯାଇଥିଲେ।

ଭାରତୀୟ ପରମ୍ପରାରେ ଗୁରୁଙ୍କର ଶିଷ୍ୟକୁ ଶିକ୍ଷାରୂପକ ମହାଦାନ ପ୍ରଦାନ କରୁଥିବାରୁ, ତାଙ୍କୁ ଈଶ୍ୱରଙ୍କ ସହ ତୁଳନା କରାଯିବା ସହିତ ପୂଜା କରାଯାଏ। ଭାରତୀୟ ସଂସ୍କୃତିରେ ଏହି ଗୁରୁ ପୂଜନର ପରମ୍ପରା ବହୁ ପ୍ରାଚୀନ। ସବୁଦିନ ପ୍ରତ୍ୟେକ କିଛି ନା କିଛି ଶିକ୍ଷା ଲାଭ କରିଥାନ୍ତି। ତେଣୁ ପ୍ରତ୍ୟେକ ଦିନ ପାଇଁ ଗୁରୁଙ୍କର ଦିନ। ମାତ୍ର ଗୁରୁଙ୍କର ସମ୍ମାନାର୍ଥେ ଦୁଇଟି ସମ୍ପୂର୍ଣ୍ଣ ଦିନ ପ୍ରଦାନ କରିବା ଆମ ଭାରତୀୟ ସଂସ୍କୃତିର ବଳିଷ୍ଠତାକୁ ପ୍ରମାଣ କରେ। ଆଦିଗୁରୁ ମହର୍ଷି ବ୍ୟାସଙ୍କ ଜନ୍ମତିଥିକୁ 'ଗୁରୁପୂର୍ଣ୍ଣିମା' ଭାବରେ ପାଳନ କରାଯାଏ। ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ କୁହାଯାଏ। ବେଦ ପରି ବୃହତ୍ ଗ୍ରନ୍ଥକୁ ସେ ଋକବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବାରୁ ତାଙ୍କୁ ବେଦବ୍ୟାସ ରୂପେ ନାମିତ କରାଯାଇଛି। ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଏହା ପଡ଼ିଥାଏ। ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ପ୍ରଭୃତିର ପ୍ରଣେତା ମହର୍ଷି ବ୍ୟାସଦେବଙ୍କ ଜନ୍ମତିଥି। ସେ ମଧ ବେଦାନ୍ତ ଦର୍ଶନ ଓ ଅଦ୍ୱୈତବାଦର ସଂସ୍ଥାପକ। ତାଙ୍କୁ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି ବିଶ୍ୱାସ ରହିଛି। ସେହି ଗୁରୁକୁଳ ପରମ୍ପରା ଅନୁସାରେ - ଗୁରୁମାନେ ତାଙ୍କ ଶିଷ୍ୟମାନଙ୍କୁ ଅନ୍ଧକାରରୁ ଜ୍ଞାନର ଆଲୋକ ପ୍ରଦର୍ଶନ କରିଥାନ୍ତି। ତେଣୁ ଶାସ୍ତ୍ରରେ କୁହାଯାଇଛି -" ଗୁକାରୋଚ୍ଚନ୍ଦରାରସ୍ତୁ ରୁକାରସ୍ତ ନିବର୍ତ୍ତକଃ / ଅନ୍ଧକାର ନିବୃତ୍ୟାତୁ ଗୁରୁରିତ୍ୟରି ଧୀୟତେ "।।

'ଗୁ' କହିଲେ ଅନ୍ଧାର ଏବଂ 'ରୁ' ର ଅର୍ଥ ଅଜ୍ଞାନ। ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି। ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ଗୁରୁ ଅର୍ଥରେ ସେ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି। ଗୁରୁଙ୍କର ମହତ୍ତ୍ୱ ଅକଳ୍ପନୀୟ , ସମୁଦ୍ର ଭଳି ଗଭୀର ଓ ଆକାଶ ଭଳି ପରିବ୍ୟାପ୍ତ। ଯାହାଙ୍କର କୌଣସି କଳନା ନାହିଁ। ଗୁରୁଙ୍କ ସାନ୍ନିଧ ଓ ଶିକ୍ଷା ଦ୍ୱାରା ଜଣେ ସାଧାରଣରୁ ନିଖୁଣ ହୋଇପାରେ। ପିତାଗୁରୁ, ମାତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ। ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ। ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ ଠାରୁ ବିଦ୍ୟା, ଦୀକ୍ଷାଗୁରୁଙ୍କ ଠାରୁ ସିଦ୍ଧି ପ୍ରାପ୍ତ ହେଲେ ବି; ଜଣେ ମାଟି, ଜଳ, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ବୃକ୍ଷ, ଜୀବଜଗତଙ୍କଠାରୁ ଅନେକ କିଛି ଶିଖେ। ନିଜେ କଟେଇଥିବା ସମୟଠାରୁ ଅଭିଜ୍ଞତା ଗ୍ରହଣ କରିବି ଜଣେ ଏହି ସଂସାର ପଥ ଅତିକ୍ରମ କରିବାକୁ ଶିକ୍ଷାଲାଭ କରେ।

ଏଣୁ ସାମଗ୍ରିକ ଦୃଷ୍ଟିରୁ ଗୁରୁଶବ୍ଦର ଏକ ମହାବ୍ୟାପ୍ତିତାକୁ ଅନୁଭବ କରି ହୁଏ। ତେଣୁ ଶାସ୍ତ୍ର ମତରେ ଗୁରୁ ସର୍ବବ୍ୟାପ୍ତି, ସର୍ବ ଶକ୍ତିମାନ ଓ ସର୍ବ ଜ୍ଞାତ୍ବର ଆଧାର। ପ୍ରାକୃତିକ ଶକ୍ତିର ଗୁଣ ତାଙ୍କ ଭିତରେ ସମାହିତ। ଏଣୁ ଦର୍ଶାଇ ଦିଆଯାଇଛି- " ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ / ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ "। ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି। ଶିକ୍ଷା ବିନା ମାନବ ଜୀବନ ନିରର୍ଥକ ପାଲଟି ଯାଏ , ଦେଶର ବିକାଶ ଘଟିପାରେ ନାହିଁ। ତେଣୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଙ୍କର ମହତ୍ତ୍ୱ ସେହିପରି ସବୁ ସମୟରେ ଅଛି। ଆଜିର ସମୟକୁ ବି ଦେଖିଲେ ଯିଏ ଯେଉଁକ୍ଷେତ୍ରରେ ବି ଯାଉ, ସେହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ ଜଣେ ସଦ୍ ଗୁରୁ, ବା ଶିକ୍ଷକ ବା ପରାମର୍ଶଦାତା ବା କୋଚ୍ ବା ମେଣ୍ଟରଙ୍କର ନିହାତି ଆବଶ୍ୟକତା ରହିଛି। ତାଙ୍କର ଅବର୍ତ୍ତମାନରେ କୌଣସି ପ୍ରକାର ଆଗକୁ ଆଗେଇବା ସମ୍ଭବ ନୁହେଁ। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାହିଁ ଅନୁଭବ କରିଥିଲେ। ତେଣୁ ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏହା ଏକ ବିଶେଷ ଦିବସ। ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ।

ଊନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା। କହିବାକୁ ଗଲେ ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ। ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି। ଦୃଷ୍ଟାନ୍ତ ସ୍ୱରୂପ, ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ (ସେପ୍ଟେମ୍ବର ୫) ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଆଗରୁ ସୂଚିତ କରିଥିବା ପାରମ୍ପାରିକ ଭାବରେ ହିନ୍ଦୁମାନଙ୍କ ଦ୍ୱାରା ଗୁରୁମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ମଧ ପାଳନ କରାଯାଏ। ଆର୍ଜେଣ୍ଟିନା ୧୯୧୫ ମସିହାରୁ ସେପ୍ଟେମ୍ବର ୧୧ରେ ଡୋମିଙ୍ଗୋ ଫାଉଷ୍ଟିନୋ ସାର୍ମିଏଣ୍ଟୋଙ୍କ ମୃତ୍ୟୁ ଦିବସକୁ ଶିକ୍ଷକ ଦିବସ ଭାବରେ ପାଳନ କରିଆସୁଛି। ୧୯୯୪ରେ ୟୁନେସ୍କୋଦ୍ୱାରା ସ୍ଥାପିତ ବିଶ୍ୱ ଶିକ୍ଷକ ଦିବସ ସହିତ ମିଳିତ ଭାବରେ ଅନେକ ଦେଶ ଅକ୍ଟୋବର ୫ ତାରିଖରେ ସେମାନଙ୍କର ଶିକ୍ଷକ ଦିବସ ପାଳନ କରିଥାନ୍ତି। ସେଭଳି ଭାରତୀୟମାନେ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ପ୍ରତିବର୍ଷ ଗୁରୁଦିବସ ଭାବେ ପାଳନ କରିଆସୁଛନ୍ତି। ସେ ଜଣେ ଦାର୍ଶନିକ ତଥା ଜଣେ କୁଶଳୀ ରାଷ୍ଟ୍ରନୀତିଜ୍ଞ ଓ ଜଣେ ଆଦର୍ଶ ଶିକ୍ଷକ ଭାବରେ ରାଧାକ୍ରିଷ୍ଣନ୍ ବେଶ୍ ପରିଚିତ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଭାରତର ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ଓ ବନ୍ଧୁମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ଏହାକୁ ନେଇ ସେ କହିଥିଲେ, " ତୁମେମାନେ ମୋ ଜନ୍ମଦିନ ପାଳନ କରିବା ଅପେକ୍ଷା, ଯଦି ଏହି ଦିନ ଗୁରୁମାନଙ୍କ ଦିବସ ଭାବରେ ପାଳନ କରିବ ତାହା ମୋ ପାଇଁ ସମ୍ମାନର ପରିଚୟ ହେବ।"

ତାଙ୍କ କଥାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଆଦର୍ଶ ଗୁରୁ ହୋଇଥାନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ ଜଣେ '। ଗୁରୁ ଓ ରାସ୍ତା ଏକାପରି। ସେମାନେ ଯେକୌଣସି ଜାଗାରେ ଥାଇ ମଧ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥାନ୍ତି। ଏହା ହିଁ ତ ଗୁରୁଙ୍କ ମହାନତା। ଗୁରୁଙ୍କ ଉପରେ ଛାତ୍ରଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ । କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି। ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନାହିଁ। ଗୁରୁ ହିଁ ସର୍ବ ପ୍ରେରଣାର ଉତ୍ସ।

ପ୍ରତ୍ୟେକ ଶିକ୍ଷାର୍ଥୀ ଜନ୍ମରୁ, ସର୍ବପ୍ରଥମେ ପିତାମାତାଙ୍କଠାରୁ ପ୍ରାରମ୍ଭିକ ଶିକ୍ଷା ପାଇଥାଏ। ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ। ପରେ ଶିଶୁଟି ଖଡି ଧରିବା ଆରମ୍ଭ କରିଥାଏ। ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ। ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ। ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ। ଶିକ୍ଷା ହେଉଛି ପ୍ରଗତିର ମାପକାଠି। ଏହା ମାଧମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ। ସବୁଠୁ କଠିନ କାର୍ଯ୍ୟ ମଧରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା। ସୁନାଗରିକଭାବେ ଜୀବନ ନିର୍ବାହ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ , ବିଜ୍ଞାନ, କୌଶଳ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଓ ପରିପାର୍ଶ୍ୱ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନ କରିବା ହେଉଛି ଶିକ୍ଷକଙ୍କ କାର୍ଯ୍ୟ। ଆନ୍ତର୍ବିଦ୍ୟା ଓ ବହୁବିଷୟକ ଗବେଷଣା ମାଧମରେ ପ୍ରଗତିଶୀଳ, ଜ୍ଞାନ ସମ୍ଭବ ପୋଷଣୀୟ ସମାଜ ନିର୍ମାଣ କରିବା ପାଇଁ ଉଦ୍ୟମ ଜାରିରଖିବାକୁ ଆଦର୍ଶ ଶିକ୍ଷକ ହିଁ ଚେଷ୍ଟା କରିଥାନ୍ତି। ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତକାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ନୈତିକତା, ଗୁଣବତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତିଗତ ଉନ୍ନତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତକରିବା ଓ ଚେତନାର ଉତ୍ତରଣ ମାଧମରେ ଜଗତକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବାପାଇଁ ଯେଉଁ ଶିକ୍ଷକ ମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ଆଜି ବନ୍ଦନୀୟ ଓ ସ୍ମରଣୀୟ।

ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା,ଜ୍ଞାନ ଆହରଣର ନୂତନମାର୍ଗ ମାଧମରେ ଗତିଶୀଳ ଜ୍ଞାନଭିତ୍ତକ ଅର୍ଥନୀତି ସଂପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ରୂପାନ୍ତର ଆଜିର ପ୍ରତ୍ୟେକ ଗୁରୁଙ୍କ ପବିତ୍ର ଦିବସର କାମ୍ୟ ହେଉ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ-୪, ମୋବାଇଲ୍: ୯୦୪୦୧୫୧୪୭୫

ଗୁରବେ ନମଃ

ଲକ୍ଷ୍ମୀପ୍ରିୟା ଦାସ

ଗୁରୁ ଆମ ଜୀବନର ପଥ ପ୍ରଦର୍ଶକ, ଜ୍ଞାନର ପ୍ରଦୀପ ଏବଂ ସଠିକ ଦିଗ୍ ଦର୍ଶକ। ଭାରତୀୟ ସଂସ୍କୃତିରେ 'ଗୁରୁ' ଶବ୍ଦର ଅର୍ଥ ଦୁଇଟି ଶବ୍ଦର ସମାହାର। 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ଜ୍ଞାନ; ଅର୍ଥାତ୍ ଯିଏ ଆମକୁ ଅଜ୍ଞାନ ରୂପକ ଅନ୍ଧାରରୁ ମୁକ୍ତ କରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି ସେ ହେଉଛନ୍ତି 'ଗୁରୁ'। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କୁ ସମ୍ମାନ କରି, ଭାରତରେ ଗୁରୁ ଦିବସ ପ୍ରଥମେ ଆରମ୍ଭ ହୋଇଥିଲା। ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ଆନ୍ଧ୍ର ପ୍ରଦେଶର ତିରୁତାନି ଠାରେ ରାଧାକୃଷ୍ଣନ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ଶିକ୍ଷା ପ୍ରତି ତାଙ୍କର ଆନ୍ତରିକତା ଏବଂ ଶିକ୍ଷକ ସମାଜ ପ୍ରତି ସମ୍ମାନ ଲାଗି ତାଙ୍କ ଜନ୍ମ ଦିନକୁ ଚିରସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଏହି ଦିବସ ଆମେ ପାଳନ କରିଥାଉ।

ଭାରତର ଶିକ୍ଷା କ୍ଷେତ୍ରକୁ ତାଙ୍କର ବିଶେଷ ଅବଦାନ ରହିଛି। ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ। ଛାତ୍ରଛାତ୍ରଛାତ୍ରୀମାନଙ୍କୁ ସେ ବହୁତ ଭଲ ପାଉଥିଲେ ଏବଂ ନିଜର ଆତ୍ମୀୟ ପରି ମିଶୁଥିଲେ। ଛାତ୍ରଛାତ୍ରୀମାନେ ଯେତେବେଳେ ତାଙ୍କ ଜନ୍ମଦିନକୁ ପାଳନ କରିବାକୁ କହିଲେ, ରାଧାକୃଷ୍ଣାନ କହିଥିଲେ, "ମୋର ଜନ୍ମଦିନକୁ ପାଳନ କରିବା ପରିବର୍ତ୍ତେ, ଯଦି ସେହି ଦିନଟିକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଏ ମୁଁ ଅଧିକ ଗର୍ବିତ ହେବି।" ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ଆମ ଦେଶରେ ଗୁରୁ ଦିବସ ପାଳିତ ହୋଇଆସୁଛି। ଗୁରୁ ହିଁ ସାକ୍ଷାତ ଈଶ୍ୱର। ତାଙ୍କ ଆଶୀର୍ବାଦରେ ଆମ୍ଭେମାନେ ଭବିଷ୍ୟତରେ ଉନ୍ନତି କରିଥାଉ। ଗୁରୁଙ୍କ ମହତ୍ତ୍ୱ କେବଳ ପାଠ୍ୟ ପୁସ୍ତକର ଜ୍ଞାନ ଦେବା ନୁହେଁ; ବରଂ ଜୀବନର ନୈତିକତା,



ଶିଷ୍ଟାଚାର, ମୂଲ୍ୟବୋଧ ଓ ସମାଜରେ ଭଲ ମଣିଷ ହେବାର ପ୍ରେରଣା ଦେବା ହେଉଛି ଜଣେ ପ୍ରକୃତ ଗୁରୁର ପରିଚୟ। ଆଜିକାଲି ଗୁରୁ ଦିବସ ସମସ୍ତ ସ୍କୁଲ, କଲେଜ ଏବଂ ଶିକ୍ଷା ସଂସ୍ଥାନରେ ଅନୁଷ୍ଠିତ ହେଉଅଛି। ଏହି ଦିନ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ପ୍ରଣାମ କରନ୍ତି, ଆଶୀର୍ବାଦ ଭିକ୍ଷା କରନ୍ତି, ଉପହାର ଦେଇ ସମ୍ମାନ ଜଣାନ୍ତି। ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି କେହି କେହି ଗୁରୁଙ୍କୁ ସମ୍ମାନିତ କରିଥାନ୍ତି। ଶିକ୍ଷା ବିନା ଆମ ଜୀବନ କଳ୍ପନା କରିବା ଅସମ୍ଭବ। ଆମ ଶରୀରକୁ ଯେପରି ଖାଦ୍ୟର ଆବଶ୍ୟକତା ରହିଛି, ସେହିପରି ଜୀବନରେ କିଛି ଲକ୍ଷ୍ୟ ହାସଲ କରିବା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଗୁରୁଙ୍କ ଅନୁପ୍ରେରଣାରେ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରୁ। ଯୁଗେ ଯୁଗେ ଗୁରୁ ହେଉଛନ୍ତି ପୂଜ୍ୟ, ଚିର ନମସ୍ୟ। ପୁରାଣ ଯୁଗରୁ ଗୁରୁଙ୍କୁ ଉଚ୍ଚ ଆସନ ଦିଆଯାଇଛି। ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ସମ୍ପର୍କର ଐତିହ୍ୟ ଅତ୍ୟନ୍ତ ପ୍ରାଚୀନ ଏବଂ ପବିତ୍ର। ଭାରତ ବର୍ଷ ହେଉଛି ଜ୍ଞାନ ଗରିମାର ଦେଶ। ଏ ଦେଶର ଶିକ୍ଷା ପ୍ରଣାଳୀ ପ୍ରାଚୀନ କାଳରେ ଉନ୍ନତ ଥିଲା। ପ୍ରାଚୀନ ଗୁରୁ କୁଳ ପ୍ରଥାରେ ଶିଷ୍ୟମାନେ ଆଶ୍ରମରେ ରହି ଶିକ୍ଷା, ଶିଷ୍ଟାଚାର, ସଂସ୍କାର, ଏକତା, ସହିଷ୍ଣୁତା ଆଦି ସୁଗୁଣ ଶିକ୍ଷା କରୁଥିଲେ। ଗୁରୁଙ୍କୁ ସେମାନେ ନିଜ ପିତାମାତାଙ୍କ ଭଳି ସମ୍ମାନ ପ୍ରଦର୍ଶନ କରୁଥିଲେ। ଶିକ୍ଷା ସହିତ ସେମାନେ ନିଜ ଗୁରୁଙ୍କ ପାଇଁ ସେବା ଏବଂ ଶ୍ରମ ଦାନ କରୁଥିଲେ। ଆତ୍ମନିୟନ୍ତ୍ରଣ ମଧ ଶିଖୁଥିଲେ। ପୁରାତନ କାଳର ଗୁରୁ-ଶିଷ୍ୟର ସମ୍ପର୍କ କଥା ଆସିଲେ, ଆମେ ଏକଲବ୍ୟଙ୍କୁ ମନେ ପକେଇ ଥାଉ; ଯିଏ ଗୁରୁଙ୍କୁ ଦକ୍ଷିଣାରେ ନିଜ ଆଙ୍ଗୁଠି କାଟି ଦେଇଥିଲେ।

ଆଧୁନିକ ଯୁଗରେ ଯଦିଓ ପ୍ରଯୁକ୍ତି ବିଦ୍ୟା, ପୁସ୍ତକ, ଇଣ୍ଟରନେଟ ଦ୍ୱାରା ଶିକ୍ଷା ସୁଲଭ ହୋଇଛି, କିନ୍ତୁ ଗୁରୁ-ଶିଷ୍ୟ ସମ୍ପର୍କର ପବିତ୍ରତା ଓ ମୂଲ୍ୟବୋଧ ଆଜି ବି ପ୍ରାସଙ୍ଗିକ। ଗୁରୁ ଦିବସ କେବଳ ଏକ ଉତ୍ସବ ନୁହେଁ; ବରଂ ଏହା ଆମ ପାଇଁ ଗୁରୁଙ୍କୁ ସ୍ମରଣ କରିବାର ପବିତ୍ର ଦିନଟିଏ। ପୁରାତନ କାଳରେ ଯେଉଁଠାରେ ଗୁରୁଙ୍କୁ ଦେବତା ତୁଲ୍ୟ ଭାବି ପୂଜା କରାଯାଉଥିଲା, ଆଜିର ଆଧୁନିକ ଯୁଗରେ ଗୁରୁଦିବସ ପାଳନ ଏକ ସାମାଜିକ ଶିକ୍ଷାଗତ ଉତ୍ସବର ରୂପ ନେଇଛି। ଗୁରୁ ହେଉଛନ୍ତି ବ୍ରହ୍ମାଙ୍କ ପରି ସ୍ରଷ୍ଟା ବିଷ୍ଣୁଙ୍କ ପରି ପାଳନ କର୍ତ୍ତା, ଶିବଙ୍କ ପରି ଜ୍ଞାନର ଭଣ୍ଡାର। ଶିଷ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟ ପରାୟଣତା, ଜଣେ ଗୁରୁଙ୍କ ନିକଟରେ ସବୁବେଳେ ଶୋଭା ପାଇଥାଏ। ଗୁରୁ-ଶିଷ୍ୟ ମଧରେ ଏକ ଅନାବିଳ ସମ୍ପର୍କ ରହିଆସିଛି ; ଯାହା ବର୍ତ୍ତମାନର ଗୁରୁ ଦିବସକୁ ମଧ ସୂଚାଇଥାଏ। ଏଥିପାଇଁ ଗୁରୁଙ୍କ ସମ୍ମାନାର୍ଥେ ଯଥାର୍ଥରେ କୁହାଯାଇଛି- "ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର ; ଗୁରୁ ସାକ୍ଷାତ୍ ପରମ୍ ବ୍ରହ୍ମ, ତସ୍ମୈଶ୍ରୀ ଗୁରବେ ନମଃ।

ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ବିଧାନସଭାରେ ବିଜେପି-ଟିଏମ୍‌ସି ବିଧାୟକ ହାତାହାତି

୫ ବିଜେପି ବିଧାୟକ ନିଲମ୍ବିତ

କୋଲକାତା, ୪।୯: ଆଜି ପଶ୍ଚିମବଙ୍ଗ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ସମୟରେ ବିଜେପି ବିଧାୟକ ଏବଂ ମାର୍ଶାଲମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏହାପରେ ବିଜେପି ବିଧାୟକ ଏବଂ ମୁଖ୍ୟ ସଚେତକ ଶଙ୍କର ଘୋଷଙ୍କ ସମେତ ପାଞ୍ଚ ଜଣ ବିଧାୟକଙ୍କୁ ଗୃହର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ନିଲମ୍ବିତ ହୋଇଥିବା ବିଧାୟକମାନଙ୍କ ମଧ୍ୟରେ ମୁଖ୍ୟ ସଚେତକ ଶଙ୍କର ଘୋଷ, ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ଅଶୋକ ଦିଣ୍ଡା ଏବଂ ବଙ୍କିମ ଘୋଷ ଙ୍କ ନାମ ରହିଛି।

ବାସ୍ତବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭାଷଣ ସମୟରେ, ବିଜେପି ବିଧାୟକମାନେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ, ଶାସକ ତୃଣମୂଳ କଂଗ୍ରେସର ବିଧାୟକମାନେ ବିଜେପିକୁ ଚୋର-ଚୋର ବୋଲି କହି ସ୍ଲୋଗାନ ମଧ୍ୟ ଦେଇଥିଲେ। ଏହି ପାଞ୍ଚ ଜଣଙ୍କୁ ଗୃହର ବାକି କାର୍ଯ୍ୟରୁ ଗୋଟିଏ ଦିନ ଅର୍ଥାତ୍ ଆଜି ପାଇଁ ନିଲମ୍ବିତ କରାଯାଇଥିଲା । ବିଧାନସଭା ବାଚସ୍ପତିଙ୍କ ଏହି କାର୍ଯ୍ୟ ଉପରେ ବିଜେପି ମମତା ସରକାରଙ୍କ ଉପରେ ଆକ୍ରମଣ କରୁଛି । ବିଜେପି କହିଛି ଯେ ପଶ୍ଚିମବଙ୍ଗରେ ଗଣତନ୍ତ୍ର ମରିଯାଇଛି ।

ଅଧିକାରୀ ଜଣକ କହିଛନ୍ତି ଯେ ବଙ୍ଗଳା ବିଧାନସଭାରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ଶୁଭେନ୍ଦୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମମତା ଏବଂ ତାଙ୍କ ପ୍ରଶାସନ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା କହିବା ପରେ ବିଧାନସଭାରେ ହଙ୍ଗାମା ଆରମ୍ଭ ହୋଇଥିଲା । ସେ କହିବା ଆରମ୍ଭ କରିବା ମାତ୍ରେ ବିଜେପି ବିଧାୟକମାନେ ସ୍ଲୋଗାନ ଦେବା ଆରମ୍ଭ କରିଦେଲେ। ଏହା ପରେ ଟିଏମସି ବିଧାୟକମାନେ ମଧ୍ୟ ସ୍ଲୋଗାନ ଦେବା ଆରମ୍ଭ କଲେ। କେବଳ ଏତିକି ନୁହେଁ, ବିଧାନସଭାରେ ବୋତଲ ମଧ୍ୟ ଫିଙ୍ଗାଯାଇଥିଲା । ଏହା ୧ ଘଣ୍ଟାରୁ ଅଧିକ ସମୟ ଧରି ଜାରି ରହିଥିଲା ଏହା ପରେ, ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ସ୍ଲୋଗାନ ଦେବା ଏବଂ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ବିଜେପି ବିଧାୟକମାନଙ୍କୁ ନିଲମ୍ବିତ କରିଥିଲେ ।

ହଟ୍ଟଗୋଳ ପରେ ମମତା ବାନାର୍ଜୀ କହିଥିଲେ ଯେ ବିଜେପି ମୋତେ କହିବାକୁ ଦେଉନାହିଁ। ବିଜେପି ବଙ୍ଗଳା ବିରୋଧୀ। ଏହା ଗୃହରେ ଆଲୋଚନା ଚାହୁଁନାହିଁ । ମମତା ବିଜେପିକୁ ଭୋଟ ଚୋର ବୋଲି କହିଥିଲେ। ପ୍ରବଳ ହୋହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀ ତାଙ୍କର ମତ ରଖିବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିଜେପି ବିଧାୟକମାନଙ୍କ ପ୍ରତିବାଦ ଜାରି ରହିଥିଲା। ଏହା ପରେ, ବାଚସ୍ପତି ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଅନ୍ୟ ଚାରି ଜଣ ବିଜେପି ବିଧାୟକ - ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ଅଶୋକ ଦିଣ୍ଡା ଏବଂ ବଙ୍କିମ ଘୋଷଙ୍କୁ ଭିନ୍ନ ଭିନ୍ନ ସମୟରେ ନିଲମ୍ବିତ କରିଥିଲେ ।

ବଢୁଛି ଯମୁନା ଯନ୍ତ୍ରଣା, ହାଇ ଆଲର୍ଟରେ ଦିଲ୍ଲୀ

ନୂଆଦିଲ୍ଲୀ, ୪।୯: ଦିଲ୍ଲୀରେ ଯମୁନା ନଦୀର କରାଳ ରୂପ । ଗମ୍ଭୀର ବନ୍ୟା ସଙ୍କଟ ଦେଇ ଗତି କରୁଛି ରାଜଧାନୀ ଦିଲ୍ଲୀ । ୨୦୧୩ର ରେକର୍ଡ ଭାଙ୍ଗିଛି ଯମୁନା ନଦୀର ଜଳସ୍ତର । ହାଇ ଆଲର୍ଟରେ ଦିଲ୍ଲୀ । ପ୍ରଭାବବିତ ହୋଇଛନ୍ତି ୮ ହଜାରରୁ ଅଧିକ ଲୋକ। ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଦିଲ୍ଲୀ ସଚିବାଳୟ ନିକଟରେ ଯମୁନା ପାଣି ପହଞ୍ଚିଛି। ଯମୁନା ବନ୍ୟା ସମତଳ ପାର୍ଶ୍ୱରେ ଥିବା ଦିଲ୍ଲୀ ସଚିବାଳୟର ଅଣ୍ଡରପାସରେ ପ୍ରବଳ ପାଣି ପଶିଛି। ଏହାକୁ ବାହାର କରିବା ପାଇଁ ସକ୍ସନ ପାଇପ୍ ମଧ୍ୟ ଲଗାଯାଇଛି । ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ବର୍ଷା ଚେତାବନୀ ଦିଆଯାଇଛି।

ମୟୂର ବିହାର ଫେଜ୍-୧ରେ ନିର୍ମିତ ରିଲିଫ୍ କ୍ୟାମ୍ପଗୁଡ଼ିକ ମଧ୍ୟ ବୁଡ଼ି ଯାଇଛି। ସ୍ୱାମୀ ନାରାୟଣ ମନ୍ଦିର, ଫୁଟଓଭର ବ୍ରିଜ୍ ଏବଂ ସିଭିଲ୍ ଲାଇନ୍ସ ଅଞ୍ଚଳ ମଧ୍ୟ ପାଣିରେ ବୁଡ଼ି ରହିଛି। ଏଠାରେ ଥିବା ବଙ୍ଗଳାଗୁଡ଼ିକ ମଧ୍ୟ ପାଣିରେ ବୁଡ଼ି ରହିଛି । ଦିଲ୍ଲୀର ପୁରୁଣା ଲୁହା ପୋଲରେ ଯମୁନା ନଦୀର ଜଳସ୍ତର ୨୦୭.୩୯ ରେକର୍ଡ କରାଯାଇଛି । ପୂର୍ବରୁ ୨୦୧୩ରେ ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର୨୦୭.୩୨ ମିଟର ରେକର୍ଡ କରାଯାଇଥିଲା ।

ଏହା ସହିତ, ଯମୁନା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ, କାଶ୍ମୀର ଗେଟ୍ ଅଞ୍ଚଳର କିଛି ଅଂଶ ଜଳମଗ୍ନ ହୋଇଛି। ଯମୁନାର ଜଳସ୍ତର ନିରନ୍ତର ବୃଦ୍ଧି ପାଉଛି। କାଶ୍ମୀର ଗେଟ୍ ବସ୍ ଟର୍ମିନାଲ ବୁଡ଼ି ଯାଇଛି । ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ହାଇଆଲର୍ଟ ଜାରି କରିଛନ୍ତି ଦିଲ୍ଲୀ ସରକାର । ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ଏନ୍‌ଡିଆର୍‌ଏଫ୍ ଟିମକୁ ମୁତୟନ କରାଯାଇଛି ।

ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯମୁନା ନଦୀର ଜଳସ୍ତର ବଢ଼ିବା କାରଣରୁ ରାଜଧାନୀ ଦିଲ୍ଲୀରେ ପାଖାପାଖି ୮ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ମୁଙ୍ଗେଶପୁର ନଳାର ପାଇଁ ୫୦ ଫୁଟ ଉଚ୍ଚତାର ବନ୍ଧ ଭାଙ୍ଗିବାରୁ ଦିଲ୍ଲୀରେ ଅନେତ ତଳିଆ ଅଞ୍ଚଳରେ ବନ୍ୟାପାଣି ପଶିଛି । ସେମାନଙ୍କୁ ଅସ୍ଥାୟୀ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି ।

ଚୀନ୍ ତିଆରି କଲା ୨୦ ହଜାର କିମି ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର

ଚୀନ୍, ୪।୯: ରାଜଧାନୀ ବେଜିଂର ତିଆନାନମେନ୍ ସ୍କୋୟାରରେ ଆୟୋଜିତ ହୋଇଛି ବିଜୟ ଦିବସ ପରେଡ୍ । ଏହି ସମୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ, ୟୁରୋପ ଏବଂ ଆମେରିକାକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି । ବିଜୟ ଦିବସରେ ହୋଇଥିବା ପରେଡ୍‌ରେ ଚୀନ୍ ପ୍ରଥମ ଥର ପାଇଁ ନିଜର ନୂତନ ଡିଏଫ୍-୫ସି ଆନ୍ତଃମହାଦେଶୀୟ ରଣନୈତିକ ପରମାଣୁ କ୍ଷେପଣାସ୍ତ୍ରକୁ ସାର୍ବଜନୀନ ଭାବରେ ଉପସ୍ଥାପନ କରିଛି । ଏହି କ୍ଷେପଣାସ୍ତ୍ର ତରଳ ଇନ୍ଧନ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ହୋଇଛି । ଗ୍ଲୋବାଲ୍ ଟାଇମ୍ସ ଚୀନ୍ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉଦ୍ଧୃତି ଦେଇ କହିଛି ଯେ ଏହାର ପରିସର ୨୦,୦୦ କିଲୋମିଟରରୁ ଅଧିକ ହୋଇପାରେ, ଯାହାର ଅର୍ଥ ହେଉଛି ଏହା ବିଶ୍ୱର ଯେକୌଣସି ସ୍ଥାନରେ ସମ୍ପୂର୍ଣ୍ଣ ଧ୍ୱଂସ କରିପାରିବ । ଏକ ଘାତକ କ୍ଷେପଣାସ୍ତ୍ର ତିଆରି କରିଛି ଚୀନ। ଯାହାର ନାମ ହେଉଛି ଡିଏଫ୍-୫ସି । ପରମାଣୁ ଯୁଦ୍ଧାସ୍ତ୍ର ବହନ କରି ଦୁନିଆର ଯେକୌଣସି ପ୍ରାନ୍ତକୁ ଏହା ଟାର୍ଗେଟ କରିପାରିବାରେ ସକ୍ଷମ। କେବଳ ଏତିକି ନୁହେଁ ଗୋଟିଏ ସମୟରେ ଏହି କ୍ଷେପଣାସ୍ତ୍ର ୧୦ଟି ପୃଥକ ସ୍ଥାନରେ ଆକ୍ରମଣ କରିପାରିବ । ଚୀନ୍ ଏହାକୁ "ଗ୍ଲୋବାଲ୍ କଭରେଜ୍ ଷ୍ଟ୍ରାଇକ୍ କ୍ଷମତା" ଭାବରେ ପ୍ରଚାର କରୁଛି । ଏହି କ୍ଷେପଣାସ୍ତ୍ରର ନିୟୋଜନ ସୂଚାଇ ଦେଇଛି ଯେ ପିଏଲ୍‌ଏ ଏବେ ଏହାର ରଣନୈତିକ ପରମାଣୁ ପ୍ରତିରୋଧକୁ ନୂତନ ଉଚ୍ଚତାରେ ନେଇଯାଇଛି । ଏବେ ଚୀନ୍ ଆମେରିକାର ପ୍ରତ୍ୟେକ ଇଞ୍ଚକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟରେ, ଚୀନ୍ ପ୍ରତିରକ୍ଷା ବିଶେଷଜ୍ଞ ପ୍ରଫେସର ୟାଙ୍ଗ ଚେଙ୍ଗଜୁନ୍ ଡିଏଫ୍-୫ସି ର ୬ ଟି ବିଶେଷ ବୈଶିଷ୍ଟ୍ୟ ଉଲ୍ଲେଖ କରିଛନ୍ତି । ଏହାର ଗତି ଘଣ୍ଟା ପ୍ରତି ପ୍ରାୟ ୧୨ ହଜାର କିଲୋମିଟର ହେବାର ସମ୍ଭାବନା ଅଛି । ଏହାର ଦୂରଗାମୀ ସୀମା ଅଛି, ଅର୍ଥାତ୍ ୨୦,୦୦କିଲୋମିଟରରୁ ଅଧିକ । ଏହାର ଅର୍ଥ ହେଉଛି ଯେ ଚୀନ୍ ଏବେ ବିଶ୍ୱର ଯେକୌଣସି ସ୍ଥାନରେ ପରମାଣୁ ବୋମା ପକାଇପାରିବ ଏବଂ ବିଶ୍ୱର କୌଣସି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ବାଧା ଦେଇପାରିବ ନାହିଁ । ଡିଏଫ୍-୫ସି ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଅତ୍ୟନ୍ତ ଗତି। ପ୍ରଫେସର ୟାଙ୍ଗ ଚେଙ୍ଗଜୁନ୍ ଆକଳନ କରିଛନ୍ତି ଯେ, ଏହାର ଗତି ଶବ୍ଦର ଗତି ଅପେକ୍ଷା ଅନେକ ଗୁଣ ଅଧିକ ହୋଇଥିବାରୁ, ବିଶ୍ୱର ଯେକୌଣସି କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ପାଖରେ ଏହାକୁ ବନ୍ଦ କରିବା ପାଇଁ ବହୁତ କମ୍ ସମୟ ରହିବ। ସାମରିକ ପରେଡରେ ବ୍ୟାପକ ଭାବରେ ପ୍ରଦର୍ଶିତ ଡିଏଫ୍-୫ସି ସମେତ ଅନେକ ନୂତନ ପ୍ରକାରର ରଣନୈତିକ ପରମାଣୁ ଆକ୍ରମଣ ଅସ୍ତ୍ର ଚୀନର ପରମାଣୁ ରଣନୀତି ସହିତ ସମାନ । ଚୀନ ସର୍ବଦା ପ୍ରତିରକ୍ଷା ପ୍ରକୃତିର ପରମାଣୁ ରଣନୀତି ପାଳନ କରିଆସିଛି, ଯାହାର ଲକ୍ଷ୍ୟ ଅନ୍ୟ ଦେଶଗୁଡ଼ିକୁ ଚୀନ ବିରୁଦ୍ଧରେ ପରମାଣୁ ଅସ୍ତ୍ର ବ୍ୟବହାର କିମ୍ବା ବ୍ୟବହାର କରିବାକୁ ଧମକ ଦେବାରୁ ନିବୃତ୍ତ କରିବା ଏବଂ ଜାତୀୟ ରଣନୈତିକ ସୁରକ୍ଷା ସୁନିଶ୍ଚିତ କରିବା ।

ମୋଦିଙ୍କ ଗସ୍ତ ପୂର୍ବରୁ ମଣିପୁରରେ ଖୋଲିବ ଜାତୀୟ ରାଜପଥ-୨

ନୂଆଦିଲ୍ଲୀ, ୪।୯: କେନ୍ଦ୍ର ସରକାର ଏବଂ ମଣିପୁର ସରକାର ମିଶି କୁକି-ଜୋ ଗ୍ରୁପ ସହ ନୂଆ ଚୁକ୍ତି କରିଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ଭାବ୍ୟ ଗସ୍ତ ପୂର୍ବରୁ ଏହି ଚୁକ୍ତି ହୋଇଛି। ରାଜ୍ୟରେ ସୀମା ନିର୍ଦ୍ଧାରଣ ନେଇ ଚୁକ୍ତି ହୋଇଛି। ତେବେ ମେ ୨୦୨୩ ରେ ମୈତି ଓ କୁକିମାନଙ୍କ ମଧ୍ୟରେ ଜାତିଗତ ହିଂସା ଦେଖାଦେବା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମଣିପୁର ଗସ୍ତ କରିବେ।

ଆଜି ନୂଆଦିଲ୍ଲୀରେ ଆଲୋଚନା ସମୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଜାତାୟତ ପାଇଁ ଜାତୀୟ ରାଜପଥ-୨ ପୁନଃ ଖୋଲିବା ଏହି ଚୁକ୍ତିରେ ପ୍ରମୁଖ ବିଷୟ ରହିଥିଲା। କୁକି-ଜୋ ପରିଷଦ (କେଜେଡ୍‌ସି) ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଶାନ୍ତି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବାହିନୀ ସହିତ କାମ କରିବାକୁ ପ୍ରତିଶ୍ରୁତି ଦେଇଛି। ଗୃହ ମନ୍ତ୍ରଣାଳୟ ଏବଂ କେଜେଡ୍‌ସି ପ୍ରତିନିଧିମାନଙ୍କ ମଧ୍ୟରେ ଅନେକ ବୈଠକ ବସିବା ପରେ ଏହି ନିଷ୍ପତ୍ତି ହୋଇଛି। ଏହା ସହିତ, ଆଜି ତ୍ରିପାକ୍ଷିକ କାର୍ଯ୍ୟ ନିଲମ୍ବନ ଚୁକ୍ତିନାମାକୁ ସଂଶୋଧନ କରାଯାଇଛି। ଏହି ଚୁକ୍ତିନାମାରେ ପୁନଃଆଲୋଚନା ହୋଇଥିବା ମୂଳ ନିୟମ ଅନ୍ତର୍ଭୁକ୍ତ, ଯାହା ପରବର୍ତ୍ତୀ ବର୍ଷ ପାଇଁ ଲାଗୁ ହେବ, ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ। ସଂଶୋଧିତ ସର୍ତ୍ତାବଳୀ ମଣିପୁରର କ୍ଷେତ୍ରୀୟ ସୀମାକୁ ବଜାୟ ରଖିବାର ଗୁରୁତ୍ୱକୁ ଗୁରୁତ୍ୱ ଦିଆଯାଇଛି।

ନବୀକରଣ ହେବ ନୌସେନା ହେଲିକପ୍ଟର

ନୂଆଦିଲ୍ଲୀ,୪।୯: ନବୀକରଣ ହେବ ନୌସେନା ହେଲିକପ୍ଟର। ଉପଲବ୍ଧ ହେବ ଏଇଏସ୍‌ଏ ରାଡାର ସିଷ୍ଟମ। ଅପରେସନ ସିନ୍ଦୁରର ସଫଳତା ପରେ, ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବା ପାଇଁ ନୌସେନାର ହେଲିକପ୍ଟରଗୁଡ଼ିକୁ ଆହୁରି ଉନ୍ନତ କରାଯିବ। ଏଥିପାଇଁ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ଏକ ବଡ଼ ପଦକ୍ଷେପ ନେଇ ନୂତନ ଏଇଏସ୍‌ଏ ରାଡାର ସିଷ୍ଟମ ପାଇଁ ଏକ ଟେଣ୍ଡର ଜାରି କରିଛି। ଏହି ରାଡାରକୁ ଭାରତୀୟ ନୌସେନାର ୟୁଟିଲିଟି ହେଲିକପ୍ଟର-ମେରିଟାଇମ୍ ବା ୟୁଏଚ୍-ଏମ୍‌ରେ ସ୍ଥାପନ କରାଯିବ।

ନୌସେନା ଏହି ହେଲିକପ୍ଟର ଗୁଡ଼ିକୁ ସମୁଦ୍ରରେ ନିରୀକ୍ଷଣ ଏବଂ ଅପରେସନ ପାଇଁ ବ୍ୟବହାର କରେ। ଏହି ହେଲିକପ୍ଟର ଏକ ୫.୭ ଟନ୍ ଓଜନର ଟ୍ୱିନ-ଇଞ୍ଜିନ୍ ପ୍ଲାଟଫର୍ମ, ଯାହା ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର ଉପରେ ଆଧାରିତ ଏବଂ ସମସ୍ତ ପ୍ରକାରର ସାମୁଦ୍ରିକ ମିଶନରେ ନିୟୋଜିତ ହୋଇଥାଏ। ହାଲ୍‌ର ସରକାରୀ ସୂତ୍ର ଅନୁସାରେ, ହାଇଦ୍ରାବାଦରେ ଅବସ୍ଥିତ ହାଲ୍‌ର ଷ୍ଟ୍ରାଟେଜିକ୍ ଇଲେକ୍ଟ୍ରୋନିକ୍ସ ରିସର୍ଚ୍ଚ ଆଣ୍ଡ ଡିଜାଇନ୍ ସେଣ୍ଟର ଦ୍ୱାରା ଏହି ଟେଣ୍ଡର ଜାରି କରାଯାଇଛି। ବିଶେଷ କଥା ହେଉଛି ଏହି ଟେଣ୍ଡର କେବଳ ଭାରତୀୟ ଯୋଗାଣକାରୀଙ୍କ ପାଇଁ ଯାହା ଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଯୋଜନାକୁ ପ୍ରୋତ୍ସାହନ ମିଳିବ। ନୂତନ ଏଇଏସ୍‌ଏ ରାଡାର ହେଲିକପ୍ଟରର ସାମୁଦ୍ରିକ ନିରୀକ୍ଷଣ କ୍ଷମତାକୁ ବୃଦ୍ଧି କରିବ। ଏହା ସବୁପାଗ ଏବଂ ଦିବାରାତ୍ର କାର୍ଯ୍ୟରେ କାମ କରିବ। ଏହା ସାମୁଦ୍ରିକ ଲକ୍ଷ୍ୟ ଚିହ୍ନଟ ଏବଂ ଟ୍ରାକ କରିବା ସହଜ କରିବ। ଏହା ବ୍ୟତୀତ ଏହା ପାଣିପାଗ ସୂଚନା, ଚଳପ୍ରଚଳ ଡଙ୍ଗାର ଟ୍ରାକିଂ, ସନ୍ଧାନ ଏବଂ ଉଦ୍ଧାର ଏବଂ ସ୍ୱତନ୍ତ୍ରା ଏସ୍‌ଏଆର୍ ମୋଡ୍ ରେ ମଧ୍ୟ କାର୍ଯ୍ୟ କରିବ।ପ୍ରଥମେ ଡିଜାଇନ୍ ଏବଂ ଡକ୍ୟୁମେଣ୍ଟେସନ୍ କାମ କରାଯିବ।ଏହା ପରେ ପ୍ରୋଟୋଟାଇପ୍ ଏବଂ ପରୀକ୍ଷଣ ୟୁନିଟ୍ ପ୍ରସ୍ତୁତ ହୋଇଯିବା।ତା'ପରେ ତିନୋଟି ସେଟ୍ ପ୍ରସ୍ତୁତ କରାଯିବ ଏବଂ ସଫ୍ଟୱେର୍ ଏବଂ ଫର୍ମୱେର୍ ପ୍ରମାଣିତ ହେବ। ଶେଷରେ, ଯୋଗ୍ୟତା ପରୀକ୍ଷା ସମାପ୍ତ ହେବ। ମୋଟ ପାଞ୍ଚଟି ରାଡାର ସେଟ୍ ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତ କରାଯିବ। ତେବେ ଯଦି ସବୁକିଛି ନିର୍ଦ୍ଧାରିତ ସମୟ ଅନୁଯାୟୀ ହୁଏ, ତେବେ ଏହାର ଉତ୍ପାଦନ ୨୦୨୭ରୁ ଆରମ୍ଭ ହେବ। ପ୍ରାରମ୍ଭରେ, ୩ଟି ରାଡାର ତିଆରି କରାଯିବ ଏବଂ ୨୦୩୦-୩୧ ସୁଦ୍ଧା, ପ୍ରତିବର୍ଷ ୨୦ ଟି ରାଡାର ତିଆରି କରାଯିବ। ଏହି ପ୍ରକଳ୍ପ ଭାରତୀୟ ନୌସେନାକୁ ସମୁଦ୍ରରେ ଅଧିକ ଦୃଢ଼ ନିରୀକ୍ଷଣ କ୍ଷମତା ପ୍ରଦାନ କରିବ ଏବଂ ଭାରତ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରୁ ଲାଭ ପାଇବ।

ଦରଦୀ ଏସ୍‌ପି:୮ ବର୍ଷୀୟା ଛାତ୍ରୀଙ୍କୁ ପୁଲିସ ଚାକିରି

ମଧ୍ୟପ୍ରଦେଶ, ୪।୯: ବୟସ ମାତ୍ର ୮ ବର୍ଷ । ଏହି ଅଳ୍ପ ବୟସରେ ତାଙ୍କୁ ମିଳିଛି ପୋଲିସ ବିଭାଗରେ ଚାକିରି। ହଁ ଆଜ୍ଞା କଥାଟି ହୁଏତ ଆପଣଙ୍କୁ ବିଶ୍ୱାସ ନହେଲେ ମଧ୍ୟ ବାସ୍ତବରେ ଏହା ସତ। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି । ମଧ୍ୟପ୍ରଦେଶର ଉଜ୍ଜୟିନୀର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ପୋଲିସ ବିଭାଗରେ ଚାକିରି ମିଳିଛି । ଝିଅଟିର ବାପା ହୃଦଘାତରେ ମୃତ୍ୟୁବରଣ କରିଥିଲେ । ସେ ପୋଲିସ ବିଭାଗରେ କାମ କରୁଥିଲେ । ଝିଅ ତାଙ୍କ ସ୍ଥାନରେ ଚାକିରି ପାଇଁ ଆବେଦନ କରିଥିଲା । ଏସ୍ ପି ମାତ୍ର ୨୫ ମିନିଟରେ ଝିଅର ଆବେଦନକୁ ଗ୍ରହଣ କରିଥିଲେ । ସେ ତାଙ୍କୁ ଚାକିରି ପାଇଁ ଯୋଗଦାନ ପତ୍ର ମଧ୍ୟ ଦେଇଥିଲେ। ମହାକାଳ ପୋଲିସ ଷ୍ଟେସନରେ ନିୟୋଜିତ ହେଡ୍ କନଷ୍ଟେବଲ ନମ୍ବର ୯୮୮ଦେବେନ୍ଦ୍ର ସିଂହ ରଘୁବଂଶୀଙ୍କର ୧୭ ମେ ୨୦୨୫ ରେ ହୃଦଘାତ ଯୋଗୁଁ ହଠାତ୍ ମୃତ୍ୟୁ ହୋଇଥିଲା । ହେଡ୍ କନଷ୍ଟେବଲଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏସପି ପ୍ରଦୀପ ଶର୍ମାଙ୍କୁ ଭେଟିବାକୁ ଯାଇଥିଲେ । ସେମାନେ ହେଡ୍ କନଷ୍ଟେବଳ ଦେବେନ୍ଦ୍ର ସିଂହ ରଘୁବଂଶୀଙ୍କ ୮ବର୍ଷର ଝିଅ ଇଚ୍ଛା ରଘୁବଂଶୀଙ୍କୁ ଶିଶୁ କନଷ୍ଟେବଳ କରିବା ପାଇଁ ଆବେଦନ କରିଥିଲେ । କୁହାଯାଏ ଯେ ଇଚ୍ଛା ରଘୁବଂଶୀ ହେଡ୍ କନଷ୍ଟେବଳ ସ୍ୱର୍ଗତ ଦେବେନ୍ଦ୍ର ସିଂହ ରଘୁବଂଶୀଙ୍କ ଏକମାତ୍ର ସନ୍ତାନ। ସେଥିପାଇଁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି । ଇଚ୍ଛା ବର୍ତ୍ତମାନ ସେଣ୍ଟ ମେରୀ ସ୍କୁଲରେ ପାଠପଢ଼ୁଛନ୍ତି। ଜଣେ ପୋଲିସ କର୍ମଚାରୀଙ୍କ ଅକାଳ ମୃତ୍ୟୁ ହେଲେ, ପରିବାର ପ୍ରତିପୋଷଣ ପାଇଁ ନାବାଳକ ପିଲାମାନଙ୍କୁ ବାଲ ରକ୍ଷକ କରାଯାଏ । ଏହି ପିଲାମାନେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପାଠପଢ଼ା ସହିତ ବିଭାଗ ପାଇଁ ଛୋଟ ଛୋଟ ଚାକିରି କରନ୍ତି । ସେମାନେ ପୋଲିସ ଶୃଙ୍ଖଳା ଏବଂ ବିଭାଗର ପ୍ରକ୍ରିୟାକୁ ମଧ୍ୟ ବୁଝନ୍ତି । ୧୮ ବର୍ଷ ବୟସ ହେବା ପରେ ସେମାନଙ୍କର କାମ ତୁରନ୍ତ ଆରମ୍ଭ ହୋଇଥାଏ । ନାବାଳକ ପିଲାମାନଙ୍କୁ ବାଲ ରକ୍ଷକ କରିବାର ଏକ ମୁଖ୍ୟ କାରଣ ହେଉଛି ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ, ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଇପାରିବ ଏବଂ ସମଗ୍ର ପରିବାର ପ୍ରତିପାଳନ କରାଯାଇପାରିବ। ଇଚ୍ଛାଙ୍କ ନାମ ପୋଲିସ କର୍ମଚାରୀଙ୍କ ତାଲିକାରେ ପଞ୍ଜିକୃତ ହୋଇଛି। ପୋଲିସ ନିୟମ ଅନୁସାରେ ଯେତେବେଳେ ସେ ଦଶମ ଶ୍ରେଣୀ ପାସ୍ କରିବେ, ସେ ସ୍ଥାୟୀ କନଷ୍ଟେବଳ ହୋଇପାରିବେ । ଇଚ୍ଛାଙ୍କୁ ମିଳୁଥିବା ଦରମା ବିଷୟରେ ସୂଚନା ଦେଇ ଅଧିକାରୀ କହିଛନ୍ତି ଯେ ଜଣେ ଶିଶୁ କନଷ୍ଟେବଳ ଜଣେ ନୂତନ କନଷ୍ଟେବଳଙ୍କ ଦରମାର ଅଧା ଦରମା ପାଆନ୍ତି । ଏହି ନିୟମ ଅନୁଯାୟୀ, ଇଚ୍ଛା ପ୍ରତି ମାସରେ ୧୫,୧୧୩ ଟଙ୍କା ଦରମା ପାଇବେ । ତାଙ୍କୁ ମାସରେ ଥରେ ପୋଲିସ ଷ୍ଟେସନକୁ ଆସି ଦସ୍ତଖତ କରିବାକୁ ପଡିବ ଏବଂ ଏହି ସମୟ ମଧ୍ୟରେ ତାଙ୍କ ଶିକ୍ଷା ସମ୍ବନ୍ଧୀୟ ସୂଚନା ମଧ୍ୟ ନିଆଯିବ। ୧୦ ବର୍ଷ ପରେ ଯେତେବେଳେ ଇଚ୍ଛା ୧୮ ବର୍ଷ ବୟସ ପୂରଣ କରିବେ ଏବଂ ଦଶମ ପରୀକ୍ଷା ପାସ୍ କରିବେ, ସେତେବେଳେ ସେ ସ୍ଥାୟୀ କନଷ୍ଟେବଳ ହୋଇପାରିବେ। ଏହି ସମୟରେ ତାଙ୍କ ମାଆ ସ୍ୱାମୀଙ୍କ ପେନସନ ପାଇବା ଜାରି ରଖିବେ ।

ୟୁଏଇରେ ଭାରତୀୟ ଯୁବକଙ୍କ ଭାଗ୍ୟ:ଜିତିଲେ ୩୫ କୋଟି

ନୂଆଦିଲ୍ଲୀ, ୪।୯: ୟୁଏଇର ଆବୁଧାବିରେ ରହୁଥିବା ଜଣେ ପ୍ରବାସୀ ଭାରତୀୟଙ୍କ ଜୀବନ ରାତାରାତି ବଦଳି ଯାଇଛି । ୩୦ ବର୍ଷୀୟ ସନ୍ଦୀପ କୁମାର ପ୍ରାୟ ୩୫ କୋଟି ଟଙ୍କାର ଲଟେରୀ ଜିତିଛନ୍ତି । ଲଟେରୀରେ ଏତେ ଟଙ୍କା ଜିତିବା ପରେ ସନ୍ଦୀପ ଏବେ ଭାରତ ଫେରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ମିଡିଆକୁ ପ୍ରତିକ୍ରିୟା ବେଳେ ସନ୍ଦୀପଙ୍କ ଖୁସି ବେଶ ବାରି ହେଉଥିଲା । ଉତ୍ତର ପ୍ରଦେଶର ମୂଳ ବାସିନ୍ଦା ସନ୍ଦୀପ କୁମାର ଗତ ତିନି ବର୍ଷ ଧରି ୟୁଏଇରେ ରହିଆସୁଛନ୍ତି। ସେ ଦୁବାଇ ଡ୍ରାଇଡକ୍ସରେ ଟେକ୍ନିସିଆନ ରୂପେ କାମ କରନ୍ତି । ତାଙ୍କ ପତ୍ନୀ, ଦୁଇ ଭାଇ, ଭଉଣୀ ଓ ବାପା ଗାଁରେ ବାସ କରନ୍ତି। ବାପାଙ୍କ ଦେହ ଖରାପ ରହୁଥିବାରୁ ସନ୍ଦୀପ ଚିନ୍ତିତ ରହୁଥିଲେ, କିନ୍ତୁ ଲଟେରୀ ଜିତିବା ପରେ ତାଙ୍କୁ ବଳ ମିଳିଛି । ଏବେ ଭାରତ ଫେରି ନିଜର ବ୍ୟବସାୟ ଆରମ୍ଭ କରିବା ପାଇଁ ଚିନ୍ତା କରୁଛନ୍ତି । ସନ୍ଦୀପ କହିଛନ୍ତି, ଜଣେ ବନ୍ଧୁଙ୍କ ଜରିଆରେ ଆବୁ ଧାବି ବିଗ୍ ଟିକଟ ଜ୍ୟାକପଟ୍ କଥା ଜାଣିଥିଲେ । ଗତ ତିନି ମାସ ଧରି ଲଗାତାର ଲଟେରୀ ଟିକଟ କିଣୁଥିଲେ । ଅଗଷ୍ଟ ୧୯ରେ ସନ୍ଦୀପ ଓ ତାଙ୍କ ୧୯ ଜଣ ସାଙ୍ଗ ଲକି ଟିକଟ ନମ୍ବର ୨୦୦୬୬୯ କିଣିଥିଲେ । ସେପ୍ଟେମ୍ବର ୩ରେ ଡ୍ର' ଖୋଲିଥିଲା ଓ ତାଙ୍କ ନମ୍ବର ବାହାରିଥିଲା । ଲାଇଭ୍ ଶୋ' ବେଳେ ଫୋନ କରି ତାଙ୍କୁ ଏହି ସୂଚନା ଦିଆଯାଇଥିଲା, କିନ୍ତୁ ସେ ବିଶ୍ୱାସ କରିନଥିଲେ । କିନ୍ତୁ ହୋଷ୍ଟ ବିଶ୍ୱାସ ଦେଇ ୧୫ ମିଲିୟନ ଦିହରମର ଲକି ଡ୍ର' ଜିତିଥିବା କହିଥିଲେ । ସନ୍ଦୀପଙ୍କ ବ୍ୟତୀତ ଅନ୍ୟ ଛଅ ଜଣ ୧୦୦,୦୦୦ ଦିହରମ ଜିତିଥିଲେ ।

ଆଫଗାନିସ୍ତାନକୁ ୨୧ ଟନ୍ ରିଲିଫ ପଠାଇଲା ଭାରତ

ନୂଆଦିଲ୍ଲୀ, ୪।୯: ଭାରତ ଆଫଗାନିସ୍ତାନର ପ୍ରକୃତ ବନ୍ଧୁ । ଏହା ପୁଣିଥରେ ପ୍ରମାଣିତ ହୋଇଛି । ଭାରତ ସବୁବେଳେ ପଡ଼ୋଶୀମାନଙ୍କୁ ସାହାଯ୍ୟ କରିବାରେ ଆଗରେ ରହିଛି। ଆଫଗାନିସ୍ତାନରେ ୬.୦ ତୀବ୍ରତାର ହୋଇଥିବା ଭୂମିକମ୍ପ ଯୋଗୁଁ ୧୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଆଫଗାନିସ୍ତାନର ଏହି ଦୁଃଖର ମୁହୂର୍ତ୍ତରେ ଭାରତ ଏକ ପ୍ରକୃତ ବନ୍ଧୁ ଭାବରେ ଆଗକୁ ଆସିଛି । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଙ୍ଗଳବାର କହିଛନ୍ତି ଯେ, ଶନିବାର ପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ଭାରତ କାବୁଲକୁ ୨୧ ଟନ୍ ମାନବୀୟ ସହାୟତା ଯୋଗାଇ ଦେଇଛି। ଏସ. ଜୟଶଙ୍କର Xରେ ପୋଷ୍ଟ କରିଛନ୍ତି, "ଭାରତୀୟ ଭୂମିକମ୍ପ ସହାୟତା ବିମାନ ମାଧ୍ୟମରେ କାବୁଲରେ ପହଞ୍ଚିଛି। କମ୍ବଳ, ତମ୍ବୁ, ସ୍ୱାସ୍ଥ୍ୟ କିଟ୍, ଜଳ ସଂରକ୍ଷଣ ଟ୍ୟାଙ୍କ, ଜେନେରେଟର, ରୋଷେଇ ଜିନିଷ, ପୋର୍ଟେବଲ୍ ପାଣି ପ୍ୟୁରିଫାୟର୍, ସ୍ଲିପିଂ ବ୍ୟାଗ, ଅତ୍ୟାବଶ୍ୟକ ଔଷଧ, ହ୍ୱିଲଚେୟାର, ହ୍ୟାଣ୍ଡ ସାନିଟାଇଜର, ଜଳ ବିଶୋଧନ ଟାବଲେଟ୍, ଓଆର୍‌ଏସ୍ ଏବଂ ଚିକିତ୍ସା ସାମଗ୍ରୀ ସମେତ ୨୧ ଟନ୍ ରିଲିଫ୍ ସାମଗ୍ରୀ ଆଜି ବିମାନ ମାଧ୍ୟମରେ ଯୋଗାଇ ଦିଆଯାଇଛି । ସଂଯୁକ୍ତ ରାଷ୍ଟ୍ରର ମହାସଚିବ ପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପରୁ ବର୍ତ୍ତିଥିବା ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ଅତିରିକ୍ତ ସମ୍ବଳ ପାଇଁ କହିଛନ୍ତି । ପ୍ରାରମ୍ଭିକ ଭାବେ ସଂଯୁକ୍ତ ରାଷ୍ଟ୍ର ସହାୟତା ପାଇଁ ଜରୁରୀକାଳୀନ ପାଣ୍ଠିରୁ ୫୦ ଲକ୍ଷ ଡଲାର ଆବଣ୍ଟନ କରିଛି ।

ବିକ୍ରି ହେବ ଜବାହରଲାଲ ନେହରୁଙ୍କ ବଙ୍ଗଳା

ନୂଆଦିଲ୍ଲୀ,୪।୯: ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଲୁଟିୟନ୍ସ ବଙ୍ଗଳା ଜୋନରେ ଥିବା ପ୍ରଥମ ସରକାରୀ ବାସଭବନ, ୧୭ ୟୋର୍କ ରୋଡ୍ (ବର୍ତ୍ତମାନ ମୋତିଲାଲ ନେହେରୁ ମାର୍ଗ) ଶୀଘ୍ର ନୂଆ ମାଲିକ ପାଇବାକୁ ଯାଉଛି। ଏହା ଦେଶର ସବୁଠୁ ବଡ଼ ପ୍ରପର୍ଟି ଡିଲ ହେବ ବୋଲି ଅନୁମାନ କରାଯାଉଛି।

ମାମଲା ସହ ଜଡ଼ିତ ଦୁଇ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ, ୧୪,୯୭୩ ବର୍ଗ ମିଟର ବିଶିଷ୍ଟ ଏହି ସମ୍ପତ୍ତି ପାଇଁ ମାଲିକ ୧,୪୦୦ କୋଟି ଟଙ୍କା ଦାବି କରୁଥିଲେ। କିନ୍ତୁ ଘରୋଇ ପେୟ ଶିଳ୍ପରେ ଦୃ ପ୍ରଭାବ ରଖିଥିବା ଜଣେ ବ୍ୟବସାୟୀ ପ୍ରାୟ ୧,୧୦୦ କୋଟି ଟଙ୍କାରେ ଏହି ଡିଲ ଚୂକ୍ତି କରିଛନ୍ତି। ଏକ ପ୍ରମୁଖ ଲ ଫର୍ମ ଯଥାଯଥ ଯାଞ୍ଚ ପ୍ରକ୍ରିୟାର ଚୂ ପର୍ଯ୍ୟାୟ ଭାବେ ଏକ ସାର୍ବଜନୀନ ନୋଟିସ ଜାରି କରିଛି।

ନୋଟିସରେ କୁହାଯାଇଛି ଯେ, ଆମର ମୁବକ୍କିଲ ୫, ବ୍ଲକ ନମ୍ବର ୧୪, ୧୭ ମୋତିଲାଲ ନେହେରୁ ମାର୍ଗ (ପୂର୍ବରୁ ୟୋର୍କ ରୋଡ), ନୂଆଦିଲ୍ଲୀରେ ଥିବା ୧୪,୯୭୩.୩୮୩ ବର୍ଗ ମିଟର ବିଶିଷ୍ଟ ଆବାସିକ ସମ୍ପତ୍ତି ହାସଲ କରିବାକୁ ଇଚ୍ଛୁକ। ଏହା ପାଇଁ ଆମେ ବର୍ତ୍ତମାନର ମାଲିକ ରାଜକୁମାରୀ କକ୍କ ଏବଂ ବୀନା ରାଣୀଙ୍କ ସ୍ୱାମୀତ୍ୱ ଯାଞ୍ଚ କରୁଛୁ। ଏହି ସମ୍ପତ୍ତି ସମ୍ବନ୍ଧରେ କୌଣସି ଅଧିକାର ବା ସ୍ୱାମୀତ୍ୱ ଦାବି କରୁଥିବା ବ୍ୟକ୍ତି ୭ ଦିନ ମଧ୍ୟରେ ଦଲିଲିକ ପ୍ରମାଣ ସହ ଲିଖିତ ଭାବେ ଆମକୁ ସୂଚନା ଦେଇପାରିବେ। ଅନ୍ୟଥା, ଏହା ମନେ କରାଯିବ ଯେ ଏହି ସମ୍ପତ୍ତି ସମ୍ବନ୍ଧରେ କୌଣସି ପ୍ରତିକୂଳ ସ୍ୱାମୀତ୍ୱ ବା ଅଧିକାର ନାହିଁ। ରାଜକୁମାରୀ କକ୍କ ଏବଂ ବୀନା ରାଣୀ ରାଜସ୍ଥାନର ଏକ ପୂର୍ବତନ ରାଜବଂଶରୁ ଅଟନ୍ତି।

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ସମ୍ପତ୍ତିର ମୋଟ କ୍ଷେତ୍ରଫଳ ପ୍ରାୟ ୩.୭ ଏକର, ଯେଉଁଥିରୁ ୨୪,୦୦୦ ବର୍ଗ ଫୁଟ ବିକଶିତ। ଭାରତର ପାୱାର କରିଡରର କେନ୍ଦ୍ରରେ ଅବସ୍ଥିତ, ବ୍ରିଟିଶ ଆର୍କିଟେକ୍ଟ ଏଡ଼ୱିନ ଲୁଟିୟନ୍ସଙ୍କ ଦ୍ୱାରା ୧୯୧୨ ଓ ୧୯୩୦ ମଧ୍ୟରେ ଡିଜାଇନ କରାଯାଇଥିବା ଏଲବିଜେଡ ୨୮ ବର୍ଗ କିଲୋମିଟରରେ ବ୍ୟାପ୍ତ ଏବଂ ଏଥିରେ ପ୍ରାୟ ୩,୦୦୦ ବଙ୍ଗଳା ରହିଛି। ଏଠାରେ ମୁଖ୍ୟତଃ ମନ୍ତ୍ରୀ, ବିଚାରପତି ଏବଂ ବରିଷ୍ଠ ସରକାରୀ ଅଧିକାରୀ ରହନ୍ତି। ଏହି ଅଞ୍ଚଳରେ ପ୍ରାୟ ୬୦୦ ସମ୍ପତ୍ତି ବେସରକାରୀ, ଯାହା ଭାରତର କିଛି ଧନୀ ବ୍ୟକ୍ତିଙ୍କ ଅଧୀନରେ ଅଛି।

ଆମେରିକାରେ ପ୍ରଥମ ଥର କମିବ ଜନସଂଖ୍ୟା

ନୂଆଦିଲ୍ଲୀ,୪।୯: ଆମେରିକାରେ ୨୫୦ ବର୍ଷର ଇତିହାସରେ ପ୍ରଥମ। ଏବେ ହ୍ରାସ ପାଇବାକୁ ଯାଉଛି ଜନସଂଖ୍ୟା। ଏହା ଏଥିପାଇଁ, କାରଣ ପ୍ରବାସୀଙ୍କ ଆସିବାର ପରିମାଣ ହ୍ରାସ ପାଇଛି। କେବଳ ସେତିକି ନୁହେଁ ଦେଶରେ ପ୍ରବାସୀଙ୍କ ସଂଖ୍ୟା ୫,୨୫,୦୦୦ କମ୍ ହୋଇଯାଇଛି। ଗୋଟିଏ ପଟେ ଏହି ହ୍ରାସ ଆଗକୁ ଯଦି ରହିବ ତେବେ ଆମେରିକାରେ ଜନ୍ମ ହେଉଥିବା ପିଲାଙ୍କର ସଂଖ୍ୟା ୫ ଲକ୍ଷ ୧୯ ହଜାର ରହିବାର ଅନୁମାନ ରହିଛି। ଏଭଳି ଭାବରେ ଆମେରିକାର ଜନସଂଖ୍ୟାରେ ମୋଟ ୬୦୦୦ ଲୋକଙ୍କ ଅଭାବ ଚଳିତ ବର୍ଷ ରେକର୍ଡ କରାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟର କାରଣ ବେଆଇନ ଗଛକଟା: ସୁପ୍ରିମ୍ କୋର୍ଟ



ନୂଆଦିଲ୍ଲୀ, ୪।୯: ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କାଶ୍ମୀରରେ ବନ୍ୟା ସ୍ଥିତି । ଏନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ମୁଖ୍ୟ ବିଚାରପତି ବି.ଆର. ଗଭାଇ କହିଛନ୍ତି ଯେ, ବର୍ଷା ଓ ବନ୍ୟା ପଛର କାରଣ ବିଷୟରେ ରାଜ୍ୟଗୁଡ଼ିକଠାରୁ ଉତ୍ତର ମାଗିଛୁ । ସିଜେଆଇ କହିଛନ୍ତି ଏଥିରୁ ଜଣାପଡୁଛି ଯେ, ରାଜ୍ୟଗୁଡ଼ିକରେ ବଡ଼ ଧରଣର ବେଆଇନ ଗଛ କଟା ହୋଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ହିମାଚଳରେ ବନ୍ୟା ସମୟରେ ବହୁ ସଂଖ୍ୟକ କାଠ ଭାସୁଥିବାର ଦେଖାଯାଇଥିଲା । କୋର୍ଟ କହିଛନ୍ତି ଯେ, ଏହା ଏକ ଗମ୍ଭୀର ପ୍ରସଙ୍ଗ ଏବଂ ରାଜ୍ୟଗୁଡ଼ିକୁ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସିଜେଆଇ ସଲିସିଟର ଜେନେରାଲଙ୍କୁ କହିଥିଲେ ଯେ, କେନ୍ଦ୍ର ମଧ୍ୟ ଏହି ମାମଲା ଉପରେ ଧ୍ୟାନ ଦେବା ଉଚିତ୍ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହା କେବଳ ପ୍ରାକୃତିକ ବିପର୍ଯ୍ୟୟର ମାମଲା ନୁହେଁ, ବରଂ ମାନବକୃତ କାରଣ । କହିରଖୁ କି, କିଛି ଦିନ ଧରି ଲଗାତାର ପ୍ରବଳ ବର୍ଷା ଯୋଗୁଁ, ପଞ୍ଜାବ, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କାଶ୍ମୀର ଏବଂ ଉତ୍ତରାଖଣ୍ଡ ଆଦି ବନ୍ୟା ପରିସ୍ଥିତିର ସମ୍ମୁଖୀନ ହେଉଛି । ପଞ୍ଜାବ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ୩୭ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୧୬୦୦ ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ପୋଲିସ ପ୍ରଶାସନ ଏବଂ ସେନା ଲୋକଙ୍କ ପାଇଁ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଭୟଙ୍କର ବନ୍ୟାରେ ପଞ୍ଜାବର ଚାଷୀ ପ୍ରଭାବିତ ହୋଇଛନ୍ତି । ବନ୍ୟା ପାଣି ଯୋଗୁଁ ଲକ୍ଷ ଲକ୍ଷ ଏକର ଚାଷ ଜମି ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖି ଅଟକି ରହିଥିବା ପାଣ୍ଠି ଦେବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଚାଷୀଙ୍କ ଅବସ୍ଥା ଦେଖି ସେ ଚାଷୀମାନଙ୍କୁ ପ୍ରତି ଏକର ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଚାହାଁନ୍ତି । କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ବୁଧବାର କହିଛି ଯେ, ଦେଶର ୨୧ଟି ନଦୀର ଅବସ୍ଥା ସଙ୍କଟଜନକ ଥିବାବେଳେ ୩୩ଟି ନଦୀ ସ୍ୱାଭାବିକ ସ୍ତର ଉପରେ ପ୍ରବାହିତ ହେଉଛି। ବନ୍ୟା ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ୨୧ ନଦୀ ମଧ୍ୟରେ ବିହାରର ୯ଟି, ଉତ୍ତର ପ୍ରଦେଶର ୮ଟି ଏବଂ ଦିଲ୍ଲୀ, ଜମ୍ମୁ-କାଶ୍ମୀର, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଗୋଟିଏ ଲେଖାଏଁ ରହିଛି। ୩୩ ନଦୀର ଜଳସ୍ତର ସ୍ୱାଭାବିକଠାରୁ ଅଧିକ ରହିଛି ଯେଉଁମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ୯ଟି, ବିହାରର ୭ଟି, ଆସାମରେ ୭ଟି, ଉତ୍ତରାଖଣ୍ଡର ୨ଟି, ଓଡ଼ିଶାର ୨ଟି, ତେଲେଙ୍ଗାନାର ୨ଟି ଏବଂ ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗର ୧ଟି ଲେଖାଏଁ ନଦୀ ରହିଛି। ଉତ୍ତର ପାହାଡ଼ି ରାଜ୍ୟଗୁଡ଼ିକରେ ହାଇ ଆଲର୍ଟ ଜାରି କରାଯାଇଛି ।

ଭୁବନେଶ୍ୱରରେ ଆସାମ ପୁଲିସ୍

● ମୋଷ୍ଟ ୱାଣ୍ଟେଡ୍‌କୁ ଧରିବାକୁ ଚଢ଼ାଉ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ରାଜଧାନୀରେ ଆସାମ ପୁଲିସ। ଇନ୍‌ଫୋସିଟି ଅଞ୍ଚଳରେ ଥିବା ସୁଭଦ୍ରା ଆପାର୍ଟମେଣ୍ଟରେ ଚଢ଼ାଉ କରିଛି। କମିଶନରେଟ ପୁଲିସ ସହାୟତାରେ ଆସାମ ପୁଲିସ ଏହି ଚଢ଼ାଉ କରିଥିଲା। ଆପାର୍ଟମେଣ୍ଟ ଭିତରେ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ରହୁଥିବା ନେଇ ସୂଚନା ପାଇଥିଲା ଆସାମ ପୁଲିସ। ୩ ଘଣ୍ଟା ଧରି ଘର ଲକ୍ ଭାଙ୍ଗି ପଶିଥିଲା ଆସାମ ପୁଲିସ। ହେଲେ ସମୀର ପଟ୍ଟନାୟକକୁ ପୁଲିସ୍ ସେଠାରେ ନ ପାଇ ନିରାଶ ହୋଇଛି। କିନ୍ତୁ ଚଢ଼ାଉ ସମୟରେ ପୁଲିସ୍ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଥିବା ଜଣାପଡ଼ିଛି। ରଘୁନାଥପୁର ଅଞ୍ଚଳରେ ଅଭିଯୁକ୍ତର ମାଲିକାନାରେ ଥିବା ଏକ ବିବାହ ମଣ୍ଡପରେ ମଧ୍ୟ ଚଢ଼ାଉ ହୋଇଛି। ପୂର୍ବରୁ ସମୀର ପଟନାୟକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା।

ସର୍ପାଘାତରେ ଚାଲିଗଲା ଦୁଇ ଜୀବନ

ଘଟଗାଁ,୪।୯(ସଂଚାର ବ୍ୟୁରୋ): ଗାଁରେ ଦେଶ କରମ ପର୍ବ ଧୂମଧାମରେ ପାଳନ ହେଉଥିବା ବେଳେ ସର୍ପାଘାତରେ ଚାଲିଗଲା ପିଉସା ଓ ଝିଆରୀ ଜୀବନ। ଗାଁରେ ଦେଖା ଦେଇଛି ଶୋକାକୁଳ ପରିବେଶ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଘଟଗାଁ ଥାନା ଦୁବୁଲା ବେଡା ଗ୍ରାମରେ। ଏହି ଗ୍ରାମରେ ଗତ ରାତିରେ ଦେଶ କରମ ପର୍ବ ଚାଲିଥିବା ବେଳେ ଗ୍ରାମର ଅଭୟ କୁମାର ମହାନ୍ତ ଓ ପରିବାର ଲୋକ ଶୋଇଥିବା ବେଳେ ଘର ଭିତରେ ଏକ ଚିତି ସାପ ପଶି ପିଉସା ଓ ଝିଆରୀକୁ ଦଂଶନ କରିଥିଲା। ପ୍ରକାଶ ଥାଉକି ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ଦକ୍ଷିଣପୋଷି ଗ୍ରାମ ପ୍ରଶାନ୍ତ କୁମାର ମହାନ୍ତ ଝିଅ ସୋନାଲି ମହାନ୍ତ ଝିଅ ଦୁବୁଲା ବେଡା ଅପା ଘରକୁ କୁଣିଆଁ ଆସିଥିଲା। ସାପ କାମୁଡ଼ିଥିବା ଖବର ପାଇ ପରିବାର ଲୋକେ ସଙ୍ଗେ ସଙ୍ଗେ ହରିଚନ୍ଦନପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ ସୁଧା ଡାକ୍ତର ସୋନାଲି ମହାନ୍ତକୁ ମୃତ ଘୋଷଣା କରିଥିଲେ। ଅଭୟ ମହାନ୍ତ କୁ ସମ୍ପୂର୍ଣ୍ଣ ବିଷ ଘାରିଥିବା ଯୋଗୁଁ ଉନ୍ନତ ମାନର ଚିକିତ୍ସା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ଅବସ୍ଥା ସଙ୍କଟପନ୍ନ ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରୁଥିବା ସମୟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଗୋଟିଏ ଘରେ ଦୁଇ ଦୁଇଟି ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସୋନାଲି ମହାନ୍ତ କୁ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଅଭୟଙ୍କର ସେହିଠାରେ ହିଁ ଶବବ୍ୟବଚ୍ଛେଦ ହୋଇ ଥିବା ସୂଚନା ମିଳିଛି। ମୃତକ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ଜୋର ଧରିଛି।

ବିବାହିତ ମହିଳାଙ୍କୁ ବାଇକରେ ଉଠାଇ ନେଇ ଦୁଷ୍କର୍ମ

ଜୟପୁର,୪।୯(ସଂଚାର ବ୍ୟୁରୋ): ରାଜ୍ୟରେ ମହିଳା ମାନଙ୍କୁ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ପୁଣି ଜୟପୁର ସଦରଥାନା ଅଞ୍ଚଳର ଜଣେ ୨୩ ବର୍ଷିୟା ବିବାହିତଙ୍କୁ ଦୁଇ ଅଭିଯୁକ୍ତ ରାସ୍ତାରୁ ବାଇକ ଯୋଗେ ଉଠାଇନେଇ ଦୁଷ୍କର୍ମ କରିଥିଲେ ଏବଂ ଅଚେତ ଅବସ୍ଥାରେ ବାଉଁଶ ଜଙ୍ଗଲ ନିକଟରେ ଛାଡି ଚାଲିଯାଇଥିବା ନେଇ ପୀଡିତ ଆଜି ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ପୀଡିତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଗତ କାଲି ଅପରାହ୍ନ ୪ ଗ୍ରାମକୁ ପୀଡିତା ଏକାକୀ ତାଙ୍କ ଝିଅ ପାଇଁ ଔଷଧ ଆଣିବାକୁ ଯାଇ ଫେରୁଥିବା ବେଳେ ରାସ୍ତାରେ ଦୁଇଜଣ ଅଜଣା ଯୁବକ ତାଙ୍କୁ ଜୋରଜବରଦସ୍ତ ବାଇକରେ ବସାଇ ପ୍ରାୟ ୨ କିଲୋମିଟରେ ନେଇ ଏକ ବାଉଁଶ ବଣ ନିକଟରେ ମିଳିତ ଭାବେ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏହିପରି ପୀଡିତା ଅଚେତ ହୋଇଯିବା ପରେ ଉଭୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହିପରି ପୀଡିତା ଚେତା ଫେରିବା ପରେ କୌଣସି ପ୍ରକାର ନିଜ ଗ୍ରାମରେ ପହଞ୍ଚି ତାଙ୍କ ବାପା ଏବଂ ଗ୍ରାମର ୱାର୍ଡ ମେମ୍ବରକୁ ଜଣାଇଥିଲେ। ଆଜି ଶେଷରେ ମହିଳା ଥାନାର ଦ୍ୱାରସ୍ଥ ହୋଇ ଦୁଇ ଅଚିହ୍ନା ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହିପରି ଉଭୟ ଧନପୁର ଗ୍ରାମ ବାସିନ୍ଦା ବୋଲି ତାଙ୍କର ସନ୍ଦେହ ହେଉଛି ବୋଲି ଉଲ୍ଲେଖ କରିଛନ୍ତି। ଏଥିନେଇ ମହିଳାଥାନା ଅଧିକାରୀ ଆଶ୍ରିତା ଖାଲ୍କୋ କହଛିନ୍ତି ଯେ, ପୁଲିସ ପକ୍ଷରୁ ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ତାଙ୍କୁ ନେଇ ଦୁଷ୍କର୍ମ ହୋଇଥିବା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଶୁକ୍ରବାର ଡାକ୍ତର ମାଇନା ଏବଂ ଅନ୍ୟାନ୍ୟ ଯାଞ୍ଚ କରାଯାଇ ଘଟଣାର ସତ୍ୟାସତ୍ୟକୁ ନେଇ ମାମଲା ରୁଜୁ କରାଯିବ ଏବଂ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ।

ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଆନନ୍ଦପୁରବାସୀ

ପୁରୁଣା ପାଇପ୍ ବସାଇ ଅର୍ଥ ଚଳୁ ଉଦ୍ୟମ ଅଭିଯୋଗ

ଆନନ୍ଦପୁର,୪।୮(ସଂଚାର ବ୍ୟୁରୋ): ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ କମ୍ପାନୀ ର ଚାଲାଖି ପଣିଆ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡିବାକୁ ଲାଗିଲାଣି। ରାଜ୍ୟ ସରକାର ଙ୍କ ଦ୍ୱାରା ଆନନ୍ଦପୁର ସହର କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ହେଲେ ପରିତାପର ବିଷୟ ଇଷ୍ଟ ଇଣ୍ଡିଆ କମ୍ପାନୀ ର ଚାଲାଖୀ ପଣିଆ ପାଇଁ ଆଜି ଆନନ୍ଦପୁର ସହର ବାସୀ ୬୦ ବର୍ଷ କଳଙ୍କି ପାଇପ୍ ର ପାଣି କୁ ବ୍ୟବହାର କରୁଥିବା ଜଣାପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଙ୍କ ଅଧିନରେ ଥିବା ୱାଟକୋ ଜରିଆରେ ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ୮୫ କୋଟି ୬୩ଲକ୍ଷ ୨୪ହଜାର ଟେଣ୍ଡର ହୋଇଥିବା ବେଳେ ଏଗ୍ରିମେଣ୍ଟ ଭାଲ୍ୟୁ ୭୨କୋଟି ୭୯ଲକ୍ଷ ୬୦ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଆନନ୍ଦପୁର ସହରକୁ ସମୁଦାୟ ୯୩ କିମି ଦୂର ପର୍ଯ୍ୟନ୍ତ ନୂଆ ପାଇପ୍ ବସାଇବାକୁ ଥିଲେ ହେଁ ଇଷ୍ଟ ଇଣ୍ଡିଆ କମ୍ପାନୀ ୬୭ କିମିର ବସାଇ ଅବଶିଷ୍ଟ ୪୦ କିମିର ପୁରୁଣା ପାଇପ୍ ବ୍ୟବହାର କରିଛି। ଫଳତଃ ୬୦ ବର୍ଷର ପୁରୁଣା କଳଙ୍କି ପାଇପ୍ ଦ୍ୱାରା ବିଶୁଦ୍ଧ ପାଣି ଯୋଗାଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ପୁରୁଣା ପାଇପ୍ ୬୦ ବର୍ଷ ତଳର ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଥିବା ବେଳେ ଉକ୍ତ ପୁରୁଣା ପାଇପ୍‌ର କଳଙ୍କି ପାଣିକୁ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଏଥିରୁ ଉକ୍ତ କମ୍ପାନୀ କୋଟି କୋଟି ଟଙ୍କା ଚଳୁ କରିଦେଇଥିବା ଅନୁମାନ କରାଯାଉଛି। ସେହିପରି ପାଣି ଉଠାଇବା ସକାଶେ ଲୋକଙ୍କୁ ଅତିରିକ୍ତ ବିଦ୍ୟୁତ୍ ଶୁଳ୍କ ପଇଠ କରିବାକୁ ପଡୁଛି। କାରଣ ଯୋଗାଣ ହେଉଥିବା ପାଣିର ତୀବ୍ରତା ଯଥେଷ୍ଟ ମନ୍ଥର ରହୁଛି। ତେଣୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୱାଟକୋ ବିଭାଗ ଜିଲ୍ଲା ୱାଟକୋ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେବା ସଙ୍ଗେ ସଙ୍ଗେ ଆନନ୍ଦପୁର ସହରବାସୀ କିପରି ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଶୀତଳଭଣ୍ଡାରରେ କଳାବାଘ ସଫାରି ପ୍ରସ୍ତାବ

ଭୁବନେଶ୍ୱର,୪।୮: ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରି କାର୍ଯ୍ୟ ଆଗେଇପାରୁନାହିଁ। ଇତି ମଧ୍ୟରେ ଏହାର ଘୋଷଣାକୁ ଦେଢବର୍ଷ ପୂରିଗଲାଣି। ଶିମିଳିପାଳରେ କଳାବାଘ ଆନ୍ତର୍ଜାତୀୟ ଆକର୍ଷଣର ବିଷୟବସ୍ତୁ ହୋଇଛି। ଏହି ପ୍ରଜାତିର ବାଘ ଦେଶର ଅନ୍ୟ କୌଣସି ଅଭୟାରଣ୍ୟରେ ଦେଖିବାକୁ ମିଳନ୍ତି ନାହିଁ। ସେଥିପାଇଁ ରାଜ୍ୟ ସରକାର ଏହି ଧରଣର ସଫାରି ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ବାରିପଦା ନିକଟରେ ଏବଂ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସାଫରି ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା। ଏଥିମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବା ବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା। ଏହି ସଫାରି କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା। ପ୍ରକଳ୍ପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ବୈଧାନିକ ମଞ୍ଜୁରୀ, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନଟିସିଏ) ଦ୍ୱାରା ଚୂଡ଼ାନ୍ତ ସ୍ଥାନର ସମ୍ଭାବ୍ୟ ଅଧ୍ୟୟନ ଏବଂ ଆରମ୍ଭ ପୂର୍ବରୁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ମିଳିବାର ଥିଲା।

ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଏଥର ପୂଜା ମେଲୋଡିରେ ଅଶୀଳ ନୃତ୍ୟ ମନା। ପୂଜାକୁ ନେଇ ବିମଏସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂଜାରେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି। ପାର୍କିଂ ନଥିଲେ ମିନା ବଜାର ପଡ଼ିବନି କି ମିଳିବନି ରାବଣ ପୋଡି ପାଇଁ ଅନୁମତି। ପ୍ଲାଷ୍ଟିକ ମୁକ୍ତ ହେବ ପୂଜା। ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ ପୂଜା କମିଟି। ସବୁ ଭଷାଣି ସ୍ଥାନରେ ଖୋଲିବ କେଂଟ୍ରୋଲ ରୁମ୍, ରଖାଯିବ ଆମ୍ବୁଲାନ୍ସ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ପେଣ୍ଡାଲରେ ନିଶାକୁ ମନାର ସଚେତନତା ୱାର୍ତା ବାଣ୍ଟିବ ପୋଲିସ। ପୂଜା ପୂର୍ବରୁ ବିଦ୍ୟୁତ ଖୁଣ୍ଟ ଓ ତାର ମରାମତିକୁ ଗୁରୁତ୍ୱ ଦିଆଯାଇଛି। ରାସ୍ତା ଖରାପ ନେଇ ପିଡବ୍ଲୁଡିର ବିଭାଗୀୟ ଅଧିକାରୀଙ୍କୁ କମିଶନର ତାଗିଦ କରିଛନ୍ତି। ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସାରିବା ନେଇ ଡେଡ୍ ଲାଇନ ଦିଆଯାଇଛି। ରାସ୍ତା ଖାଲଖମାର ମରାମତି ନେଇ ସବୁ ୱାର୍ଡକୁ ଦିଆଯିବ ପାଞ୍ଚ ଲକ୍ଷ ଟଙ୍କା। ପେଣ୍ଡାଲ ନିକଟରୁ ହଟିବେ ବୁଲା କୁକୁର। ବୈଠକରେ ବିଏମସି କମିଶନର, ମେୟର, ବିଭିନ୍ନ ୱାର୍ଡର କର୍ପୋରେଟର, ପୋଲିସ, ୱାଟକୋ, ଫାୟାର, ସବୁ ବିଭାଗର ଅଧିକାରୀ ସାମିଲ ଥିଲେ।

● ବଳିଆପଣ୍ଡାରେ ନୂଆ ଗ୍ୟାଙ୍ଗ୍‌ର ଆତଙ୍କ

ଏସ୍‌ପି କାର୍ଯ୍ୟାଳୟ ଘେରିଲେ ସ୍ଥାନୀୟ ଲୋକ

ପୁରୀ,୪।୯(ସଂଚାର ବ୍ୟୁରୋ): ସ୍ଥାନୀୟ ବଳିଆପଣ୍ଡା ଅଞ୍ଚଳରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଜାଗା ଓ ନିଶା ବେପାରୀକୁ ନେଇ ବଳୀୟାନ ହେଉଛି ନୂଆ ଗ୍ୟାଙ୍ଗ। ବଳିଆପଣ୍ଡା ଅଞ୍ଚଳ ବିଜୟନଗର ମଙ୍ଗଳାସାହିର ସୁନୀତା ପଟ୍ଟନାୟକ ନୂଆ ଗ୍ୟାଙ୍ଗ ଧମକଚମକ ସମ୍ପର୍କରେ ପୁରୀ ଏସପିଙ୍କୁ ଗୁହାରି କରିଛନ୍ତି। ସେହି ସାହିର କମଳଲୋଚନ ପଟ୍ଟନାୟକ (ଗୁଲା) ସୁନୀତା ଓ ତାଙ୍କ ସ୍ୱାମୀଙ୍କୁ ମାରିଦେବା ପାଇଁ ଧମକ ଦେଉଛି। ଏ ସମ୍ପର୍କରେ ଯଦି ଥାନାରେ ଅଭିଯୋଗ କରିବୁ ତେବେ ତମମାନଙ୍କୁ ଜୀବନରେ ମାରିଦେବି ବୋଲି ଗୁଲା ଧମକ ଦେଉଛି। ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ସୁନୀତା ଏସପିଙ୍କୁ ଗୁହାରୀ କରିଛନ୍ତି। ଗୁଲା ଗୋଷ୍ଠୀର ଯୁବକ ମାନେ ସୁନୀତାଙ୍କୁ ଧମକଚମକ ଦେଉଛନ୍ତି। ଗୁଲାର ଭଣଜା ବେଙ୍ଗ ହୋଇଥିବାରୁ ଗୁଲା ଆତଙ୍କ ଖେଳାଉଥିବା ଅଭିଯୋଗ ହୋଇଛି। ବଳିଆପଣ୍ଡା ଥାନାରେ ଏ ସମ୍ପର୍କରେ ସାହିବାସିନ୍ଦା ମାନେ ଜଣାଉଥିଲେ ମଧ୍ୟ ବେଙ୍ଗ ସହ ଜଣେ ଏଏସଆଇ ସୁସମ୍ପର୍କ ରଖି ସାହିବାସିନ୍ଦାଙ୍କୁ ଥାନାରୁ ତଡିଦେଉଥିବା ଅଭିଯୋଗ କରିଛନ୍ତି। ସାହିରେ ଶାନ୍ତି ପ୍ରତିଷ୍ଠା ପାଇଁ ସାହିବାସିନ୍ଦାମାନେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସପିଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଏସ୍‌ଟି ସ୍ଲାବ ପରିବର୍ତ୍ତନ ପ୍ରସଙ୍ଗରେ ବିଜେଡିର ଦାବି

କେନ୍ଦୁପତ୍ର ଓ ହସ୍ତତନ୍ତ ସାମଗ୍ରୀ ଜିଏସ୍‌ଟିମୁକ୍ତ ହେଉ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିବା ପରେ କେନ୍ଦୁପତ୍ର ଓ ହସ୍ତତନ୍ତ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ଦା ପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ଏନେଇ ବିଜେଡି କ୍ଷୋଭ ପ୍ରକାଶ କରିଛି। ଏହାଛଡା ନୂତନ ସ୍ଲାବ ଯୋଗୁଁ ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧ ହଜାର କୋଟି ଟଙ୍କାର ରାଜସ୍ୱ ହାନୀ ହେବାର ଆଶଙ୍କା ଥିବାରୁ କେନ୍ଦ୍ର ସରକାର ଏହାର ଭରଣା କରିବା ସକାଶେ ଦଳ ପକ୍ଷରୁ ଆଜି ସ୍ଥାନୀୟ ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ ପରିବର୍ତ୍ତନ ଯୋଗୁଁ ଓଡ଼ିଶା ଉପରେ ଏହାର ପ୍ରଭାବ ନେଇ ସୂଚନା ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ୨୦୧୮ରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ କରିବା ସକାଶେ ଦଳ ଦାବି କରିଆସୁଥିଲା।

ଏନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଗତକାଲି ହୋଇଥିବା ସଂଶୋଧନରେ ଏହାକୁ ୧୮ରୁ କାଢ଼ି ୫ ପ୍ରତିଶତ ସ୍ଲାବ୍‌ରେ ସ୍ଥାନ ଦିଆଯାଇଛି। କିନ୍ତୁ ଏହାଦ୍ୱାରା କେନ୍ଦୁପତ୍ର ତୋଳାଳିମାନେ ବିଶେଷ ଫାଇଦା ପାଇବେ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଶ୍ରୀ ପୂଜାରୀ କହିଛନ୍ତି ଯେ ହ୍ୟାଣ୍ଡଲୁମ କ୍ଷେତ୍ରରେ ବୁଣାକାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ଦାବି କରିଆସୁଥିଲା। କିନ୍ତୁ ଏବେ ବି ୫ ପ୍ରତିଶତ ଜିଏସ୍‌ଟି ରହିଥିବାରୁ ସେମାନଙ୍କୁ ଆଶାଜନକ ଫାଇଦା ମିଳିବ ନାହିଁ। ତେଣୁ ତୁରନ୍ତ ଉଭୟ ହସ୍ତତନ୍ତ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ କରିବା ସକାଶେ ଦଳ ଦାବି କରିଛି।

ବିଏମ୍‌ସିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ସକାଶେ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା , ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ଓ ସଂଯୁକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ପରିମଳ, ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନା, ରାସ୍ତା ଓ ଆଲୋକ ମରାମତି, ଖାଦ୍ୟ ସୁରକ୍ଷା, ଟ୍ରାଫିକ ଓ ପାର୍କିଂ ପରିଚାଳନା, ଅଗ୍ନି ସୁରକ୍ଷା, ଅସ୍ଥାୟୀ ବିସର୍ଜନ ପୁଷ୍କରିଣୀ, କଣ୍ଟ୍ରୋଲ ରୁମ୍, ପୂଜା ପେଣ୍ଡାଲରେ ପରିମଳର ସଚେତନତା ବାର୍ତ୍ତା ସହ ସଂଯୁକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ କାର୍ଯ୍ୟ ଅବଧି ମଧ୍ୟରେ ସାରିବା ଉପରେ ଆଲୋଚନା ହୋଇଛି। ସହରରେ ପ୍ରାୟ ୧୯୦ଟି ପୂଜା ମଣ୍ଡପ ହୋଇଥିବା ବେଳେ ସବୁଠି ପ୍ଲାଷ୍ଟିକମୁକ୍ତ ପୂଜା, ସୁବନ୍ଦୋବସ୍ତିତ ପାର୍କିଂ ଓ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଷ୍ଟ୍ରିଟ୍ ଲାଇଟ୍‌ର ସମସ୍ୟା ୪୮ ଘଣ୍ଟା ମଧ୍ୟରେ ଦୂର ହେବ। ବୋଲି କମିଶନର କହିଛନ୍ତି। ବୈଠକକୁ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାଶ ଚନ୍ଦ୍ର ଦାସ ଓ ଡେପୁଟି କମିଶନର ଏନ୍ ଗଣେଶ ବାବୁ ପରିଚାଳନା କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ହାଣ୍ଡିଶାଳ...

ଉପରୁ ଜିଏସ୍‌ଟି ହ୍ରାସ ଦ୍ୱାରା କୃଷକମାନଙ୍କ ଆର୍ଥିକ ବୋଝ କମିବ ଏବଂ କୃଷି ଉତ୍ପାଦନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବଢ଼ାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପାନ ମସଲା, ବିଡି ଓ ତମାଖୁଜାତ ଦ୍ରବ୍ୟକୁ ଛାଡି ଅନ୍ୟ ସବୁ ଦ୍ରବ୍ୟ ଉପରୁ କମ୍ପେନସେସନ ସେସକୁ ଗତ ସେପ୍ଟେମ୍ବର ୨୨ ତାରିଖରୁ ଉଠାଇ ଦିଆଯାଉଛି। ଏହା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ। ଏହାବ୍ୟତୀତ ଦ୍ରବ୍ୟ ଓ ସେବାକର ହାରରେ ପରିବର୍ତ୍ତନ କରାଯାଇ ୧୨ ଓ ୨୮ ପ୍ରତିଶତ କର ହାରକୁ ଉଚ୍ଛେଦ କରାଯାଇ ଅଧିକାଂଶ ଦ୍ରବ୍ୟ ଓ ସେବା ଉପରେ ୫ ଓ ୧୮ ପ୍ରତିଶତ ହାରରେ କର ଆଦାୟ କରିବାର ନିଷ୍ପତ୍ତି ନିଷ୍ପତ୍ତି ନିଆଯାଇଥିବାରୁ ମଧ୍ୟବିତ୍ତ ପରିବାର ବହୁମାତ୍ରାରେ ଉପକୃତ ହେବେ ବୋଲି ସେ କହିଛନ୍ତି।

ଔଷଧ, ଦୁଗ୍ଧ-ଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହିତ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ ଯଥା ୨୫୦୦ ଟଙ୍କାରୁ କମ ମୂଲ୍ୟର ବସ୍ତ୍ର ସାମଗ୍ରୀ ଓ ଜୋତା, ସଂରକ୍ଷିତ କରାଯାଇଥିବା ମାଛ, ମାଂସ, ଚିଙ୍ଗୁଡି, କଙ୍କଡା, ଛତୁ, ଜାମ, ଜେଲୀ, ଫଳରସ, ପ୍ୟାକ ହୋଇଥିବା ଭୁଜିଆ, ମିକ୍ସଚର, ସୋୟା ବଡି, ବିରି ଓ ମୁଗ ବଡି, ମଧୁମେହ ରୋଗୀଙ୍କ ଖାଦ୍ୟ, ଗାଲିଚା, ଥର୍ମୋମିଟର, ଶିକ୍ଷାର୍ଥୀଙ୍କ ଜୋମେଟ୍ରି ବାକ୍ସ, ଟୁଥପେଷ୍ଟ, ଟିଭି, ଛତା, ବାସନ କୁସନ, ସିଲାଇ ମେସିନ, ସାଇକେଲ, ପାନିଆ, ମୁଣ୍ଡ କଣ୍ଟା, ସାମ୍ପୁ, କେଶ ତୈଳ, ସେଭିଂ କ୍ରିମ ଉପରୁ କର ହ୍ରାସ ହୋଇଛି; ଯାହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଏବଂ ସେମାଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ। ପ୍ୟାକ ହୋଇଥିବା ଛେନା ବା ପନିର, ପେନସିଲ, ଇରେଜର, ମ୍ୟାପ, ଆଟଲାସକୁ କର ମୁକ୍ତ କରାଯାଇଛି। ବ୍ୟାପକ କର ହାର ସଂଶୋଧନର ଏକ ଅଂଶ ଭାବରେ ୧୫୦ରୁ ଅଧିକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଦୁଇ ସ୍ଲାବ୍ ଟିକସ ଢାଞ୍ଚା ଉପରେ ଜିଏସ୍‌ଟି ପରିଷଦ ବିଚାର ବିମର୍ଶ କରି ନିଷ୍ପତ୍ତି ନେଇଛି। ସିମେଣ୍ଟ ଉପରେ ଜିଏସ୍‌ଟି ହାର ୧୮ ପ୍ରତିଶତକୁ ହ୍ରାସ; ନିର୍ମାଣ ଶିଳ୍ପ, ଓ ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଷ୍ଟାଟଅପ ବ୍ୟବସାୟୀଙ୍କ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି ଆବେଦନକାରୀଙ୍କୁ ଆବେଦନର ତିନି ଦିନ ମଧ୍ୟରେ ସ୍ୱତଃ ପଞ୍ଜୀକରଣ ପ୍ରଦାନ କରାଯିବ। ଯେଉଁ ଆବେଦନକାରୀମାନଙ୍କ ଆକଳନ ଅନୁସାରେ ସେମାନଙ୍କର ମାସିକ କାରବାରରେ ସମୂହ ଟିକସର ପରିମାଣ ଅନ୍ୟ ବ୍ୟବସାୟୀ ସଂସ୍ଥାମାନଙ୍କୁ ୨.୫ ଲକ୍ଷ ଟଙ୍କାରୁ ଅଧିକ ନଥିବ, ସେମାନଙ୍କୁ ଏକ ବିକଳ୍ପ ସରଳ ପଞ୍ଜିକରଣ ବ୍ୟବସ୍ଥାରେ ସାମିଲ କରାଯିବ ଓ ତିନି ଦିନ ମଧ୍ୟରେ ସ୍ୱତଃ ପଞ୍ଜିକରଣ ପ୍ରଦାନ କରାଯିବ। ଛୋଟ କାର, ଦୁଇଚକିଆ ଏବଂ ତିନିଚକିଆ ଗାଡି ଉପରେ ଟିକସ ୧୮ ପ୍ରତିଶତକୁ ହ୍ରାସ କରାଯିବା ଯୋଗୁଁ ନିମ୍ନ ମଧ୍ୟବିତ୍ତ ବର୍ଗ ଲୋକ ଏଥିରୁ ଅଧିକ ଉପକୃତ ହେବେ। ଏକ ବିକଶିତ ଭାରତ ଗଠନ ଲାଗି ଉଦ୍ଦିଷ୍ଟ ଏହି ସଂସ୍କାର ପ୍ରକ୍ରିୟାକୁ ଓଡିଶାବାସୀ ପୂର୍ଣ ସମର୍ଥନ ଜଣାଉଛନ୍ତି। ରାଜ୍ୟର ଜନସାଧାରଣଙ୍କ ତରଫରୁ ଏଥିଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଜିଏସ୍‌ଟି ପରିଷଦକୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

‘ସ୍ୱରାଜ’ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ଏକ ବିକଶିତ ଏବଂ ଆତ୍ମନିର୍ଭର ଭାରତ ପାଇଁ ସ୍ପଷ୍ଟ ଆହ୍ୱାନ ଦେଇଛନ୍ତି। ଆମେ ‘ସ୍ୱରାଜ’ ପାଇଛୁ, ଏବେ ଆମକୁ ଆମର ‘ସମୃଦ୍ଧି’ ପାଇଁ ଲଢ଼ିବାକୁ ପଡିବ। ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଏହାର ମୂଳରେ ଅଛନ୍ତି। ‘ସମୃଦ୍ଧି’ ଓ ‘ଆତ୍ମନିର୍ଭରତା’ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ଆମର ଅନୁଷ୍ଠାନଗୁଡ଼ିକୁ ଅଗ୍ରଣୀ ଭୂମିକା ନେବାକୁ ପଡ଼ିବ। ଆମର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ନବସୃଜନ ଓ ଉଦ୍ୟୋଗ ପାଇଁ ସମୃଦ୍ଧ କ୍ଷେତ୍ର ହେବା ସହ ଏନଆଇଆରଏଫ ଢାଞ୍ଚାରେ ସାମିଲ ହେବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଇଣ୍ଡିଆ ର୍‍ୟାଙ୍କିଙ୍ଗର ପ୍ରଥମ ସଂସ୍କରଣ ୨୦୧୬ରେ ଗୋଟିଏ ବର୍ଗ ଏବଂ ୩ଟି ବିଷୟ ଡୋମେନ୍ ଯଥା ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଓ ଫାର୍ମାସିରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୧୭ରୁ ୨୦୨୫ ପର୍ଯ୍ୟନ୍ତ ନୂତନ ବର୍ଗ ଏବଂ ବିଷୟ ଡୋମେନ୍ ଯୋଡ଼ାଯାଇଛି। ଚଳିତ ଥର ଆଇଆଇଟି ମାଡ୍ରାସ କ୍ରମାଗତ ସପ୍ତମ ବର୍ଷ ପାଇଁ ଓଭରାଲ ବର୍ଗରେ ପ୍ରଥମ ସ୍ଥାନ ବଜାୟ ରଖିଛି। ଓଭରାଲ ବର୍ଗରେ ଶ୍ରେଷ୍ଠ ୧୦୦ ତାଲିକାରେ ୨୪ଟି ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ୨୨ଟି ଘରୋଇ ଡିମ୍ଡ ବିଶ୍ୱବିଦ୍ୟାଳୟ, ୧୯ଟି ଆଇଆଇଟି ଏବଂ ଆଇଆଇଏସସି, ୯ଟି ଘରୋଇ ବିଶ୍ୱବିଦ୍ୟାଳୟ, ୮ଟି ଏନଆଇଟି, ୭ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ୫ଟି ମେଡିକାଲ୍ ପ୍ରତିଷ୍ଠାନ, ୪ଟି ଆଇଜର, ୧ଟି କଲେଜ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଆଇଏଆରଆଇ ସାମିଲ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆଇଆଇଏସସି ବେଙ୍ଗାଲୁରୁ, ମ୍ୟାନେଜମେଣ୍ଟରେ ଆଇଆଇଏମ ଅହମ୍ମଦବାଦ ଏବଂ ମେଡିକାଲ ବର୍ଗରେ ଏମ୍ସ ଦିଲ୍ଲୀ ୧ ନମ୍ବର ରହିଛି। ଜାମିଆ ହମଦର୍ଦ୍ଦ, ନୂଆଦିଲ୍ଲୀ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଫାର୍ମାସିରେ ର୍‍ୟାଙ୍କିଙ୍ଗରେ ଶୀର୍ଷରେ ରହିଛି। ସେହିପରି ପଞ୍ଚଦଶ ସ୍ଥାନରେ ରହିଛି ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ)। କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଉଚ୍ଚ ଶିକ୍ଷା ବିଭାଗର ସଚିବ ଡକ୍ଟର ବୀନିତ ଯୋଶୀ, ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଟିଜି ସୀତାରାମ, ଏନଇଟିଏଫ, ନାକ୍ ଓ ଏନବିଏର ଚେୟାରମ୍ୟାନ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତି ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

୨ ଯବାନ...

ଗୁଳି ଚଳାଇବା ଫଳରେ ସେଠାରେ ଏନ୍‌କାଉଣ୍ଟର୍ ହୋଇଥିଲା। ଗତକାଲି ବିଳମ୍ବିତ ରାତିରେ ପ୍ରତିବନ୍ଧିତ ନକ୍ସଲ ଗୋଷ୍ଠୀ ଟିଏସ୍‌ପିସି ସହ ସ୍ଥାନୀୟ ପୁଲିସ୍‌ର ଗୁଳି ବିନିମୟ ହୋଇଥିଲା।

ସହିଦ ହୋଇଥିବା ଦୁଇ ଯବାନ ହେଲେ ସନ୍ତନ ମେହତା ଓ ସୁନୀଲ ରାମ। ସେହିପରି ଆହତ ହୋଇଥିବା ଯବାନ ରୋହିତ କୁମାରଙ୍କ ଆଣ୍ଠୁରେ ଗୁଳି ବାଜିଛି। ତାଙ୍କୁ ଏମ୍‌ଏମ୍‌ସିଏଚ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ସୁଶୀଲ ପାଣ୍ଡେ ଓ ଡାକ୍ତର ପ୍ରବୀଣ ସିଦ୍ଧାର୍ଥ ଚିକିତ୍ସା କରୁଥିବା ଜଣାପଡ଼ିଛି। ଏଥିସହ ତାଙ୍କୁ ଭେଟିବା ସକାଶେ ପଲାମୁ ଏସ୍‌ପି ଡାକ୍ତରଖାନାରେ ପହଞ୍ଚିଛନ୍ତି। ଏଥିସହ ସହିଦ ହୋଇଥିବା ଦୁଇ ଯବାନଙ୍କ ପରିବାର ପ୍ରତି ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀମାନେ ସମବେଦନା ଜଣାଇଛନ୍ତି।

୫ ମାଓବାଦୀ...

ଟାର୍ଗେଟ କରିବା ଲାଗି ବିସ୍ଫୋରକ ନେଇ ଏହି ମାଓବାଦୀମାନେ ଜଙ୍ଗଲରେ ଲୁଚିଥିବା ବେଳେ ସେମାନେ ଯବାନଙ୍କ ହାତରେ ଧରାପଡ଼ିଛନ୍ତି। ଗିରଫ ହୋଇଥିବା ସମସ୍ତ ମାଓବାଦୀ ମାଓବାଦୀଙ୍କ ଏକ୍ସପ୍ଲୋସିଭ୍ ଟିମର ସଦସ୍ୟ ବୋଲି ଜଣାପଡ଼ିଛି। ସେମାନଙ୍କୁ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ସୁକୁମା ଏସପି କିରଣ ଚୌହାନ କହିଛନ୍ତି।

ମୋଦିଙ୍କ...

ସାମିଲ ହୋଇସାରିଛନ୍ତି। ଗ୍ରାମାଞ୍ଚଳର ଯେଉଁ ଗରିବଗୁରୁବାମାନେ ଅଦ୍ୟାବଧି କଚା ଘରେ ବସବାସ କରିବାକୁ ବାଧ୍ୟ ହେଉଛନ୍ତି, ଏହି ଯୋଜନାରେ ସେମାନଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। ସେହିପରି ମନ୍ତ୍ରୀ ଶ୍ରୀ ନାଏକ ଆହୁରି କହିଛନ୍ତି ନୂଆ ପିଏମ ଆବାସ ସର୍ଭେରେ ଦେଶର ୩୫ ଲକ୍ଷ ହିତାଧିକାରୀ ଆବେଦନ କରିଥିଲେ। ଆସନ୍ତା ନଭେମ୍ବରରେ ପିଏମ୍ ଆବାସ ପାଇଁ ମଧ୍ୟ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ସେହିପରି ନଭେମ୍ବର ସୁଦ୍ଧା ସମସ୍ତ ପ୍ରକ୍ରିୟା ସରିବ ଓ କାର୍ଯ୍ୟାଦେଶ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଡାହାଣୀ...

ରହି ସେମାନେ କିଭଳି ମୀର୍ ଜାଫର ଅବତାର ଗ୍ରହଣ କରିଥିଲେ, ତାହାକୁ ନେଇ ଏବେ କର୍ମୀ ମହଲରେ ଆଲୋଚନା ଚାଲିଛି। ଏପରିକି ପ୍ରଥମ ଦିନରୁ ଯଦି ନବୀନ ଏମାନଙ୍କ ବିରୁଦ୍ଧରେ ଆକ୍ସନ ମୁଡ୍‌କୁ ଆସିଥାନ୍ତେ, ତା’ହେଲେ ଶଙ୍ଖ ଭବନରେ ଅସନ୍ତୋଷ ଖେଳ ରଚାଯାଇନଥାନ୍ତା କି ଦଳରେ ଧାର ଧାରୁନଥିବା କିଛି ଯୁବକ ବରିଷ୍ଠ ନେତା ଦେବୀ ମିଶ୍ରଙ୍କୁ ପ୍ରଶ୍ନ ପଚାରିବାକୁ ସାହସ କରିପାରି ନଥାନ୍ତେ।

ନବୀନଙ୍କ ଏଭଳି ହସ୍ତକ୍ଷେପ ଭିତରେ ଆଜି ଦଳର ମହିଳା ସଭାନେତ୍ରୀ ଭାବେ ପୁର୍ନବାର ସ୍ନେହାଙ୍ଗିନୀ ଛୁରିଆ ମନୋନୀତ ହେବା ସହ ମହିଳା ଶାଖାର ଜୁମ୍ବୋ ଟିମ୍ ତିଆରି ହୋଇଛି। ଏହାକୁ ନେଇ ଦଳ ଭିତରେ ସେଭଳି କୌଣସି ବିବାଦ ନଥିବା ବେଳେ ଡାହାଣୀ-ଗୁଣିଆ ଖେଳାଳିମାନେ ଆଗକୁ କି ପ୍ରକାର ରଣନୀତି ଆପଣାଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ସ୍ନେହାଙ୍ଗିନୀ...

ଓ ରାୟଗଡ଼ା ଜିଲ୍ଲାରେ ନୂଆ ସଭାପତି ଘୋଷଣା ହୋଇଛନ୍ତି। ନୃସିଂହ ଚରଣ ସାହୁ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ହୋଇଥିବା ବେଳେ ଝିନ ହିକକା କୋରାପୁଟ, ଓ ଜଗନ୍ନାଥ ସାରକା ରାୟଗଡା ବିଜେଡି ଜିଲା ସଭାପତି ହୋଇଛନ୍ତି। ଏଥିସହିତ ଜିଲ୍ଲାରେ ଦଳୀୟ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କାର୍ଯ୍ୟକାରୀ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ରାୟଗଡ଼ାରୁ ଗଙ୍ଗାଧର ପୁଆଲା ଓ ରଞ୍ଜିତ କୁମାର ପାଣିଗ୍ରାହୀଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଢେଙ୍କାନାଳ ଜିଲ୍ଲା ପାଇଁ ସନ୍ଦୀପ ଷଡଙ୍ଗୀ ଏବଂ କୋରାପୁଟ ଜିଲ୍ଲା ପାଇଁ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ଏତେ ଘଣ୍ଟାଚକଟା ପରେ ଆଜି ନବୀନ ତିନି ଜିଲ୍ଲା ସଭାପତି ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ଓ ବାଲେଶ୍ୱର ପାଇଁ ଅଙ୍କ ଛିଣ୍ଡୁନି। ଏଭିତରେ ବିଜେଡି ପର୍ଯ୍ୟାୟ କ୍ରମେ ସବୁ ଜିଲ୍ଲା ସଭାପତି ଚୂଡାନ୍ତ କରିସାରିଥିଲେ ବି ଉପକୂଳର ଏହି ଦୁଇ ରାଜନୈତିକ ସମ୍ବେଦନଶୀଳ ଜିଲ୍ଲାରୁ କାହାକୁ ଦାୟିତ୍ୱ ଦିଆଯିବ ତାହା ସ୍ଥିର ହୋଇପାରୁନି। ନିକଟରେ ଛାତ୍ର ଓ ଯୁବ ବିଜେଡି ସଭାପତି ମଧ୍ୟ ଘୋଷଣା ହୋଇଛି। ଯଦିଓ ଛାତ୍ର ଓ ଯୁବ ସଭାପତିଙ୍କୁ ନେଇ ବିଜେଡିରେ ବିବାଦ ସୃଷ୍ଟି ହୋଇଛି ମହିଳା ସଭାନେତ୍ରୀଙ୍କୁ ସେଭଳି ବିବାଦ ଛିଡା ହେବାର ଆଶଙ୍କା ନଥିବା ଆକଳନ କରାଯାଉଛି।

● ଭୁବନେଶ୍ୱରରେ ନିର୍ମମ ହତ୍ୟାକାଣ୍ଡ

ସହକର୍ମୀଙ୍କ ଦ୍ୱାରା ହୋଟେଲ ରୋଷେୟାଙ୍କୁ ହତ୍ୟା

ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ) : ଭୁବନେଶ୍ୱରର ୟୁନିଟ୍-୪ ଅଞ୍ଚଳରେ ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି । ଜଣେ ହୋଟେଲ ରୋଷେୟା ତାଙ୍କ ସହକର୍ମୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ନାମ ବିକ୍ରମ ବେହେରା । ସେ କଟକ ଜିଲ୍ଲା ବାଙ୍କି ଅଞ୍ଚଳର ବୋଲି ଚିହ୍ନଟ କରାଯାଇଛି ।

ରାଜ୍ୟ ରାଜଧାନୀ ସହରର ୟୁନିଟ୍ ୪ ଅଞ୍ଚଳରେ ଅବସ୍ଥିତ ସେବା ହୋଟେଲରେ ବିକ୍ରମ ବେହେରା ରୋଷେୟା ଭାବରେ କାର୍ଯ୍ୟ କରୁଥିଲେ। କିନ୍ତୁ ଗତକାଲି ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଏକ ଛୋଟ କଥାକୁ ନେଇ ତାଙ୍କ ଏବଂ ଅନ୍ୟ ଜଣେ ଅଭିଯୁକ୍ତଙ୍କ ମଧ୍ୟରେ ଉଗ୍ର ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କରେ କ୍ରୋଧିତ ହୋଇ ଅଭିଯୁକ୍ତ ରୋଟି ବେକିଂ ପାଇଁ ବ୍ୟବହୃତ ଏକ ପାତ୍ରରେ ଅଭିଯୁକ୍ତଙ୍କୁ ଆକ୍ରମଣ କରିଥିଲା ।

ତୁରନ୍ତ ହୋଟେଲର ଅନ୍ୟ ସହକର୍ମୀ ଏବଂ କର୍ମଚାରୀମାନେ ବିକ୍ରମ ବେହେରାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ, କିନ୍ତୁ ସେ ଆଜି ମୃତ୍ୟୁବରଣ କରିଛନ୍ତି ।

ଏହି ସମୟରେ, ଖରାଭେଲା ନଗର ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । କେଉଁ ପରିସ୍ଥିତିରେ ବିକ୍ରମ ବେହେରାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଥିଲା ତାହା ଜାଣିବା ପାଇଁ ସେମାନେ ହୋଟେଲର କର୍ମଚାରୀମାନଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି । ପୋଲିସ ହୋଟେଲ ଏବଂ ଆଖପାଖରେ ଲାଗିଥିବା ସିସି କ୍ୟାମେରାର ଫୁଟେଜ୍ ସଂଗ୍ରହ କରିବାକୁ ମଧ୍ୟ ଚେଷ୍ଟା କରୁଛି ବୋଲି ସୂତ୍ରରୁ ଜଣାପଡିଛି। ବେହେରାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ତାଙ୍କ ଉପରେ ହୋଇଥିବା ଆକ୍ରମଣ ବିଷୟରେ ସୂଚନା ଦିଆଯାଇଥିଲା, ଯାହା ପରେ ସେମାନେ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲେ । ତାଙ୍କ ହତ୍ୟାର ପ୍ରକୃତ କାରଣ ଜାଣିବା ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସେମାନେ ପୋଲିସକୁ ଅନୁରୋଧ କରିଥିଲେ।

ସିଡିପିଓଙ୍କ ମନୋମୁଖୀ କାର୍ଯ୍ଯ ନେଇ ଅଙ୍ଗନୱାଡିକର୍ମୀମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ଯାଳୟର ଦ୍ୱାରସ୍ଥ

ବାରିପଦା,୪।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ବିଜାତଳା ବ୍ଲକ ର ଅଙ୍ଗନୱାଡି କର୍ମୀମାନଙ୍କର ବିଭିନ୍ନ ସମସ୍ଯା ନେଇ ଆଜି ଉପଜିଲ୍ଲାପାଳ କାର୍ଯ୍ଯାଳୟ ଠାରେ ପହଞ୍ଚିଥିଲେ । ସେମାନଙ୍କ କହିବା ଅନୁଯାୟୀ ସିଡିପିଓ ଶାନ୍ତିଲତା ପୁଥାଳ ଯେବେ ଠାରୁ ଆସିଛନ୍ତି ସେମାନଙ୍କୁ ଗାଳିଗୁଲଜ କରୁଛନ୍ତି । ଗାଁ ଲୋକମାନଙ୍କ ଆଗରେ ଅପମାନିତ କରୁଛନ୍ତି । ଜାମୁଡାଳି ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ, ବୁଟ ଇତ୍ଯାଦି ଖାଦ୍ଯପଦାର୍ଥ କିଛି ଦୁଷ୍ଟ ପିଲାମାନେ ଚୋରି କରିଥିବାରୁ ସିଡିପିଓ ସ୍ବାଡମ ଯାଞ୍ଚ କମିଟି ଡକାଇ ଅଙ୍ଗନୱାଡି ଓ ସହକର୍ମୀମାନଙ୍କୁ ଗାଳି ଦେଲେ। କଣ୍ଟିଜେନସି ଟଙ୍କାରୁ କବାଟ ଓ ଝରକା ମରାମତି ପାଇଁ ଆଦେଶ ଦେଲେ । କଣ୍ଟିଜେନସି ଟଙ୍କାରେ ଖାତା ଏବଂ ବ୍ଯାନର ଖର୍ଚ୍ଚ ହୋଇଥିବାରୁ ବଳକା ଟଙ୍କାରେ କବାଟ ଓ ଝରକା ମରାମତି କରିବା ସମ୍ଭବ ନୁହେଁ । ଏକଡାଳି ଅଙ୍ଗନୱାଡି କେନ୍ଦ୍ରର ସହକର୍ମୀ ନିଜର ୨ ବର୍ଷର ଭିନ୍ନକ୍ଷମ ଶିଶୁକୁ ଅଙ୍ଗନୱାଡି କେନ୍ଦ୍ରରେ ରଖି ନିଜ କାର୍ଯ୍ଯ ସବୁଦିନ କରନ୍ତି । କେନ୍ଦ୍ର ପରିଦର୍ଶନରେ ସିଡିପିଓ ସ୍ବାଡମ ଆସି ଶିଶୁଟିକୁ ଦେଖି ସହକର୍ମୀ କାହିଁକି ଏହାକୁ ଅଙ୍ଗନୱାଡି କେନ୍ଦ୍ରକୁ ଆଣିଛନ୍ତି ଏବଂ ଗାଳିଗୁଲଜ କଲେ ।

ଡାଇରିଆରେ ୧୦ ଆକାନ୍ତ, ଜଣେ ମୃତ

ଯାଜପୁର,୩।୯(ସଂଚାର ବ୍ୟୁରୋ): ଯାଜପୁରରେ ଦେଖିବାକୁ ମିଳିଛି ଡାଇରିଆ ଆତଙ୍କ। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକରେ ଡାଇରିଆ ବ୍ୟାପିବାରେ ଲାଗିଛି। ଏଥିରେ ୧୦ ଜଣ ଆକାନ୍ତ ହୋଇଥିଲେ। ସମସ୍ତେ ସୁସ୍ଥ ଥିବା ବେଳେ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହେଉଛନ୍ତି ବଡଚଣା ବ୍ଲକ ସାଉଡିଆ ପଞ୍ଚାୟତ ତାଲୁଆ ଗାଁର ଜଣେ ମହିଳା। ସେ ଗୁରୁତର ହେବାକୁ ତାଙ୍କୁ କଟକ ଏସସିବିକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଝାଡାବାନ୍ତିର କାରଣ ନେଇ ଯାଜପୁର ମେଡିକାଲ କଲେଜ ଟିମ୍ ଏବଂ ପାଖ ସିଏଚସି ଯାଞ୍ଚ କରୁଛନ୍ତି। ବଡଚଣା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ଟିମ୍ ମଧ ଗାଁରେ ପହଂଚି ଓ.ଆର.ଏସ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଯୋଗାଇ ଦେଉଛନ୍ତି। ଗାଁରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଓ ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଗାଁକୁ ଝାଡାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ଗାଁରେ ଶୌଚ ହେବାକୁ ଯଥେଷ୍ଟ ସ୍ଥାନ ନଥିବାରୁ ସମସ୍ତେ ଗୋଟିଏ ସ୍ଥାନକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ବ୍ୟାପୁଥିବା ଅଭିଯୋଗ ଆଣିଛନ୍ତି ଲୋକ। ତଲୁଆ ଗାଁରୁ ପାଣି ଓ ଝାଡା ନମୁନା ପରୀକ୍ଷା ପାଇଁ ନିଆଯାଇଛି। ଯାଜପୁର ସିଡିଏମଓ ୩ ଦିନରେ ରିପୋର୍ଟ ଦେବେ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଲଘୁଚାପ ଜନିତ ଲଗାଣ ବର୍ଷା ହେଉଥିବାରୁ ଯଦି ଏହାପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ନନିଏ ଆଗକୁ ଏହା ମହାମାରୀ ରୂପ ଧାରଣ କରିବ ବୋଲି ସାଧାଣରେ ଚର୍ଚ୍ଚା ହେଉଛି।

ସାଲେପୁର ଫାର୍ମାସି କଲେଜରେ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର

ସାଲେପୁର,୩।୯(ସଂଚାର ବ୍ୟୁରୋ): ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍‌ନୋଲୋଜି ଅନୁଷ୍ଠାନ ପରିସରରେ ଆଜି ଏକ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଅଗ୍ନିଶମ ବିଭାଗର ଅଫିସର କର୍ମକର୍ତ୍ତାମାନେ ଯୋଗଦାନ କରି ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ବିପଦ ସମୟରେ କିପରି ଭାବରେ ଅଗ୍ନି ବିଭିଷିକାକୁ ନିୟନ୍ତ୍ରଣ କରି ସୁରକ୍ଷିତ ବ୍ୟବସ୍ଥା ଗ୍ରହଣ କରିହୁଏ, ସେ ସମ୍ପର୍କରେ ଏକ ଆଲୋଚନା ଚକ୍ର ସହିତ ନିଆଁ ଲିଭାଇବା ଯନ୍ତ୍ର ଓ ପ୍ରଣାଳୀକୁ ପ୍ରଦର୍ଶନ କରିଥିଲେ। ଏଥିରେ କଲେଜର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉତ୍ସାହିତ ହେବା ସହ ଅଗ୍ନିଶମ କର୍ମଚାରୀମାନଙ୍କୁ ସେମାନଙ୍କର ସମାଜ ପାଇଁ ଥିବା ବିଶିଷ୍ଟ କର୍ତ୍ତବ୍ୟ ଓ ଉତ୍ତରଦାୟୀତ୍ୱ ପାଇଁ ପ୍ରଶଂସା କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ନିଜେ ସମସ୍ତ ପ୍ରଣାଳୀକୁ ଅନୁସରଣ କରି ମକ୍‌ଡ୍ରିଲ୍ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡଃ ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡଃ ସୁକାନ୍ତ କୁମାର ବେହେରା, ଡଃ ସୁଜିତ୍ ଦାଶ, ମନୋରଞ୍ଜନ ଶତପଥି, ନରେନ୍ଦ୍ର କୁମାର ମିଶ୍ର, ମହେନ୍ଦ୍ର କୁମାର ପାତ୍ର, ଅକ୍ଷୟ ମୋହନ ନାୟକ, ସୂର୍ଯ୍ୟନାରାୟଣ ଭୂୟାଁ, ରୁଦ୍ରସାଗର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

ବଜ୍ରପାତରେ ଯୁବକ ମୃତ

ଆନନ୍ଦପୁର,୩।୯(ସଂଚାର ବ୍ୟୁରୋ): ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କଲରାଗଡ଼ିଆ ଗ୍ରାମର ସାଧୁ ନାୟକ(୫୦)ଙ୍କର ବଜ୍ରପାତ ରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ସାଧୁ ଆଜି ସାଢେ ଦୁଇଟା ବେଳେ ନିକଟସ୍ଥ ପଡ଼ିଆରେ ଗୋରୁ ଚରାଉଥିଲାବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ରାତି ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହେଉଛି।

ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ

ହିଞ୍ଜିଳିକାଟୁ,୩।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଚଳିତ ବର୍ଷ ହିଞ୍ଜିଳିକାଟୁ ମଣ୍ଡଳ ସ୍ତରୀୟ ସର୍ବନିମ୍ନ ୧୪ ରୁ ୧୭ ବୟସ ଛାତ୍ରଛାତ୍ରୀ ମାନଙ୍କ ଦୁଇ ଦିନ ଧରି ଆଲପୁର ହାଇସ୍କୁଲରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ମୋଟ ୫୪୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେଥି ମଧ୍ୟରୁ ୧୦୭ କୃତି ପ୍ରତିଯୋଗୀ ମାନେ ଆଗାମୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକୃଷ୍ଣ ପାତ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସମ୍ପାଦକ ବିଭୁତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଦାୟିତ୍ୱହୀନ ଗୋମାଲିକ, ଅବହେଳିତ ଅବସ୍ଥାରେ କାଞ୍ଜିଆହୁଦା ଗୋଶାଳା

ସହରର ମୁଖ୍ୟ ରାସ୍ତା ଏବେ ବୁଲାଗୋରୁଙ୍କ ଆଶ୍ରୟସ୍ଥଳୀ

ଛତ୍ରପୁର,୩।୯(ସଂଚାର ବ୍ୟୁରୋ): ଗଞ୍ଜାମ ସହରର ପ୍ରମୁଖ ରାସ୍ତାଗୁଡ଼ିକ ବର୍ତ୍ତମାନ ବୁଲା ଗାଈ–ଗୋରୁଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି। ସହରର ମାଳ ମାଳ ହୋଇ ଘୁରୁଥିବା ପଶୁମାନଙ୍କର କାରଣରେ ସାଧାରଣ ଲୋକଙ୍କ ଯାତାୟାତ ଗୁରୁତର ପ୍ରଭାବିତ ହେଉଛି। ଗୋରୁ ମାଲିକଙ୍କର ଦାୟିତ୍ୱହୀନ ପରିଚୟ ପଶୁମାନଙ୍କ ସହ ସାଧାରଣ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଦୁଗ୍ଧ ଦେବାରେ ବିଫଳ, ପ୍ରଜନନ କ୍ଷମତା ହରାଇବା ଗାଈ, ଏବଂ ଛାଟୁଳା ବାଛୁରୀମାନଙ୍କୁ ଗୋମାଲିକ ରାସ୍ତା କଡରେ ଖୋଲା ଛାଡ଼ିଦେବା କାରଣରେ ଏହି ସମସ୍ୟା ବଢ଼ିଥୁବା ଦେଖାଦେଇଛି।ପାର୍ବଣ ସମୟରେ ସହରରେ ଲୋକସମାଗମ, ବଜାରରେ ଭିଡ଼ ଏବଂ ଯାତାୟାତରେ ଚଞ୍ଚଳତା ବଢ଼ୁଥିବା ବେଳେ,ଏହି ସମସ୍ୟା ଅଧିକ ଚିନ୍ତାଜନକ ରୂପ ନେଇଛି। ଗାଡ଼ି, ବସ, ଟ୍ରାକ୍ଟର ଓ ଦୁଇଚକିଆ ଯାନ ସଡ଼କରେ ସହଜରେ ଯାଇପାରୁନଥିବା ପରିସ୍ଥିତି ଦେଖାଯାଉଛି। ସନ୍ଧ୍ୟା ସମୟରେ ଯାତାୟାତ ଓ ପରିବହନରେ ଏହାର ନିୟମିତ ପ୍ରଭାବ ପଡ଼ୁଛି, ଯାହାର ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖାଦେଇଛି।ଏହାକୁ ନେଇ ବାରମ୍ବାର ବିଭିନ୍ନ ଅଭିଯୋଗ ହେଉଥିଲେ ବି ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପ୍ରତିକ୍ରିୟା ମିଳୁପାରୁନାହିଁ ଯାହା ସାଧାରଣରେ ଆଲୋଚନା ହେଉଛି। ଏନେଇ ଗଞ୍ଜାମ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ୨୦୨୧ ମସିହାରେ ବୁଲା ଗାଈ–ଗୋରୁଙ୍କୁ ଅସ୍ଥାୟୀ ଥଇଥାନ ପ୍ରଦାନ କରିବା ପାଇଁ ଲକ୍ଷାଧିକ ଟଙ୍କାରେ ନିର୍ମିତ କାଞ୍ଜିଆହୁଦା ଗୋଶାଳା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନୀୟ ଆନ୍ତରିକତା ଅଭାବରେ ଅବହେଳିତ ହୋଇରହିଥିବା ଦେଖାଦେଇଛି। ଏହା ସହରବାସୀଙ୍କ ମଧରେ ଅସନ୍ତୋଷ ସୃଷ୍ଟି କରୁଛି।ସମସ୍ୟାକୁ ସମାଧାନ କରିବା ପାଇଁ ଗଞ୍ଜାମ ଏନଏସି ଦ୍ୱାରା ଅନୁମୋଦିତ ପ୍ରସ୍ତାବ ଆଜିବି କାଗଜ କଲମରେ ସୀମିତ ରହିଥିବା ଦେଖାଦେଇଛି। ଗୋମାଲିକ ଚିହ୍ନଟ, ସଚେତନ,କାର୍ଯ୍ୟାନୁଷ୍ଠାନ ସବୁଥିରେ ଗଞ୍ଜାମ ଏନଏସି ତରଫରୁ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ପ୍ରଶାସନିକ ଉଦାସୀନତା ଉପରେ ସାଧାରଣର ଆଲୋଚନା ବଢ଼ିଛି।ସହରରେ ସଚେତନତା ବଢାଇବା, ଦାୟିତ୍ୱହିନ ଗୋ ମାଲିକଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ, କାଞ୍ଜିଆ ହୁଦା ଗୋଶାଳା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ସହ ବୁଲା ଗାଈ ଗୋରୁଙ୍କୁ ହଟାଇ ସାଧାରଣ ଯାତାୟାତ ସୁଗମ କରିବାକୁ ଅଂଚଳବାସୀଙ୍କ ତରଫରୁ ଦାବୀ କରାଯାଇଛି।

ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗ୍‌ସ

ସୋଆ ଦେଶର ୧୫ଶ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ୍ ଟୁ ବି ବିଶ୍ୱବିଦ୍ୟାଳୟ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମନୋନୀତ ହୋଇଛି। ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍‌ର ଦଶମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ୧୫ ତମ ସ୍ଥାନ ହାସଲ କରିଛି। ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୫ ବର୍ଷ ନିମନ୍ତେ ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗସ୍ ଘୋଷଣା କରିଥିଲେ। ଏହି ଅବସରରେ କେନ୍ଦ୍ର ରାଜ୍ୟ ଶିକ୍ଷାମନ୍ତ୍ରୀ ସୁକାନ୍ତ ମଜୁମ୍‌ଦାର ମଧ ଉପସ୍ଥିତ ଥିଲେ। ସେହିପରି ସାମଗ୍ରିକ ଶିକ୍ଷାନୁଷ୍ଠାନ ତାଲିକାରେ ସୋଆ ୨୫ ତମ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନୀତ ହୋଇଛି। ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୦ ବର୍ଷ ଧରି ପ୍ରକାଶିତ ହେଉଥିବା ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗସ୍‌ରେ ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛି ସୋଆ। ସେଥି ମଧ୍ୟରୁ ସୋଆ ୮ ଥର ଶ୍ରେଷ୍ଠ ୨୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସାମିଲ୍ କରିପାରିଛି। ଚଳିତବର୍ଷ ମେଡିକାଲ୍ ସାଇନ୍‌ସେସ୍ କ୍ଷେତ୍ରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧୫ ତମ ସ୍ଥାନ ହାସଲ କରିଛି। ଗତ ବର୍ଷ ଏହା ୨୧ ତମ ସ୍ଥାନରେ ରହିଥିବା ବେଳେ ଚଳିତ ଥର ୬ଟି ସ୍ଥାନ ଉପରକୁ ଉଠିଛି ଏହି ଡାକ୍ତରୀ ଶିକ୍ଷାନୁଷ୍ଠାନ। ସେହିପରି ଗତବର୍ଷ ଭଳି ଚଳିତବର୍ଷ ମଧ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ ୯ମ ସ୍ଥାନ ବଜାୟ ରଖିଛି।

ମହିଳା ଆଇନଜୀବୀଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ; ଜଣେ ଅଟକ

ବ୍ରହ୍ମପୁର,୪।୯(ସଂଚାର ବ୍ୟୁରୋ): ସ୍ଥାନୀୟ କୋର୍ଟପେଟା ଛକ ନିକଟରେ ଜଣେ ମହିଳା ଆଇନଜୀବୀଙ୍କୁ କିଛି ଦୁର୍ବୃତ୍ତ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧରୁ ଜଣଙ୍କୁ କାବୁ କରି ଥାନାରେ ଜିମା ଦେଇଛନ୍ତି। ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ମହିଳା ଆଇନଜୀବୀ ଜଣକ ନିଜର କୋର୍ଟ କାମ ସାରି ସ୍ୱାମୀ ସହ ଘରକୁ ଫେରୁଥିବା ବେଳେ ସ୍ଥାନୀୟ କୋର୍ଟପେଟା ଛକ ନିକଟରେ ୩ଜଣ ଯୁବକ ଗୋଟିଏ ଗାଡ଼ିରେ ଆସି ମହିଳା ଆଇନଜୀବୀଙ୍କୁ ଅସଦାଚରଣ କରିଥିଲେ। ଆଇନଜୀବୀ ଜଣକ ଜଣେ ଦୁର୍ବୃତ୍ତଙ୍କୁ ଚାପୁଡ଼ା ମାରିବାରୁ ଦୁର୍ବୃତ୍ତ ମାନେ ମହିଳା ଆଇନଜୀବୀଙ୍କୁ ମାଡ଼ ମାରିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଓ କିଛି ଆଇନଜୀବୀ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ମଧରୁ ଜଣଙ୍କୁ କାବୁ କରି ନେଇଥିଲେ। ଅନ୍ୟମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ଆଇନଜୀବୀ ଜଣକ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଚିକିତ୍ସା ନିମନ୍ତେ ଆହତ ମହିଳା ଆଇନଜୀବୀଙ୍କୁ ନେଇ ମେଡ଼ିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମହିଳାଙ୍କୁ ଆକ୍ରମଣ କରିବା ଘଟଣାକୁ ନିନ୍ଦା କରି ସମ୍ପୃକ୍ତ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ପାଇଁ ବହୁ ଆଇନଜୀବୀ ଥାନାରେ ପହଞ୍ଚି ଦାବି କରିଛନ୍ତି। ମହିଳା ଆଇନଜୀବୀଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ବ୍ରହ୍ମପୁର ଏସପିଙ୍କ ସହ ବହୁ ଆଇନଜୀବୀ ଆଲୋଚନା କରିଛନ୍ତି।

ନାଉଗାଁକୁ ଏନ୍‌ଏସି ମାନ୍ୟତା ଦାବି

ନାଉଗାଁ,୩।୯(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ନାଉଗାଁକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣାରୁ ବାଦ୍ ପଡ଼ିଥିବାରୁ ନାଉଗାଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ ଅଞ୍ଚଳ ଦେଇ ପୁରୀ ପାରାଦୀପକୁ ରାସ୍ତା ସଂଯୋଗ କରିଛି। ତେଣୁ ନାଉଗାଁ ଅଞ୍ଚଳ ବାଣିଜ୍ୟର ପେଣ୍ଠସ୍ଥଳୀ ହୋଇଥିବାରୁ ସଦାସର୍ବଦା ଚଳଚଞ୍ଚଳ ରହିଛି। ଏପରିକି ସବୁ କ୍ଷେତ୍ରରେ ନାଉଗାଁ ରାଜ୍ୟସ୍ତରରେ ତା'ର ପାରଦର୍ଶିତା ଦେଖାଇ ଆସିଛି। ଏସବୁକୁ ଦୃଷ୍ଟିକୁ ନେଇ ନାଉଗାଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାର ଆବଶ୍ୟକତା ଅଛି। ଏକ ପ୍ରେସ ବିବୃତିରେ ଆଡଭୋକେଟ ସୁରେଶ ଦାସ, ପ୍ରାକ୍ତନ ପ୍ରାଧାପକ ବିନୋଦ ବେହୁରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସାରଦା ପ୍ରସାଦ ମୁଦୁଲି, ଅବସରପ୍ରାପ୍ତ ଅଫିସର ବିଷ୍ଣୁ ଚରଣ ଦାସ, ନୃସିଂହ ନାୟକ, ଚିତ୍ତରଞ୍ଜନ କାଣ୍ଡୀ, ପଙ୍କଜ ମହାନ୍ତି, ପ୍ରକାଶ ମହାନ୍ତି, ପ୍ରଶାନ୍ତ ଭୋଇ, ସୁଦାମ ସ୍ୱାଇଁ, ଅଭୟ ଲେଙ୍କା, ଶାଶ୍ୱତ ରଞ୍ଜନ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବି ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିବା ସହିତ ସରକାର ନାଉଗାଁକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଦାବି ଜଣାଇଛନ୍ତି।

● ଖବର ପ୍ରକାଶିତ ପରେ ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ

ଖୁବ ଶୀଘ୍ର ପକ୍କାରାସ୍ତା ଓ ନାଳ ଉପରେ ହେବ ସେତୁ

ସଂଚାର ପ୍ରଭାବ

କାକଟପୁର/ଅସ୍ତରଙ୍ଗ,୩।୯(ସଂଚାର ବ୍ୟୁରୋ): ଖବର ପ୍ରକାଶିତ ପରେ ସ୍ଥିତି ଅନୁଧାନ କଲେ ପ୍ରଶାସନିକ ଅଧିକାରୀ ଓ ଅଧିକାରିଣୀ।ସ୍ୱାଧୀନତାକୁ ଦୀର୍ଘ ୭୮ବର୍ଷ ବିତିଲାଣି। ଅଥଚ ଗାଁ କୁ ପକ୍କା ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଫଳରେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ବର୍ଷା ହେଲେ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ଗାଡି ମୋଟର ଦୂରର କଥା, ଖାଲି ପାଦରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ ବାଡ଼ି ଅବା କାହାର ସାହାରା ନ ହେଲେ ରାସ୍ତା ସହଜରେ ଅତିକ୍ରମ କରିହେବ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦା କୁ ଏ ଦୁର୍ଦ୍ଦଶା ଚିତ୍ର ଦେଖିବାକୁ ମିଳୁଛି। ଗାଁ କୁ ଏବେ ମଧ ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଲା ନାହିଁ। ଗ୍ରାମବାସୀ ଅଭିଯୋଗରୁ ପ୍ରକାଶ ଯେ, ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦା ବସବାସ କରନ୍ତି। ଛୋଟ ରୁ ବଡ଼ ପର୍ଯ୍ୟନ୍ତ ପାଖାପାଖି ୫ଶହ ରୁ ଉର୍ଦ୍ଧ୍ୱ ଲୋକ ଏହି ମାଟି କାଦୁଅ ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ପଶି ଯିବା ଆସିବା କରୁଛନ୍ତି। ସ୍କୁଲ, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବଜାର, ହାଟକୁ ଯିବା ସହିତ ଗାଈ, ଛେଳି, ମେଣ୍ଢା ନେଇ ପ୍ରତିଦିନ ଲୋକେ ଯାତାୟାତ କରିଥାନ୍ତି। ଯଦି ଦୈବାତ ରାତିରେ କାହାର ଦେହପା 'ଖରାପ ହେଲା ଡାକ୍ତରଖାନା ଯିବା ଦୂରର କଥା; ଗାଁ ବାହାରକୁ ମଧ ରୋଗୀ ଟିଏ ବାହାରି ପାରେ ନାହିଁ। ପ୍ରସୂତି ଅବା ଅନ୍ୟ ଗୁରୁତର ରୋଗୀ ଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ଟିଏ କାଦୁଅ ରାସ୍ତା ଯୋଗୁଁ ଗାଁରେ ପହଂଚି ପାରେ ନାହିଁ।

ହୁମା ଫାଣ୍ଡି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୩।୯(ସଂଚାର ବ୍ୟୁରୋ): ବୁଧବାର ହୁମ୍ମା ଫାଣ୍ଡିର ନୂତନ ଫାଣ୍ଡି ଅଧିକାରୀ ଭାବେ ସତ୍ୟଜିତ ବେନି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଶେରଗଡ଼ ଥାନା ଏବଂ ଜିଲ୍ଲା ମୁଖ୍ୟାଳୟ ରେ ଜଣେ ଦାୟିତ୍ୱବାନ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବରେ ଦାୟିତ୍ୱ ତୁଲାଇ ଆସିଛନ୍ତି।

ଦାୟିତ୍ୱ ଗ୍ରହଣ କରିବା ପରେ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଟ୍ରାଫିକ୍ ଓ ଆଇନ ଶୃଙ୍ଖଳାର ସମସ୍ୟାକୁ ଗୁରୁତ୍ୱ ଦେବା ସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି କହିଛନ୍ତି। ଅଞ୍ଚଳର ସୁରକ୍ଷା ପାଇଁ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ବ୍ରାଉନ ସୁଗର ଜବତ,୪ ଗିରଫ

ପାରାଦ୍ୱୀପ,୩।୯(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଧଳା ଜହର କାରବାର।ଏହି ଧଳା ଜହର କାରବାରକୁ ରୋକିବା ପାଇଁ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ ଜୋରଦାର କରାଯାଉଛି।ଏହି ଧଳା ଯହର କାରବାର କରୁଥିବା ଜଣେ ଯୁବକକୁ ଧରିବାରେ ଜଗତସିଂହପୁର ସଦର ପୋଲିସ ସଫଳ ହୋଇଛି। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁନଙ୍ଗ କେନାଲ ରାସ୍ତାରେ ସ୍ଥାନୀୟ ମାର୍କଣ୍ଡ ପୁର୍ ଅଞ୍ଚଳର ପ୍ରମୋଦ କୁମାର ଗୋଚ୍ଛାୟତ(କୁନୁ) ବ୍ରାଉନ ସୁଗାର୍ ବ୍ୟବସାୟ କରୁଥିବା ନେଇ ଜଗତସିଂହପୁର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା।ଚଢାଉ ସମୟରେ କୁନୁ ନିକଟରୁ ୩୫ ଗ୍ରାମ ବ୍ରାଉନ ସୁଗାର ସହିତ ଏକ ବାଇକ ଓ କିଛି ଟଙ୍କା ଜବତ କରିଥିଲା।ଆଜି ତାକୁ ଗିରଫ କରାଯାଇଥିବା ବିଷୟରେ ଜଗତସିଂହପୁର ଏସ ଡି ପି ଓ ଆଯିଙ୍କ୍ୟ ମାନେ ଙ୍କ କାର୍ଯ୍ୟାଳୟ ଠାରେ ଏସପି ଅଙ୍କିତ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସେହିପରି ଭାବେ ପାରାଦୀପ ଲକ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇ ୨୧ ଗ୍ରାମ ବ୍ରାଉନ ସୁ ଗାର, ତିନୋଟି ମୋବାଇଲ, ଏବଂ ୧୮୦୦ ଟଙ୍କା ଜବତ କରାଯିବା ସହିତ ତିନି ଜଣକୁ ଗିରଫ କରାଯାଇଛି, ସେମାନେ ହେଲେ ଝିମାଣି ଗ୍ରାମ ର କାଙ୍ଗାଳି ବାହାଲିଆ ଙ୍କ ପୁଅ ଯୋଗେନ୍ଦ୍ର ବାହାଲିଆ, ନିମିଢ଼ି ଗ୍ରାମର ରବୀନ୍ଦ୍ର ନାଥ ପ୍ରଧାନ ଙ୍କ ପୁଅ ସମ୍ପଦ ଓରଫ ପ୍ରଳୟ ପ୍ରଧାନ ଏବଂ ଉଚ୍ଚବାନନ୍ଦପୁର ଗ୍ରାମର ନିତ୍ୟାନନ୍ଦ ମହାରଣା ଙ୍କ ପୁଅ ବୁଲା ମହାରଣା।ପାରାଦ୍ୱୀପ ଲକ ଥାନା ଆଇ ଆଇ ସି ରଶ୍ମି ରଞ୍ଜନ ଦାସ ଙ୍କ ନେତୃତ୍ୱ ରେ ଏକ ଟିମ କରାଯାଇ, ଆସାମୀ ମାନଂକୁ ଚଢ଼ାଉ କରାଯାଇ ଗିରଫ କରିଥିଲେ ବୋଲି ଏ ଏସପି ସ୍ମୃତି ରଞ୍ଜନ କର ପାରାଦ୍ୱୀପ ଲକ ଥାନା ଠାରେ ଏକ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି।ଆଗକୁ ପାର୍ବଣ ପୂଜା ଆରମ୍ଭ ହେଉଥିବାରୁ ବ୍ରାଉନ ସୁଗାର ଓ ଚୋରା ମଦ ବ୍ୟବସାୟୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ପକ୍ଷରୁ ଏକ ସୋତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯିବା ସହିତ ବ୍ରାଉନ ସୁ ଗାର ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯିବ ବୋଲି ଏସପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଯାଜପୁର,୪।୯(ସଂଚାର ବ୍ୟୁରୋ): ଆଜି ଯାଜପୁର ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ଅଧକ୍ଷତାରେ କୁଆଖିଆଠାରେ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ'ସେବା ପକ୍ଷ' ଦିନାଙ୍କ-୧୭ ସେପ୍ଟେମ୍ବର ରୁ ୨ଅକ୍ଟୋବର ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ନେତା ରଶ୍ମିରଞ୍ଜନ କାନୁନଗୋ, ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଯାଜପୁର ଜିଲ୍ଲାର ବରିଷ୍ଠ ନେତା ଗୌତମ ରାୟ, ବିଞ୍ଝାରପୁର ଭାଜପା ନେତ୍ରୀ ବବିତା ମଲ୍ଲିକ ଯୋଗ ଦେବା ସହିତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ସନ୍ଦେହଜନକ ସ୍ଥିତିରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାକଟପୁର/ଅସ୍ତରଙ୍ଗ,୩।୯(ସଂଚାର ବ୍ୟୁରୋ): ଝୁଲନ୍ତା ଅବସ୍ଥାରେ ୨୬ବର୍ଷୀୟ ଯୁବକ ଙ୍କ ମୃତଦେହ ଉଦ୍ଧାର। କିପରି ହେଲା ମୃତ୍ୟୁ। ପୋଲିସ ପହଂଚିବା ପୂର୍ବରୁ ଭଣ୍ଡାଗଛ ରୁ କିଏ କାହିଁକି ଖୋଲିଲେ ମୃତଦେହ ? ବିଭିନ୍ନ ଦିଗକୁ ନେଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ର ତଦନ୍ତ ଜାରୀ ରହିଥିବା ବେଳେ ବୁଦ୍ଧେଶ୍ୱର ଙ୍କ ମୃତ୍ୟୁ ହତ୍ୟା ନାଁ ଆତ୍ମ ହତ୍ୟା। ନାଁ ମୃତ୍ୟୁ ପଛରେ କଣ ରହିଛି ରହସ୍ୟ, ତାହା କେବେ ଉନ୍ମୋଚନ ହେବ ?

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ଗ୍ରାମର ହରି ପ୍ରଧାନ ଙ୍କ ୨୬ବର୍ଷୀୟ ପୁଅ ବୁଦ୍ଧେଶ୍ୱର ପ୍ରଧାନ। ଦୀର୍ଘ ଦିନ ହେବ ମୁମ୍ବାଇ (ବମ୍ବେ) ରହି ଦାଦନ ଭାବେ କାମ କରୁଥିଲେ। କିନ୍ତୁ ଦୋଳ ପୂର୍ଣ୍ଣିମା ରେ ନିଜ ଘର ଅସ୍ତରଙ୍ଗ ସ୍ଥିତ ଉଦୟପୁର ବୁଲିବାକୁ ଆସି ପୁନର୍ବାର କାମ କରିବାକୁ ବମ୍ବେ ଯାଇଥିଲେ। କିନ୍ତୁ ବୁଧବାର ଦିନ ବୁଦ୍ଧେଶ୍ୱର ପ୍ରଧାନ (୨୬)କୋଣାର୍କ ପହଂଚି ମାଉସୀ ପୁଅ ସୁନୀଲ ସାହୁ ଙ୍କୁ ଯୋଗାଯୋଗ କରିବା ପରେ ସୁନୀଲ କୋଣାର୍କ ପହଂଚି ବୁଦ୍ଧେଶ୍ୱର ଙ୍କୁ ନିଜ ଘର ବଡ଼ ସିରେଇ ଆଣିଥିଲେ। କିନ୍ତୁ ବୁଧବାର ରାତ୍ର ୮ଘ ୩୦ମିନିଟ ସମୟରେ ବୁଦ୍ଧେଶ୍ୱର ବାପା ହରି ପ୍ରଧାନ ଙ୍କୁ ଫୋନ କରି ଭଲ ମନ୍ଦ ସମ୍ପର୍କେ ବୁଝିଥିଲେ। କିନ୍ତୁ ବୁଦ୍ଧେଶ୍ୱର ଅସ୍ତରଙ୍ଗ ଅଞ୍ଚଳ ର ବଡ଼ ସିରେଇ ମାଉସୀ ଘରେ ଅଛନ୍ତି ବୋଲି ପରିବାର ଲୋକଙ୍କୁ ଜଣାଇ ନଥିଲେ କି ମାଉସୀ ଘର ତରଫରୁ ହରି ପ୍ରଧାନ ଙ୍କ ଘରକୁ ସୂଚନା ଦିଆ ହୋଇନଥିଲା ପୁଅ ବୁଦ୍ଧେଶ୍ୱର ବମ୍ବେ ରୁ ଆସି ମାଉସୀ ଡିଲା ସାହୁ ଘରେ ଅଛନ୍ତି ବୋଲି।

ବର୍ଷାରେ ଭାସିଗଲା ପୋଲ, ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ଯାଜପୁର,୪।୯(ସଂଚାର ବ୍ୟୁରୋ): ପ୍ରବଳ ବର୍ଷାରେ ଭାଷିଗଲା ପୋଲ ଓ ଆପ୍ରୋଚ ରୋଡ଼, ଏକ ହଜାରୁ ଅଧିକ ଲୋକଙ୍କ ଗମନା ଗମନରେ ବାଧା ଉପୁଜିଛି। ପ୍ରବଳ ବର୍ଷା ହେବା ଫଳରେ ସୁଜନପୁର ପଞ୍ଚାୟତ ହସନପୁର ନିକଟରେ ଏକ ପୋଲ ସମ୍ପୂର୍ଣ୍ଣ ଭାଷି ଯାଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଏକ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଗତକାଲି ପ୍ରବଳ ବର୍ଷା ହେବା ଫଳରେ ନାଳ ଉପର ମୁଣ୍ଡରେ ଅତ୍ୟଧିକ ବର୍ଷା ପାଣି ଜମି ରହିଥିଲା। ଆଜି ପୁନର୍ବାର ବର୍ଷା ହେବାରୁ ଅଧିକ ପାଣି ଜମିଥିଲା। ହେଲେ କଲଭର୍ଟର ଫୁକାର ଦେଇ ବର୍ଷା ପାଣି ନିଷ୍କାସିତ ହୋଇ ପାରି ନଥିଲା। ଫଳରେ ଏହି କଲଭର୍ଟର ଆପ୍ରୋଚ ରୋଡ଼ ପୋଲ କୁ ଏହା ଭସାଇ ନେଲା। ଆଜି ଦିନ ପ୍ରାୟ ୮ଟା ବେଳେ ଏହି ଘଟଣା ଘଟିଥିଲା।

ଗଣ୍ଡା ନାଳ ଓ ଗାଁରେ ପଶିଲା କାରଖାନା କୋଇଲା ପାଣି

● ଲୋକଙ୍କ ଯନ୍ତ୍ରଣା ବଢାଉଛି କାରଖାନା

କଳିଙ୍ଗନଗର,୪।୯(ସଂଚାର ବ୍ୟୁରୋ): ଦୁଇଦିନ ହେଲା ଲଗାଣ ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଟାଟା ଅଧିକୃତ ନୀଳାଚଳ କାରଖାନା ର କୋକଓଭେନ ସାଇଡରେ ପାହାଡ଼ ପରି ଗଦା ହୋଇଥିବା ଗଛିତ ଥିବା କୋଇଲା ଗୁଣ୍ଡ ବର୍ଷା ପାଣିରେ ଭାସି ଆସି ସାରଙ୍ଗପୁର ଗାଁ ଓ ଗଣ୍ଡାନାଳ ପାଣିକୁ ପ୍ରଦୂଷିତ କରିଛି, ନୀଳାଚଳ କାରଖାନାର ପାଚେରୀ କୁ ଲାଗିକି ଥିବା ସାରଙ୍ଗ ପୁର ଗାଁ କୁ ଯିବା ରାସ୍ତାରେ ହଟିଙ୍ଗ ପାଖରେ ଜଳ ନିଷ୍କାସନ ପାଇଁ ଛୋଟ ଛୋଟ ହୋଲ ଅଛି, ପ୍ରବଳ ବର୍ଷାରେ ସେହି ହୋଲ ପାଖରେ ଥିବା ପଥର ପାଚେରୀ ତଳୁ ଭାଙ୍ଗିଯାଇ କଳା କୋଇଲା ପାଣି ନିର୍ଗତ ହୋଇ ସାରଙ୍ଗ ପୁର ଗାଁ ଓ ଗଣ୍ଡା ନାଳରେ ମିଶିଯାଇଛି, ଗାଁ ଭିତରେ ଥିବା ଜଳାଶୟ, ଚାଷ ଜମିରେ ଏହି କଳା ପାଣି ମାଡି ଯାଇଛି, ସୂଚନା ଥାଉକି ଖରାଦିନେ ପବନରେ ଉଡି ଗୁଣ୍ଡ କୋଇଲା ଏହି ଗାଁ ଓ ଗଣ୍ଡା କୁ ପ୍ରଦୂଷିତ କରୁଥିବା ବେଳେ ବର୍ଷାରେ କଳା ପାଣିରେ ମଧ ପ୍ରଦୂଷିତ କରିଲା, ତେଣୁ କାରଖାନା ପାଚେରୀ କୁ ଥିବା ଗାଁ ଗୁଡିକୁ ବିସ୍ଥାପିତ ନ କଲେ ଜନ ଜୀବନ ଏହି ଜଳ ପ୍ରଦୂଷିତ ରେ ପ୍ରଭାବିତ ହେବେ ନିଶ୍ଚିତ, ଏହି କଳା ପାଣି ଲୋକଙ୍କ ପାଇଁ କାଳ ସାଜିବା ପୂର୍ବରୁ ଏଥିପ୍ରତି ପ୍ରଶାସନ ଓ କମ୍ପାନୀ ଦୃଷ୍ଟି ଦେବା ଦରକାର।

ବରାହ ମନ୍ଦିର ଗର୍ଭଗୃହରେ ଆଣ୍ଠୁଏ ପାଣି

● ନୀତିକାନ୍ତି ପ୍ରଭାବିତ

ଯାଜପୁର,୪।୯(ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଯାଜପୁରର ପ୍ରସିଦ୍ଧ ବରାହ ମନ୍ଦିର ରତ୍ନ ସିଂହାସନକୁ ପାଣି ଛୁଇଁଛି। ଗର୍ଭଗୃହରେ ଆଣ୍ଠୁଏ ପାଣି ଯୋଗୁଁ ନୀତିକାନ୍ତି ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା।ପ୍ରସିଦ୍ଧ ବରାହ ମନ୍ଦିରର ଗର୍ଭଗୃହରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଥିଲା।ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ଜଳ ମନ୍ଦିର ଗର୍ଭଗୃହ ସହିତ ବେଢାରେ ଜମି ରହିଥିଲା। ଆଗକୁ କିଭଳି ଅଧିକ ବର୍ଷା ହେଲେ ଗର୍ଭଗୃହରେ ବର୍ଷା ଜଳ ପ୍ରବେଶ କରିବ ନାହିଁ ଓ ବର୍ଷା ଜଳ କିଭଳି ନିଷ୍କାସିତ ହେବ ସେ ନେଇ ପ୍ରଶାସନ ସ୍ୱତନ୍ତ୍ର ଯୋଜନା କରିବାକୁ ବୁଦ୍ଧିଜୀବିଙ୍କ ସହିତ ଶ୍ରଦ୍ଧାଳୁ ଓ ସେବାୟତ ମାନେ ଦାବି କରିଛନ୍ତି।

ସୁନିଆଁ ଅବସରରେ ବିଭିନ୍ନ ଦୁର୍ଗା ଦେବୀଙ୍କ ମାଟି ଅନୁକୂଳ

ସାଲେପୁର,୪।୯(ସଂଚାର ବ୍ୟୁରୋ): ଆଜି ପବିତ୍ର ସୁନିଆଁ ତିଥି ଅବସରରେ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ମା'ଦଶଭୂଜାଙ୍କର ମାଟି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଧପୁର ଶାରଳା ପୂଜା କମିଟି, ମାଛୁଆତି ଦୁର୍ଗାପୂଜା କମିଟି, ଲୁଣାହାର ହାଟଦୁର୍ଗା ପୂଜା କମିଟି, ବେଲହୁଡ଼ା ଦୁର୍ଗାପୂଜା କମିଟି, ଜପକୁଦ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ର୍ଚ୍ଚନା କରାଯାଇ ପବିତ୍ର ସୁନିଆଁ ତିଥି ପ୍ରଭୁ ବାମନଙ୍କ ଜନ୍ମତିଥି ଅବସରରେ ମା'ଙ୍କର ମାଟିଉଠା ରୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ନିଷ୍ଠାର ସହ ଉପସ୍ଥିତ ରହି ଏହି ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ।

ସମ୍ପ୍ରତି ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କୁ ଭେଟିଛନ୍ତି।

ସେପ୍ଟେମ୍ବର ୮ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଆସନ୍ତା ୮ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଅନିବାର୍ଯ୍ୟ କାରଣବଶତଃ ସ୍ଥଗିତ ରହିବ। ସ୍ଥାନୀୟ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି ପରବର୍ତ୍ତୀ ଜନଶୁଣାଣି ଶିବିରରେ କରାଯିବ। ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

ଖୋଲିଲା ହୀରାକୁଦର ଆଉ ୪ ଗେଟ୍

୧୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ

ସମ୍ବଲପୁର,୪।୯(ସଂଚାର ବ୍ୟୁରୋ): ଖୋଲିଲା ହୀରାକୁଦର ଆଉ ୪ଟି ଗେଟ୍। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଖୋଲିଲା ୪ଟି ଗେଟ। ବର୍ତ୍ତମାନ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ। ଏବେ ଜଳଭଣ୍ଡାରର ଜଳସ୍ତର ରହିଛି ୬୨୬.୨୩ ଫୁଟ। ଜଳଭଣ୍ଡାରକୁ ପ୍ରବେଶ କରୁଛି ୨ ଲକ୍ଷ ୧୫ ହଜାର ୬୪୪ କ୍ୟୁସେକ ଜଳ। ସେହିପରି ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୩୩ ହଜାର ୫୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି।

ଭେଣ୍ଟିଲେଟର୍‌ରେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର

- ଲିଭର୍‌ଜନିତ ସମସ୍ୟାରେ ପୀଡ଼ିତ
- ଆଶୁ ଆରୋଗ୍ୟ କାମନା କଲେ ନବୀନ

ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ) : ଜୀବନ ମରଣ ସହ କରୁଛନ୍ତି ସଂଘର୍ଷ। ଭେଣ୍ଟିଲେଟର ସପୋର୍ଟରେ ଓଡ଼ିଆ ସିନେ ଜଗତର ଦାଦା ଭାବେ ପରିଚିତ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଜି ସକାଳେ ତାଙ୍କୁ ସ୍ଥାନୀୟ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅଭିଜିତ୍ ଦୀର୍ଘ ଦିନ ହେଲା ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇଆସୁଥିଲେ। ଗତ ଗଣେଶ ପୂଜା ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯାଇଥିଲା। ବ୍ରେନ୍‌ରେ ସୋଡିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ୪ ଦିନ ଚିକିତ୍ସିତ ହେବା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ତେଣୁ ଗତ ରବିବାର ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଆଇସିୟୁରେ ରହିଥିଲେ ମଧ୍ୟ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ କୌଣସି ଉନ୍ନତି ହୋଇନଥିଲା। ତେଣୁ ତାଙ୍କୁ ଆଜି ସକାଳୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏବେ ସେ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ଅଭିଜିତଙ୍କ ଅସୁସ୍ଥତା ଖବର ପ୍ରଚାରିତ ହେବା ପରେ ସଙ୍ଗୀତ ଜଗତରେ ଦୁଃଖର କଳାବାଦଲ ଛାଇଯାଇଛି। ବିଭିନ୍ନ କଳାକାର, ସଙ୍ଗୀତପ୍ରେମୀ, କଣ୍ଠଶିଳ୍ପୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭିଜିତ୍‌ଙ୍କ ଆଶୁ ସୁସ୍ଥତା କାମନା କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏ ସମ୍ପର୍କରେ ଉଲ୍ଲେଖ କରିବା ସହ ଜଗନ୍ନାଥଙ୍କ ନିକଟରେ ଅଭିଜିତ୍‌ଙ୍କ ଉତ୍ତମ ସ୍ୱାସ୍ଥ୍ୟ ନେଇ ପ୍ରାର୍ଥନା କରିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଧକ୍କାଦେଲା ଅଟୋ, ୩ ଗୁରୁତର

ଅନୁଗୁଳ,୪।୯(ସଂଚାର ବ୍ୟୁରୋ): ଅନୁଗୁଳ ଜିଲ୍ଲା ଜରପଡ଼ା ଥାନା ଓଗି ଗ୍ରାମ ରାସ୍ତାରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ସମୟରେ ଦ୍ରୁତ ଗତିରେ ଆସି ଏକ ଅଟୋରିକ୍ସା ଧକ୍କା ଦେବା ଫଳରେ ୩ ଜଣ ଛାତ୍ରଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନେ ହେଲେ ଓଗି ମାହାର (୯), ପ୍ରଦୀପ ମାହାରଙ୍କ ପୁଅ ଚିକୁ ମାହାର (୮) ଓ ଚେରୁ ପଧାନଙ୍କ ଝିଅ ଶୁଭଲକ୍ଷ୍ମୀ (୪)। ମିଳିଥିବା ସୂଚନାନୁସାରେ, ଗୁରୁବାର ସକାଳ ସାଢ଼େ ୯ଟା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଉଥିଲେ। ତେବେ ନୂଆ ମାହାର ସାହିଠାରେ ଏକ ଦୋକାନ ନିକଟରେ ଛାତ୍ରଛାତ୍ରୀମାନେ ଛିଡା ହୋଇଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଅଟୋରିକ୍ସା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଛିଟିକି ପଡିଥିଲେ। ଅଟୋରିକ୍ସାଟି ମଧ୍ୟ ଭାରସାମ୍ୟ ହରାଇ ଉକ୍ତ ଦୋକାନ ଭିତରେ ପଶିଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ଭାବେ ଆହତ ହୋଇଥିବା ପିଲାମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଚତୁର୍ଥ ଶ୍ରେଣୀ ଛାତ୍ର ଚନ୍ଦନଙ୍କ ଗୋଡ଼ ଓ ହାତ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏହାଛଡ଼ା ତୃତୀୟ ଶ୍ରେଣୀରେ ପଢୁଥିବା ଚିକୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଉଭୟଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏହାଛଡ଼ା ଅଙ୍ଗନବାଡ଼ିରେ ପଢୁଥିବା ଶିଶୁକନ୍ୟା ଶୁଭଲକ୍ଷ୍ମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ପୁଲିସ ଦୁର୍ଘଟଣା ଘଟାଇଥିବା ଅଟୋକୁ ଜବତ କରିବା ସହ ତା'ର ଚାଳକକୁ ଅଟକ ରଖିଛି।

ଟ୍ରେନ୍ ଧକ୍କାରେ ହାତୀ ଗୁରୁତର

ସୁନ୍ଦରଗଡ଼,୪।୯(ସଂଚାର ବ୍ୟୁରୋ): ଟ୍ରେନ ଟ୍ରାକରେ ଛଟପଟ ହାତୀ। ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ନିକଟ ସାଗରା ରେଳ ଲାଇନ ପାର ସମୟରେ ଏକ ଟ୍ରେନ୍ ଉକ୍ତ ହାତୀଟିକୁ ଧକ୍କା ଦେଇଥିଲା। ଫଳତଃ ଗୁରୁତର ଅବସ୍ଥାରେ ଟ୍ରେନ ଲାଇନରେ ପଡ଼ି ହାତୀଟି ଛଟପଟ ହେଉଛି। ହାତୀଟିକୁ ଏପରି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନେ ବନ ବିଭାଗ ଓ ପୁଲିସକୁ ଖବର ଦେଇଥିଲେ ସୁଦ୍ଧା ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କେହି ବି ପହଞ୍ଚି ନ ଥିବା ଜଣାପଡ଼ିଛି। ଫଳରେ ଏହାକୁ ନେଇ ସାଧାରଣରେ ପ୍ରବଳ ଉଦ୍‌ବେଗ ପ୍ରକାଶ ପାଇଛି। ଦୁର୍ଘଟଣା ପରେ ହାତୀଟି ଟ୍ରେନ ଲାଇନରେ ପଡ଼ି ରହିଥିବାରୁ ଉକ୍ତ ଟ୍ରାକ୍ ଦେଇ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି।

ବଜ୍ରାଘାତରେ ୩ ସପ୍ତମ ଶ୍ରେଣୀ ଛାତ୍ରୀ ଆହତ

ଯାଜପୁର,୪।୯(ସଂଚାର ବ୍ୟୁରୋ): ବଜ୍ରାଘାତରେ ୩ ଜଣ ସପ୍ତମ ଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ଖମିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏପରି ଅଘଟଣ ଘଟିଛି। ଆଜି ମଧ୍ୟାହ୍ନରେ ସ୍କୁଲରେ କ୍ଲାସ ଚାଲୁଥିବା ସମୟରେ ହଠାତ୍ ବଜ୍ରାଘାତ ହୋଇଥିଲା। ଝରକା ଖୋଲାଥିବାରୁ ଝରକା କଡ଼ରେ ବସି ପାଠ ପଢୁଥିବା ୩ ଜଣ ଛାତ୍ରୀ ଏହି ବଜ୍ରାଘାତର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଛାତ୍ରୀ ଗୁରୁତର ହୋଇଥିବା ବେଳେ ଅନ୍ୟ ଛାତ୍ରୀ ଜଣଙ୍କ ସାମାନ୍ୟ ଆହତ ହୋଇଛନ୍ତି। ଆହତ ଛାତ୍ରୀମାନଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ଭଲ ଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି।

୪ ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା

- ୩ ବନ୍ଧୁକ ଓ ଧନୁତୀର ଜବତ

ଉଦଳା,୪।୯(ସଂଚାର ବ୍ୟୁରୋ): ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା। ୪ ଶିକାରୀ ଗିରଫ ସହ ୩ ବନ୍ଧୁକ ଓ ଧନୁତୀର ଜବତ। ଶିମିଳିପାଳ ଜଙ୍ଗଲରୁ ବହୁ ସମୟରେ ଶିକାର କରୁଥିଲେ ଅଭିଯୁକ୍ତ। ପୋଡ଼ାଡିହା ରେଞ୍ଜରେ ଶିକାର ପାଇଁ ଯାଇଥିବା ବେଳେ କଏଦ କରିଥିଲା AI କ୍ୟାମେରା। ଏସଟିଆରଏଫ ଭଞ୍ଜବସା ଡ଼ଙ୍ଗାଡିହା ଅଞ୍ଚଳରେ ଚଢ଼ାଉ କରି ଘରୁ ୪ ଜଣ ଶିକାରୀଙ୍କୁ ଉଠାଇ ଆଣିଥିଲା। ଗିରଫ ହୋଇଥିବା ଶିକାରୀମାନେ ହେଲେ ଡଙ୍ଗାଡାହି ଗାଁର ରନ୍ଧା ଆଳଦା, ମଦନ ବରୀ, ସାନବାଇକ ବାନାରା ଓ ବିଜୟ ସିଙ୍କୁ। ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ ସହ ଧନୁତୀର ଜବତ କରାଯାଇଛି। ଏଥିସହ ଶିମିଳିପାଳ ଜଙ୍ଗଲରୁ ବହୁ ସମୟରେ କୁଟୁରା, ଗୁରାଣ୍ଡି,ବାରହା ଆଦି ଶିକାର କରୁଥିବା ଉକ୍ତ ୪ ଅଭିଯୁକ୍ତ ସ୍ୱୀକାର କରିଛନ୍ତି।

ଜିଏସ୍‌ଟି ସଂସ୍କାର ନେଇ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

ସମାଜରେ ଆର୍ଥିକ ଆତ୍ମବିଶ୍ୱାସ ବଢ଼ିବ

- ସ୍କୁଲ ଛାତ୍ରଛାତ୍ରୀଙ୍କଠାରୁ ସାଧାରଣ ନାଗରିକ ହେବେ ଉପକୃତ
- ଓଡ଼ିଶା ଭଳି ରାଜ୍ୟ ବିଶେଷ ଲାଭବାନ ହେବେ
- କେନ୍ଦୁପତ୍ର ତୋଳାଳି, ବୁଣାକାରଙ୍କୁ ମିଳିବ ଫାଇଦା
- କୋଇଲା ଉତ୍ପାଦନରେ ଓଡ଼ିଶାର ରାଜସ୍ୱ ୯ ପ୍ରତିଶତକୁ ବଢ଼ିବ
- ଜିଏସ୍‌ଟିରେ ସାମିଲ୍ ହେଲେଣି ଦେଢ଼ କୋଟି ବ୍ୟବସାୟୀ

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଗତକାଲି ଜିଏସଟି ପରିଷଦ ବୈଠକରେ ହୋଇଥିବା ଐତିହାସିକ ନିଷ୍ପତ୍ତି ଦ୍ୱାରା ସାଧାରଣ ବର୍ଗର ଲୋକଙ୍କ ଆକାଂକ୍ଷା ପୂରଣ ହେବ ଓ ସମାଜରେ ଆର୍ଥିକ ଆତ୍ମବିଶ୍ୱାସ ବଢ଼ିବ ବୋଲି ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୫୬ତମ ଜିଏସଟି ପରିଷଦ ବୈଠକରେ ୫% ଓ ୧୮% ସ୍ଲାବ ଢାଞ୍ଚାରେ ନେଇ ଯେଉଁ ନିଷ୍ପତ୍ତି ହୋଇଛି, ତାହା ପ୍ରଶଂସନୀୟ। ଏହାଦ୍ୱାରା ଦୈନନ୍ଦିନ ବ୍ୟବହାରଯୋଗ୍ୟ ସାମଗ୍ରୀ ଶସ୍ତା ହେବ। ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଓ ଯୁବକମାନେ ଲାଭବାନ ହେବେ। ଏହି ପଦକ୍ଷେପ ଓଡ଼ିଶା ସମେତ ଦେଶବାସୀଙ୍କୁ ମୋଦି ସରକାରଙ୍କ ଦଶହରା ଓ ଦୀପାବଳି ଉପହାର। ଏହି ନିର୍ଣ୍ଣୟ ଭାରତରେ ଅର୍ଥନୀତି ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସାବ୍ୟସ୍ତ ହେବ। ବଜାରକୁ ସର୍କୁଲାର ଅର୍ଥନୀତି ଆସିବ। ଲୋକମାନଙ୍କ କ୍ରୟ ଶକ୍ତି ବଢ଼ିବ, ଯାହାଦ୍ୱାରା ଉତ୍ପାଦନ ବଢ଼ିବ ଏବଂ କଞ୍ଚାମାଲର ବ୍ୟବହାର ବୃଦ୍ଧି ପାଇବ। ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଓ ସହଜ ଜୀବନଯାପନର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ଶ୍ରୀ ପ୍ରଧାନ କହିବା ସହ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେ ଆହୁରି କହିଛନ୍ତି ଯେ କେନ୍ଦୁପତ୍ର ଉପରେ ଜିଏସଟି ସ୍ଲାବ ୧୮ରୁ ୫ ପ୍ରତିଶତକୁ ହ୍ରାସ ପାଇଥିବାରୁ ଓଡ଼ିଶାର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ ବ୍ୟବସାୟ ସହ ଜଡ଼ିତ ପାଖାପାଖି ୧୫ ଲକ୍ଷ ଲୋକ ଉପକୃତ ହେବେ। ସୂତା ଉପରେ ମଧ୍ୟ ଜିଏସଟି ୫ ପ୍ରତିଶତକୁ ଖସିଥିବାରୁ ରାଜ୍ୟର ପଶ୍ଚିମାଞ୍ଚଳ ବୁଣାକାରମାନେ ଲାଭବାନ ହେବେ। ଏହାଛଡ଼ା କୋଇଲା ଉପରେ ଜିଏସଟିକୁ ୧୮ ପ୍ରତିଶତକୁ ବୃଦ୍ଧି କରାଯାଇଥିବାରୁ ଏକ ପ୍ରମୁଖ କୋଇଲା ଉତ୍ପାଦନକାରୀ ରାଜ୍ୟ ଭାବେ ଓଡ଼ିଶାର ରାଜସ୍ୱ ପରିମାଣ ଅଢ଼େଇରୁ ୯ ପ୍ରତିଶତକୁ ବଢ଼ିପାରିବ। ସେହିପରି ଏମସିଏଲ ଭଳି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ବେସରକାରୀ ସଂସ୍ଥାର ମିଳିତ ଉଦ୍ୟମରେ ୨୫୦ ମିଲିୟନ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ କୋଇଲା ଉତ୍ପାଦନ ଲକ୍ଷ୍ୟ ରହିଛି।

ଏହାଛଡ଼ା ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ଅମଳ କାମରେ ଲାଗୁଥିବା ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଆଦି ଶସ୍ତା ହେବା ପରିପ୍ରେକ୍ଷୀରେ ଏହି କ୍ଷେତ୍ର ସହ ଜଡ଼ିତ ଲୋକମାନେ ଲାଭବାନ ହୋଇପାରିବେ। ଆହୁରି କ୍ଷୁଦ୍ର ଓ ଷ୍ଟାର୍ଟଅପ୍ ବ୍ୟବସାୟମାନଙ୍କ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରାଯିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମାଜନିତ ସେବାକୁ ଜିଏସ୍‌ଟିମୁକ୍ତ କରାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ଜନ୍ମ ଜାଲିଆତି, ଚାକିରିରୁ ଅଙ୍ଗନବାଡ଼ି ଦିଦି ବହିଷ୍କୃତ

ଉଦଳା,୪।୯(ସଂଚାର ବ୍ୟୁରୋ): ଭିନ୍ନ ଭିନ୍ନ ଜନ୍ମ ତାରିଖ ପାଇଁ ଚାକିରିରୁ ବିଦା ହେଲେ ଅଙ୍ଗନବାଡ଼ି କର୍ମୀ। ମୟୂରଭଞ୍ଜ କପ୍ତିପଦା ବ୍ଲକ ଦେବାନବାହାଲି-୨ ଅଙ୍ଗନୱାଡି କର୍ମୀ ସୁମି ସିଂ ଶମ୍ଭୁରାଇ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ୪ଟି ଭିନ୍ନ ଭିନ୍ନ ଜନ୍ମ ତାରିଖ ଦର୍ଶାଇଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି ଜିଲ୍ଲା ପ୍ରଶାସନ। ୨୦୨୨ ମସିହାରୁ ଦେବାନବାହାଲୀ-୨ ଅଙ୍ଗନୱାଡି କର୍ମୀ ଭାବେ ଚାକିରି କରିଆସୁଥିଲେ ସୁମି। କିନ୍ତୁ ତାଙ୍କ ପ୍ରମାଣପତ୍ରରେ ଭିନ୍ନ ଭିନ୍ନ ଜନ୍ମ ତାରିଖ ଉଲ୍ଲେଖ ଥିଲା। ସମସ୍ତ ଦସ୍ତାବିଜର ପୁଙ୍ଖାପୁନୁଙ୍ଖ ଯାଞ୍ଚ କରିବା ପରେ ସୁମିଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଜନ୍ମ ତାରିଖରେ ତଞ୍ଚକତା କରି ସେ ଚାକିରି ହାତେଇଥିବା ଅଭିଯୋଗ ହୋଇଥିଲା।

ପୁଲିସ୍ ପାଉନି ହତ୍ୟାକାରୀର ଟେର୍

ତାତିଲେ ଗ୍ରାମବାସୀ, ଘେରିଲେ ଥାନା

ଆଦର୍ଶ ପୋଲିସ ଥାନା
ବୀରମହାରାଜପୁର

ସୁବର୍ଣ୍ଣପୁର,୪।୯(ସଂଚାର ବ୍ୟୁରୋ): ଗତ ୨୯ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାର ମେଣ୍ଡାମାଲ ଗ୍ରାମରେ ଶିବ ମନ୍ଦିର ସମ୍ମୁଖରେ ଥିବା ରାମଲୀଳା ମଣ୍ଡପ ସମ୍ମୁଖରେ ଅଜିତ ନାମକ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଥିଲେ ଦୁର୍ବୃତ୍ତ। ହଠାତ ଘଟିଯାଇଥିଲା ଛାତିଥରା ଘଟଣା। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବାଘମାରି ଗାଁର ଅଜିତ ଖଣ୍ଡଗିରିକୁ ମେଣ୍ଡାମାଲ ଗାଁରେ ଅତି ନିର୍ମମ ଭାବେ ଗୋଡେଇ ଗୋଡେଇ ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ ହତ୍ୟାକାରୀ। ଆଜକୁ ଏକ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସର ହାତ ଖାଲି। ଯାହାକୁ ନେଇ ଅସନ୍ତୋଷ ଗ୍ରାମବାସୀଙ୍କ ସମେତ ପରିବାର ଲୋକେ। ନ୍ୟାୟ ଦାବି ପ୍ରଦାନ ସହ ତୁରନ୍ତ ଅଜିତଙ୍କୁ ହତ୍ୟା କରିଥିବା ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଥାନା ଘେରାଓ କରିଛନ୍ତି ଗାଁ ଲୋକେ। ଘଟଣାକୁ ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ପୁଲିସ୍ ଅଦ୍ୟାବଧି ଅଭିଯୁକ୍ତର କୌଣସି ଟେର ପାଇପାରିନାହିଁ। ତେଣୁ ଅଜିତ୍‌ଙ୍କ ପରିବାର ପାଇଁ ନ୍ୟାୟ ଦାବି କରିବା ସହ ଗାଁର ଶତାଧିକ ମହିଳା ଓ ପୁରୁଷ ନିରବ ଶୋଭାଯାତ୍ରାରେ ବାହାରି ବୀରମହାରାଜପୁର ଥାନା ଘେରାଉ କରିଛନ୍ତି। ସେମାନେ ଥାନା ସମ୍ମୁଖରେ ବସି ରହିବା ସହ ଅଜିତଙ୍କ ହତ୍ୟାକାରୀ କେବେ ଗିରଫ ହେବ ବୋଲି ପୁଲିସ୍ ଅଧିକାରୀଙ୍କଠାରୁ ଉତ୍ତର ଚାହିଁଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ସେମାନଙ୍କ ଆନ୍ଦୋଳନରୁ ଓହରିଥିଲେ।

ସରକାରୀ ବସ୍‌କୁ ଅଟକ ରଖିଲେ ଗ୍ରାମବାସୀ

- ପ୍ରଶାସନିକ ଉଦାସୀନତାର ପ୍ରତିବାଦ

ବଣାଇ,୪।୯(ସଂଚାର ବ୍ୟୁରୋ): ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସକାଶେ ଗ୍ରାମବାସୀ ଏକ ଭିନ୍ନ ତରିକା ଆପଣାଇଛନ୍ତି। ଗ୍ରାମବାସୀ ଏକ ଓଏସଆରଟିସି ବସକୁ ବନ୍ଧକ ରଖିଛନ୍ତି। ଏଥିସହ ସେମାନେ ଗାଁକୁ ବସ୍ ଚାଲିଲେ ହିଁ ସେମାନେ ବନ୍ଧକ ରଖିଥିବା ବସ୍‌କୁ ଛାଡ଼ିବେ ବୋଲି ସର୍ତ୍ତ ମଧ୍ୟ ରଖିଛନ୍ତି। ସୁନ୍ଦରଗଡ଼ ବଣାଇଁ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମବାସୀ ଉକ୍ତ ସରକାରୀ ବସ୍‌କୁ ବନ୍ଧକ ରଖିଛନ୍ତି। ଦୀର୍ଘ ଦିନ ହେବ ଗୋବିନ୍ଦପୁର ପଞ୍ଚାୟତବାସୀ ସେମାନଙ୍କ ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବା ସକାଶେ ଦାବି କରିଆସୁଥିଲେ। ଏନେଇ ସେମାନେ ସ୍ଥାନୀୟ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବି ପହଞ୍ଚିଥିଲେ। କିନ୍ତୁ କ୍ରମାଗତ ଭାବେ ଦାବି କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟା ପ୍ରତି କେହି ବି ଦୃଷ୍ଟି ଦେଇନଥିଲେ। ଶେଷରେ ସେମାନେ ଗତକାଲି ଉକ୍ତ ଓଏସ୍‌ଆରଟିସି ବସକୁ ବନ୍ଧକ ରଖିଥିବା ଜଣାପଡ଼ିଛି। ସେମାନେ କହିଛନ୍ତି ଯେ ଆମକୁ ବସ ଦିଅ, ତା'ପରେ ତୁମ ବସ ନେବା। ଏହାକୁ ନେଇ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଝାମେଲା ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେଠାରେ କୌଣସି ପ୍ରଶାସନିକ ଅଧିକାରୀ କି ପୁଲିସ ପହଞ୍ଚିନଥିବା ଜଣାପଡ଼ିଛି।

ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ରରେ ଏଆଇ ସଚେତନତା କର୍ମଶାଳା

ନାଗରିକ କୈନ୍ଦ୍ରିକ ସେବା କ୍ଷେତ୍ରରେ ଏଆଇ ଗୁରୁତ୍ୱପୂର୍ଣ୍ଣ

NICNET
IVFRT
Energy

ଭୁବନେଶ୍ୱର,୪।୯(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ମୁଖ୍ୟାଳୟରେ ଏକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସଚେତନତା କର୍ମଶାଳା ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ଓ ସଂଗଠନରୁ ଶତାଧିକ ଅଧିକାରୀ ଯୋଗ ଦେଇଛନ୍ତି। ଏହାକୁ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉଦ୍‌ଘାଟନ କରି କୃତ୍ରିମ ବୁଦ୍ଧିମତ୍ତା ତଥା ଅନ୍ୟ କେତେକ ଟେକ୍ନୋଲୋଜି ରାଜ୍ୟରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା କହିଥିଲେ। ଏହାଦ୍ୱାରା ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରିତା କିଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଆଇକୁ ବ୍ୟବହାର କରି ନୋଟିଂ, ଡ୍ରାଫ୍ଟିଙ୍ଗ ଭଳି ଦୈନନ୍ଦିନ ସରକାରୀ କାର୍ଯ୍ୟକୁ ସହଜରେ କରାଯାଇପାରିବ ବୋଲି ସେ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଏଆଇର ଉପଯୋଗ କରି ଶାସନ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀମତୀ ଗର୍ଗ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଲ୍ଲୀସ୍ଥିତ ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ର ମୁଖ୍ୟାଳୟର ଉପମହାନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ସଂଯୋଜକ ଟିମୋଥୀ ଦଖର ଏଆଇ ନେଇ ନିଜ ଅନୁଭୂତି ଉପସ୍ଥାପନ କରିବା ସହ ଏହାର ଆଇନଗତ, ଗୋପନୀୟତା, ପାରଦର୍ଶିତା, ସାମାଜିକ, ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଏନ୍‌ଆଇସିର ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ. ଅଶୋକ କୁମାର ହୋତା ନିଜର ସ୍ୱାଗତ ଭାଷଣରେ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଭବିଷ୍ୟତରେ ଏହିପରି ଅଧିକ କର୍ମଶାଳା ଓଡ଼ିଶା ସରକାରଙ୍କ ଅଧିକାରୀମାନଙ୍କ ପାଇଁ କରାଯିବାର ଯୋଜନା ରହିଛି ବୋଲି କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏଆଇ ସମ୍ପର୍କିତ ଏକ ପ୍ରଚାର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରିଶେଷରେ ଏନ୍‌ଆଇସିରେ ନବୀକୃତ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ. ପବିତ୍ରାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ପ୍ରଶିକ୍ଷଣ ବିଭାଗ ମୁଖ୍ୟ ଜୟନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

ବଜାରକୁ ଆସିଲା ନୂଆ ଇର୍ଟିଗା

ନୂଆଦିଲ୍ଲୀ, ୪।୯: କାର୍ ଲଭର୍ସଙ୍କ ପାଇଁ ଆସିଲା ଗୁଡ୍ ନ୍ୟୁଜ୍। ଯେତେବେଳେ ଲୋକେ ଫ୍ୟାମିଲ କାର୍ କିଣିବାକୁ ପ୍ଲାନ୍ କରିଥାନ୍ତି, ସେତେବେଳେ ତାଙ୍କ ନଜରରେ ଇର୍ଟିଗା ର ନାମ ପ୍ରଥମେ ଆସିଥାଏ। ଏବେ ମାରୁତି ସୁଜୁକି ଭାରତୀୟ ବଜାରରେ ଏହାର ଇର୍ଟିଗାକୁ ଅପଡେଟ୍ କରିଛି। ଗାଡ଼ି ମେକର କମ୍ପାନୀ ଏହି ଏମପିଭିକୁ ପୂର୍ବ ଅପେକ୍ଷା ଅଧିକ ଦମଦାର୍ କରିବା ପାଇଁ କିଛି ନୂଆ ଫିଚର୍ସ ଏବଂ କିଛି ଛୋଟ କସମେଟିକ୍ ପରିବର୍ତ୍ତନ କରିଛନ୍ତି। ଏହି ଦମଦାର୍ କାରର ଇଣ୍ଟେରିୟରରେ ସବୁଠାରୁ ବଡ଼ ପରିବର୍ତ୍ତନ ସେଫ୍ଟି ଫିଚର୍ସକୁ ନେଇ ହୋଇଛି। ଏବେ ସମସ୍ତ ଭାରିଆଣ୍ଟରେ ଷ୍ଟାଣ୍ଡାଡ୍ ଭାବରେ ୬ଟି ଏୟାରବ୍ୟାଗ୍ ଅଛି। ଏହା ସହିତ, ସମସ୍ତ ସିଟରେ ୩-ପଏଣ୍ଟ ସିଟ୍ ବେଲ୍ଟ ଅଛି, ଯେତେବେଳେ ପୁରୁଣା ମଡେଲରେ ଦ୍ୱିତୀୟ ଧାଡିର ମଧ୍ୟ ସିଟରେ କେବଳ ଏକ ଲ୍ୟାପ୍ ବେଲ୍ଟ ଥିଲା। ଏଥିସହ ଇଞ୍ଜିନ୍ ଅପ୍ସନଗୁଡିକ ସେହି ପୁରୁଣା ୧.୫-ଲିଟର କେ୧୫ସି ସ୍ମାର୍ଟ ହାଇବ୍ରିଡ୍ ପେଟ୍ରୋଲ୍ ଏବଂ ସିଏନଜି ଭର୍ସନ ରହିଛି। ପେଟ୍ରୋଲ୍ ମଡେଲ୍ ୨୦.୫୧ କିଲୋମିଟର/ଲିଟର ପର୍ଯ୍ୟନ୍ତ ମାଇଲେଜ୍ ଦେଇଥାଏ, ଯେତେବେଳେ ସିଏନଜି ମଡେଲ୍ ପ୍ରାୟ ୨୬.୧୧ କିଲୋମିଟର/କିଲୋଗ୍ରାମ ଫ୍ୟୁଏଲ୍ ଏଫିସିଏନ୍ସି ଅଫର କରିଥାଏ।

ନୂଆ ଇର୍ଟିଗା ଏବେ ୪୦ଏମଏମ ଲମ୍ବା ଏବଂ ଏହାର ମୋଟ ଲମ୍ବ ୪,୪୩୫ଏମଏମରେ ପହଞ୍ଚିଛି। ବ୍ୟାକ୍ ସାଇଡରେ, ଏକ ନୂଆ ରୁଫ୍-ମାଉଣ୍ଟେଡ୍ ରିୟର ସ୍ପଏଲର୍ ପ୍ରଦାନ କରାଯାଇଛି, ଯାହା ଏହାକୁ କେବଳ ଏକ ସମଗ୍ର ମର୍ଡନ୍ ଲୁକ୍ ଦେଇନାହିଁ ବରଂ ଗାଡ଼ିର ରୋଡ୍ ପ୍ରେଜେନ୍ସକୁ ବଢ଼ାଇଥାଏ। ଏହା ବ୍ୟତୀତ, ଅପଡେଟ୍ ହୋଇଥିବା ଟେଲ୍ ଲ୍ୟାମ୍ପ, ନୂଆ ଟୋଲଗେଟ୍ ଏବଂ ରିୟର କ୍ୱାର୍ଟର ପ୍ୟାନେଲ୍ ଦେଖାଯାଇପାରିବ। ହେଲେ, ଫ୍ରଣ୍ଟ ଗ୍ରୀଲ୍ ଏବଂ ଲାଇଟିଂ ସେଟଅପ୍ ପୂର୍ବ ପରି ସମାନ ରଖାଯାଇଛି। ଏଥିସହ ଆହୁରି ମଧ ଜାଣିରଖନ୍ତୁ ଯେ, ଯାତ୍ରୀମାନଙ୍କୁ ଏବେ ବ୍ଲୋୟର କଣ୍ଟ୍ରୋଲ୍ ସହିତ ନିଜର ପୃଥକ ଭେଣ୍ଟ ମଧ ମିଳୁଛି। ଶେଷରେ, ବ୍ରାଣ୍ଡଟି ୟୁଏସବି ଟାଇପ୍ ସି ପୋର୍ଟ ମଧ ଯୋଡିଛି, ଦ୍ୱିତୀୟ ଧାଡି ପାଇଁ ଦୁଇଟି ଏବଂ ତୃତୀୟ ଧାଡି ପାଇଁ ଦୁଇଟି। କସମେଟିକ୍ ପରିବର୍ତ୍ତନ ବିଷୟରେ କହିବାକୁ ଗଲେ, ମାରୁତି ବ୍ୟାକ୍ ସ୍ପଏଲରକୁ ରି-ଡିଜାଇନ୍ କରିଛି। ନୂଆ ସ୍ପଏଲର ଉଭୟ ପାର୍ଶ୍ୱରେ ୟୁନିଟ୍ ଉଠାଇଛି ଯାହା ଏମପିଭିର ଲୁକକୁ ବୃଦ୍ଧି କରିଥାଏ। ଏହା ବ୍ୟତୀତ, ୨୦୨୫ ଇର୍ଟିଗା ରେ କୌଣସି କସମେଟିକ୍ ପରିବର୍ତ୍ତନ କରାଯାଇ ନାହିଁ।

ବ୍ରାଣ୍ଡ ଦ୍ୱିତୀୟ ଧାଡି ଏସି ଭେଣ୍ଟଗୁଡ଼ିକର ସ୍ଥାନ ପରିବର୍ତ୍ତନ କରିଛି। ସେଗୁଡ଼ିକ ବର୍ତ୍ତମାନ ସେଣ୍ଟର କନସୋଲ ପଛରେ ରଖାଯାଇଛି, ରୁଫ୍ ଉପରେ ନୁହେଁ ଯେଉଁଠାରେ ଆମେ ଅଧିକାଂଶ କାରରେ ଏହା ଦେଖୁ। ଏହା ଏକ ସାମାନ୍ୟ ଡାଉନଗ୍ରେଡ୍ ପରି ମନେହୁଏ ଏବଂ ଏହା ବ୍ରାଣ୍ଡକୁ କିଛି ଖର୍ଚ୍ଚ ଏବଂ ସମୟ ବଞ୍ଚାଇବାରେ ମଧ ସାହାଯ୍ୟ କରିବ। କାରଣ ସେଣ୍ଟର କନସୋଲ ମାଉଣ୍ଟେଡ୍ ଏସି ଭେଣ୍ଟଗୁଡ଼ିକ ବ୍ରାଣ୍ଡର ଅନ୍ୟ ପ୍ରଡକ୍ଟଗୁଡ଼ିକରେ ପୂର୍ବରୁ ଉପଲବ୍ଧ ଥିଲା। ଏଥିସହ ଜାଣିରଖନ୍ତୁ ଯେ, ଏହି ଦମଦାର କାରର ମୂଲ୍ୟ ୯.୧୧ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯଦି ଆପଣ ଏକ ଫ୍ୟାମିଲ୍ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି କାର୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

୧୫ରୁ ବଢ଼ିବ ୟୁପିଆଇ ଦୈନିକ ନେଣଦେଣ ସୀମା

UPI
UNIFIED PAYMENTS INTERFACE

ନୂଆଦିଲ୍ଲୀ, ୪।୯: ୟୁପିଆଇ ଦୈନିକ କାରବାର ସୀମାକୁ ନେଇ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଆସନ୍ତା ୧୫ ତାରିଖରୁ ଏହି ସୀମା କେତେକ ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ବୃଦ୍ଧି କରାଯାଇଛି। ଏବେ ୟୁପିଆଇ ମଧ୍ୟମରେ ଆପଣ ଦୈନିକ ସର୍ବାଧିକ ୧ ଲକ୍ଷ ଟଙ୍କା ପଠାଇପାରିବେ। କିନ୍ତୁ ଏବେ ୧୫ ସେପ୍ଟେମ୍ବର, ୨୦୨୫ ଠାରୁ, କିଛି ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ଏହି ସୀମାକୁ ଯଥେଷ୍ଟ ବୃଦ୍ଧି କରାଯାଇଛି। ୟୁପିଆଇ ବ୍ୟବସ୍ଥାର ପରିଚାଳନା କରୁଥିବା ଏନପିସିଆଇ ଏହି ପରିବର୍ତ୍ତନ ଘୋଷଣା କରିଛି। ନୂଆ ନିୟମ ଦ୍ୱାରା ଟିକସ ଦେବା, ବୀମା ପ୍ରିମିୟମ ଦେବା, ଋଣ ଇଏମଆଇ ଦେବା, ଷ୍ଟକ ବଜାରରେ ନିବେଶ କରିବା ଭଳି କାରବାର ଏବେ ୨୪ ଘଣ୍ଟା ମଧ୍ୟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇପାରିବ। ଏହି ବର୍ଷ ଆୟକର ଦେବାର ଶେଷ ତାରିଖ ୧୫ ସେପ୍ଟେମ୍ବର ୨୦୨୫। ଏହି କାରଣରୁ, ଏନପିସିଆଇ ଟିକସ ସମ୍ବନ୍ଧିତ ୟୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କା ଏବଂ ପ୍ରତି ୨୪ ଘଣ୍ଟା ପାଇଁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହା ସେହି ଲୋକମାନଙ୍କୁ ଲାଭ ଦେବ ଯେଉଁମାନେ ୟୁପିଆଇ ମାଧ୍ୟମରେ ବଡ଼ ପରିମାଣର ଦେୟ ଦେବାକୁ ଚାହାଁନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସୀମା ଯୋଗୁଁ ଦେଇପାରୁନଥିଲେ।

ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୬,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୭,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୬,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୭,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୬,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୭ ହଜାର ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୭,୦୧୦ ଟଙ୍କା ଓ ୨୨ କ୍ୟାରେଟ୍ ୯୮, ୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୬,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୭ ହଜାର ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୬,୮୬୦ ଓ ୯୭ ହଜାର ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୭,୦୦୦ ଟଙ୍କା ହୋଇଛି।

ଭାରତରେ ଆପଲ୍‌ର ଚତୁର୍ଥ ଷ୍ଟୋର

ପୁଣେରେ ଖୋଲିଲା କୋରେଗାଓଁ ପାର୍କ

ନୂଆଦିଲ୍ଲୀ,୪।୯: ମହାରାଷ୍ଟ୍ର ପୁଣେରେ ଖୋଲିଲା ଆଉ ଏକ ଆପଲ୍ ଷ୍ଟୋର। ଆପଲ୍ ଭାରତରେ ନିଜର ବ୍ୟବସାୟକୁ ବିସ୍ତାର କରିବା ଲକ୍ଷ୍ୟରେ ଆଜି ପୁଣେରେ ଏହି ଷ୍ଟୋରର ଶୁଭାରମ୍ଭ ହୋଇଛି। ପୁଣେର ସାଂସ୍କୃତିକ ଏବଂ ଶିକ୍ଷାଗତ କେନ୍ଦ୍ରରେ ଅବସ୍ଥିତ ଏହି ଆପଲ୍ ଷ୍ଟୋର ସହରରେ ପ୍ରଥମ ଏବଂ ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ଲଞ୍ଚ ହୋଇଥିଲା। ଆଉ ଏବେ ଦେଶରେ ଚତୁର୍ଥ ରିଟେଲ୍ ଆଉଟଲେଟ୍ ହୋଇଛି। କମ୍ପାନୀ ଏଠାରେ ଆଜି ଶିକ୍ଷାଗତ ଅଧିବେଶନ 'ଟୁଡେ ଆଟ୍ ଆପଲ୍ ସେସନ୍'ର ଆୟୋଜନ କରିଛି।

ଆପଲ୍ କୋରେଗାଓଁ ପାର୍କ ଖୋଲିବା ପରେ ଆପଲ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଖୁସିବ୍ୟକ୍ତ କରିଛନ୍ତି।ଆପଲ୍ କ୍ରିଏଟିଭଙ୍କ ନେତୃତ୍ୱାଧୀନ ମାଗଣା 'ଟୁଡେ ଆଟ୍ ଆପଲ୍' ଅଧିବେଶନ ମାଧ୍ୟମରେ ସ୍ଥାନୀୟ ଗ୍ରାହକଙ୍କୁ ଆପଲ୍ ପ୍ରଡକ୍ଟ ଚଲାଇବା ଶିଖିବା ଏବଂ ଅନୁସନ୍ଧାନ କରିବାକୁ ନିମନ୍ତ୍ରଣ କରାଯାଇଛି। ପୁଣେ ସ୍ଥିତ ଆପଲ୍ କୋରେଗାଓଁ ପାର୍କରେ ଦେଶର ୧୧ଟି ରାଜ୍ୟରୁ୬୮ ଜଣ ଟିମ୍ ସଦସ୍ୟଙ୍କୁ ଏକତ୍ରିତ କରାଯାଇଛି, ଯେଉଁମାନେ ଗ୍ରାହକମାନଙ୍କୁ ଏକ ନୂତନ ଡିଭାଇସ୍ କିଣିବାରେ ସାହାଯ୍ୟ କରୁଛନ୍ତି। ଏହି ନୂଆ ଡିଭାଇସ ମଧ୍ୟରେ ଆଇଫୋନ ୧୬ ଲାଇନଅପ୍, ଆପଲ୍ ପେନସିଲ୍ ପ୍ରୋ ସହିତ ଆଇପ୍ୟାଡ୍ ଏୟାର, ଏମ୪-ଚାଳିତ ମ୍ୟାକବୁକ୍ ଏୟାର ଏବଂ ଅନ୍ୟାନ୍ୟ ଡିଭାଇସ ସାମିଲ। ଆପଲ୍ ପ୍ରଥମେ ମୁମ୍ବାଇର ବିକେସିଠାରେ ଏପ୍ରିଲ୍ ୧୮, ୨୦୨୩ରେ ପ୍ରଥମ ଭାରତ ଷ୍ଟୋର ଖୋଲିଥିଲା। ଏହାର ଦୁଇ ଦିନ ପରେ ଏପ୍ରିଲ ୨୦ ରେରେ ଦିଲ୍ଲୀର ସାକେତଠାରେ ଦ୍ୱିତୀୟ ଷ୍ଟୋର୍ ଖୋଲିଥିଲା। ଏହାପରେ ୨୦୨୫ ସେପ୍ଟେମ୍ବର ୨ ତାରିଖରେ ବେଙ୍ଗାଲୁରୁରେ 'ଆପଲ୍ ହେବଲ୍'ନାଁରେ ତୃତୀୟ ଓ ଦକ୍ଷିଣ ଭାରତରେ ପ୍ରଥମ ଷ୍ଟୋର ଖୋଲିଥିଲା। ଏହାପରେ ଆଜି ଅର୍ଥାତ୍ ସେପ୍ଟେମ୍ବର ୪ ରେ ଭାରତରେ ଚତୁର୍ଥ ଖୁଚୁରା ଷ୍ଟୋର ଏବଂ ପୁଣେରେ ପ୍ରଥମ ଷ୍ଟୋର ଖୋଲିଛି ଆପଲ୍।

ଟ୍ରମ୍ପ ଏବେ ଔଷଧ ଉପରେ ଲଗାଇବେ ଅତ୍ୟଧିକ ଟିକସ



ନୂଆଦିଲ୍ଲୀ, ୪।୯: ଭାରତ ଓ ରୁଷ୍‌ର ବନ୍ଧୁତା ଦେଖି ରାଗରେ ଜର୍ଜରିତ ହେଉଛି ଆମେରିକା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଟାରିଫ୍ ଲଗାଇ ନିଜର ରାଗ ସୁଝାଉଛନ୍ତି। ଏବେ ଯାହା ଚର୍ଚ୍ଚା ହେଉଛି ଯେ ଟ୍ରମ୍ପ୍ କୁଆଡ଼େ ଔଷଧ ଉପରେ ବି ଅତ୍ୟଧିକ ଟ୍ୟାକ୍ସ ଲଗାଇବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, କିଛି ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଲାଗୁ କରିବାକୁ ଟ୍ରମ୍ପ ପ୍ରଶାସନ ଯୋଜନା କରୁଛି। ଟ୍ରମ୍ପ୍ ଚାହୁଛନ୍ତି ସେ, ଅଟୋ ଏବଂ ଷ୍ଟିଲ୍ ଭଳି ଔଷଧ ଉପରେ ମଧ ଟିକସ ଲାଗୁ କରିବେ। ଏହାର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଆଶଙ୍କା କରୁଛନ୍ତି ବୈଦେଶିକ ବିଶ୍ଳେଷକ। ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ, ଟିକସ ଲାଗୁ ହେଲେ ଔଷଧର ମୂଲ୍ୟ ବୃଦ୍ଧି ପାଇବ ଏବଂ ଯୋଗାଣରେ ମଧ ସମସ୍ୟା ସୃଷ୍ଟି ହେବ। ଖାଲି ଏତିକି ନୁହେଁ ବିଭିନ୍ନ ଔଷଧର ଅଭାବ ସୃଷ୍ଟି ହେବାର ଆଶଙ୍କା ମଧ ରହିଛି। ସୂଚନା ମୁତାବକ, ଔଷଧ ଉପରେ ୨୦୦ ପ୍ରତିଶତ ଟିକସ ଲାଗୁ କରିବା ପାଇଁ ଡୋନାଲ୍ଡ ଟ୍ରମ୍ପ୍ ୧୯୬୨ର ବାଣିଜ୍ୟ ପ୍ରସାରଣ ଆଇନର ଧାରା ୨୩୨ର ଲାଗୁ କରିବାକୁ ଯୋଜନା କରୁଛନ୍ତି। ଟ୍ରମ୍ପ ପ୍ରଶାସନର ଯୁକ୍ତି ଯେ କରୋନା ମହାମାରୀ ସମୟରେ ଔଷଧର ଅଭାବ ଥିଲା ତେଣୁ ଏବେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ଆବଶ୍ୟକ। ଆମେରିକା ଏବଂ ୟୁରୋପ ମଧ୍ୟରେ ହୋଇଥିବା ଏକ ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିରେ, ଔଷଧ ସମେତ କିଛି ୟୁରୋପୀୟ ସାମଗ୍ରୀ ଉପରେ ୧୫% ଟିକସ ଲାଗୁ ହୋଇଛି। ହେଲେ ଟ୍ରମ୍ପ୍ ପ୍ରଶାସନ ଅନ୍ୟ ଦେଶରୁ ଆସୁଥିବା ଔଷଧ ଉପରେ ଆହୁରି ଅଧିକ ଟିକସ ଲାଗୁ କରିବାକୁ ଧମକ ଦେଉଛି। ଭାରତ ବିଶ୍ୱର ବଡ଼ ଜେନେରିକ୍ ବିତରଣକାରୀ ଦେଶ। ଭାରତରୁ ଆସୁଥିବା ଔଷଧ ଶସ୍ତା ହୋଇଥିବାରୁ ଟ୍ରମ୍ପ୍ ଭାରତୀୟ ଔଷଧ କମ୍ପାନିଗୁଡ଼ିକୁ ଟିକସ ଲଗାଇନାହାନ୍ତି। ବିଶେଷଜ୍ଞ କୁହନ୍ତି କି, ଆମେରିକା ଔଷଧ ଭାରତ ଉପରେ ନିର୍ଭରଶୀଳ। ତେଣୁ ଯଦି ଟ୍ରମ୍ପ ଭାରତୀୟ ଔଷଧ ଉପରେ ଟିକସ ଲଗାନ୍ତି ତା'ହେଲେ ନିଜ ଗୋଡ଼ରେ କୁରାଢ଼ି ମାରିବା ସହ ସମାନ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୮ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୬ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଅଧିକ ମଲ୍ ଖୋଲିବ 'ନେକ୍ସସ୍'

ଭୁବନେଶ୍ୱର, ୪।୯: ଦେଶର ଅଗ୍ରଣୀ ମଲ୍ ପ୍ରତିଷ୍ଠାନ ନେକ୍ସସ୍ ଏକ ସର୍ବଭାରତୀୟ ମଲ୍ ସଂସ୍ଥାରେ ଭାବେ ପରିଚିତ ହେବାକୁ ଯାଉଛି। ଦେଶର ଉତ୍ତର, ଦକ୍ଷିଣ ଭାଗରେ ଏହାର ଦୃଢ଼ ଉପସ୍ଥିତି ରହିଛି। ଭୁବନେଶ୍ୱରରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଜରିଆରେ ଏହା ପୂର୍ବାଞ୍ଚଳରେ ନିଜର ଉପସ୍ଥିତି ଜାହିର କରିଛି। ତେବେ ଏହି ଅଞ୍ଚଳରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଲାଗି କମ୍ପାନି ଅଧିକ ନୂଆ ମଲ୍ ଖୋଲିବାକୁ ଚାହୁଛି। ଏହା ଓଡ଼ିଶାରେ ରାଉରକେଲା, ପଶ୍ଚିମବଙ୍ଗରେ କୋଲକାତା ଓ ଆସାମରେ ଗୌହାଟୀ ଭଳି ସହରରେ ନୂଆ ମଲ୍ ସ୍ଥାପନ କରିବାକୁ ଯୋଜନା ରଖିଛି ବୋଲି ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ସଭାପତି (ଅପରେସନ୍ସ) ଜୟେନ ନାଏକ କହିଛନ୍ତି। ଶ୍ରୀ ନାଏକ କହିଛନ୍ତି ଯେ ନେକ୍ସସ୍ ଏହାର ମଲ୍‌ରେ ପରିଦର୍ଶକମାନଙ୍କୁ ଭିନ୍ନ ଅନୁଭୂତି ଦେବା ଲାଗି ସର୍ବଦା ପ୍ରୟାସ କରୁଛି। ସେଥିପାଇଁ ଗ୍ରାହକମାନଙ୍କ ମତାମତାକୁ ଏହା ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ସେମାନଙ୍କ ପରାମର୍ଶ ଅନୁସାରେ ଏସ୍‌ପ୍ଲାନେଡ୍ ମଲ୍‌ରେ କେବଳ ମହିଳାମାନଙ୍କ ଲାଗି ପିଙ୍କ୍ ପାର୍କିଂର ବ୍ୟବସ୍ଥା କରାଯାଇଛି। ନିଯୁକ୍ତିରେ ସ୍ଥାନୀୟ ଲୋକମାନଙ୍କୁ ପ୍ରାଥମିକତା ଦିଆଯାଉଛି। ଭୁବନେଶ୍ୱର ମଲ୍ ଦ୍ୱାରା ୧୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଥିବା ସେ କହିଛନ୍ତି। ଏହା ସ୍ଥାନୀୟ କଳା ଓ ସଂସ୍କୃତିର ମଧ୍ୟ ପ୍ରସାର କରୁଛି। ସବୁଜ ଶକ୍ତିର ପ୍ରସାର କରିବା ଲାଗି ଚାର୍ଜିଂ ଭିତ୍ତିଭୂମି ବିକାଶ କରାଯାଇଥିବା ସେ କହିଛନ୍ତି। ଏହ ଅବସରରେ ସେ ନେକ୍ସସ୍ ୱାନ୍ ଆପ୍ ବିଷୟରେ ଆଲୋଚନା କରିଥିଲେ ଯାହା ଜରିଆରେ ମଲ୍‌କୁ ଆସୁଥିବା ଲୋକମାନେ ନିଜ କାର୍ କେଉଁଠାରେ ପାର୍କିଂ ହୋଇଛି, କେଉଁ ମହଲାରେ କେଉଁ ଦୋକାନ ରହିଛି, ସେଠାକୁ କିଭଳି ସହଜରେ ଯାଇହେବ ଭଳି ସୂଚନା ସୁବିଧାରେ ପାଇପାରିବେ।

ପୂର୍ବ ଭାରତ ଉପରେ ନଜର

'ସେଣ୍ଟର ଫର୍ ସାଇଟ୍'ରେ ରେଟିନା ଅସ୍ତ୍ରୋପଚାର ସେବା

CENTRE FOR SIGHT
CS

ଭୁବନେଶ୍ୱର, ୪।୯: ଆଇଆର୍‌ସି ଭିଲେଜର ଇନ୍ଦ୍ରଧନୁ ମାର୍କେଟ୍ ନିକଟରେ ଥିବା ସେଣ୍ଟର୍ ଫର୍ ସାଇଟ୍ ପକ୍ଷରୁ ରେଟିନା ଅସ୍ତ୍ରୋପଚାର ସେବା ଆରମ୍ଭ କରାଯାଇଛି। ଦେଶର ଅଗ୍ରଣୀ ଭିଟ୍ରିଓରେଟିନାଲ୍ ସର୍ଜନ ଡାକ୍ତର ସମର୍ଥ ମିଶ୍ର ହସ୍ପିଟାଲ୍‌ରେ ଯୋଗଦେଇଥିବା ଘୋଷଣା କରାଯାଇଛି ଯାହା ଡାକ୍ତରଖାନାର ଭିଟ୍ରିଓରେଟିନାଲ୍ ସେବାକୁ ସୁଦୃଢ଼ କରିଛି। ନୂଆ ରେଟିନା ୟୁନିଟ୍‌ରେ ଡାଇବେଟିକ୍ ରେଟିନୋପାଥି, ରେଟିନା ଡିଟାଚ୍‌ମେଣ୍ଟ, ବୟସାଧିକ ଜନିତ ସମସ୍ୟା, ମାକ୍ୟୁଲାର ହେଲ୍ ଓ ଜଟିଳ ଭିଟ୍ରିଓରେଟିନାଲ୍ ରୋଗର ନିଦାନ ଓ ଚିକିତ୍ସା ହୋଇପାରିବ। ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ଇମେଜିଂ ପ୍ରଯୁକ୍ତି ଜରିଆରେ ଉନ୍ନତ ସେବା ପ୍ରଦାନ କରାଯିବ।

ଏହି ଅବସରରେ ଡାକ୍ତର ଶ୍ରୀ ମିଶ୍ର କହିଥିଲେ ଯେ ରେଟିନା ସମ୍ପର୍କିତ ରୋଗଗୁଡ଼ିକ ନିରବରେ ବଢ଼ିଥାଏ ଏବଂ ଠିକ୍ ସମୟରେ ତାହାର ଚିକିତ୍ସା କରା ନ ଗଲେ ଦୃଷ୍ଟି ଶକ୍ତି ହରାଇବା ଆଶଙ୍କା ଦେଖାଦିଏ। ସେଣ୍ଟର ଫର୍ ସାଇଟ୍‌ର ଏହି ଉତ୍ସର୍ଗୀକୃତ ରେଟିନା ୟୁନିଟ୍‌ରେ ରୋଗୀମାନେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ସେବାର ଏକ ଅଂଶ ହୋଇ ଗର୍ବିତ ମନେ କରୁଛି ବୋଲି ସେ କହିଥିଲେ। ଡାକ୍ତର ମିଶ୍ର ଏମ୍‌କେସିଜି ମେଡିକାଲ୍ କଲେଜ, ବ୍ରହ୍ମପୁର ଓ ଭିମ୍‌ସାର, ବୁର୍ଲାରେ ପାଠପଢ଼ିଥିଲେ। ସେ ଏଲ୍‌ଭି ପ୍ରସାଦ ଆଇ ହସ୍ପିଟାଲ୍, ଶଙ୍କର ନେତ୍ରାଳୟରେ କାମ କରିଥିବା ବେଳେ କୋଲକାତାରେ ଫେଲୋସିପ୍ ସମ୍ପୂର୍ଣ୍ଣ କରିଛନ୍ତି। ଅତ୍ୟାଧୁନିକ ରେଟିନା ସର୍ଜରିରେ ତାଙ୍କର ୨୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି।

୪୮ କୋଟି କ୍ଷତି ସହିବେ ସରକାର!



ନୂଆଦିଲ୍ଲୀ, ୪।୯: ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇ କେନ୍ଦ୍ର ସରକାର ଜିଏସ୍‌ଟିରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ଜିଏସ୍‌ଟି ୧.୦ ରେ ଚାରୋଟି ସ୍ଲାବ ଥିଲା, କିନ୍ତୁ ଏବେ ଏହାକୁ ମାତ୍ର ଦୁଇଟି ସ୍ଲାବକୁ ହ୍ରାସ କରାଯାଇଛି। ଏହି ନୂତନ ଗଠନ ୨୨ ସେପ୍ଟେମ୍ବର ୨୦୨୫ ରୁ କାର୍ଯ୍ୟକାରୀ ହେବ। ତଥାପି, ରାଜ୍ୟ ସରକାରମାନେ ଏହି ପରିବର୍ତ୍ତନ ଯୋଗୁଁ ସେମାନଙ୍କର ରାଜସ୍ୱ କ୍ଷତି ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ସରକାରଙ୍କ ଆକଳନ ଅନୁଯାୟୀ, ୨୦୨୩-୨୪ର ବ୍ୟବହାର ଢାଞ୍ଚା ଉପରେ ଆଧାର କରି, ବାର୍ଷିକ ପ୍ରାୟ ୪୮,୦୦୦ କୋଟି ଟଙ୍କାର କ୍ଷତି ହୋଇପାରେ। ରାଜସ୍ୱ ସଚିବ ଅରବିନ୍ଦ ଶ୍ରୀବାସ୍ତବ ଏକ ବିବୃତ୍ତିରେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କୁ ଏତେ ବୋଝ ବହନ କରିବାକୁ ପଡ଼ିପାରେ। ଆକଳନ ଅନୁଯାୟୀ, ଏହି ନିଅଣ୍ଟ ୨୦୨୬ ଆର୍ଥିକ ବର୍ଷରେ ୨୨,୦୦୦ ରୁ ୨୪,୦୦୦ କୋଟି ଟଙ୍କା ମଧ୍ୟରେ ହ୍ରାସ ପାଇପାରେ।

ଫାର୍ମ ଯୁକ୍ତି ରଖିଛି ଯେ ଟିକସ ହ୍ରାସ ମୁଦ୍ରାସ୍ଫୀତିକୁ ହ୍ରାସ କରିପାରିବ ଏବଂ ଏପରି ପରିସ୍ଥିତିରେ ରିଜର୍ଭ ବ୍ୟାଙ୍କ ସୁଧ ହାର ୨୫ ରୁ ୫୦ ବେସିସ ପଏଣ୍ଟ ହ୍ରାସ କରିପାରିବ।

କ୍ରିଟିକାଲ୍ ମିନେରାଲ୍ ରିସାଇକ୍ଲିଂ ପାଇଁ ୧୫୦୦ କୋଟିର ଯୋଜନା

ନୂଆଦିଲ୍ଲୀ, ୪।୯: ମାଧମିକ ଉତ୍ସରୁ କ୍ରିଟିକାଲ୍ ମିନେରାଲ୍ ଅଲଗା କରିବା ଓ ଉତ୍ପାଦନ କରିବା ଲାଗି ୧୫୦୦ କୋଟି ଟଙ୍କାର ଏକ ପ୍ରୋତ୍ସାହନ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ମଞ୍ଜୁର କରାଯାଇଛି। ଏହି ଯୋଜନା ହେଉଛି ଜାତୀୟ କ୍ରିଟିକାଲ୍ ମିନେରାଲ ମିସନର ଏକ ଅଂଶ। ଏହା ୨୦୩୦-୩୧ ପର୍ଯ୍ୟନ୍ତ ୬ ବର୍ଷ ଲାଗି ଜାରି ରହିବ। ଇ-ବର୍ଜ୍ୟ, ଲିଥିୟମ୍ ଆୟନ୍ ବ୍ୟାଟେରି ସ୍କ୍ରାପ୍, ଏଲ୍‌ଆଇବି ସ୍କ୍ରାପ୍ ଆଦି ଏଥିପାଇଁ ଯୋଗ୍ୟ ବିବେଚିତ। ଏହି ଯୋଜନା ଦ୍ୱାରା ଛୋଟ ଓ ବଡ଼ ରିସାଇକ୍ଲର୍ ଓ ଷ୍ଟାର୍ଟଅପ୍‌ମାନେ ଲାଭବାନ ହେବେ। ଏହି ଯୋଜନାରେ ରିସାଇକଲ୍ ୟୁନିଟ୍ ସ୍ଥାପନ ଉପରେ କାରଖାନା, ମେସିନ, ଉପକରଣ କିଣା ବାବଦରେ ୨୦ ପ୍ରତିଶତ ପୁଞ୍ଜି ବ୍ୟୟକୁ ସବ୍‌ସିଡି ଆକାରରେ ପ୍ରଦାନ କରାଯିବ।

ପୂର୍ତ୍ତି ବିଭାଗ ରାସ୍ତାକୁ କବଳିତ କଲାଣି ଗଛଲତା

କୋଷାଗୁମୁଡା,୪।୯(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଠାରୁ ଫାର୍ଷାଗୁଡା ଓ ଚଟାହାଣ୍ଡି ଦେଇ ନବରଙ୍ଗପୁର ଜିଲ୍ଲା ସଦର ମହକୁମାକୁ ଜୀବାକୁ ପୂର୍ତ୍ତି ବିଭାଗର ଏହି ରାସ୍ତା ଏବେ ପଥଚାରୀଙ୍କ ପାଇଁ ଦୃଘଟଣାପର୍ବଣ ଅଞ୍ଚଳ ପାଲଟିଛି। କୋଡ଼ିଙ୍ଗା ଠାରୁ ଫାର୍ଷାଗୁଡା ଏହି ଅଧ କିଲୋମିଟର ରାସ୍ତାରେ ଗଛଲତା ମାଡି ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବାବେଳେ ଦୃଘଟଣାରେ ପଥଚାରୀ ଲହୁଲୁହାଣ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କଠାରୁ ମିଳିଥିବା ଅଭିଯୋଗ ମୁତାବକ କୋଡ଼ିଙ୍ଗା ଠାରୁ ତ୍ରିଲିଆମ୍ବଗୁଡା ପର୍ଯ୍ୟନ୍ତ ଏହି ୨୦ କିଲୋମିଟର ରାସ୍ତା ଏବେ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଶେଷକରି କୋଡ଼ିଙ୍ଗା ଠାରୁ ଫାର୍ଶାଗୁଡା ପର୍ଯ୍ୟନ୍ତ ଗଛଲତା ସବୁ ଉଭୟ ପାର୍ଶ୍ୱରୁ ରାସ୍ତା ଉପରକୁ ଲମ୍ବିବାରେ ଲାଗିଲାଣି। ଫଳରେ ଜଙ୍ଗଲିଆ ରାସ୍ତାର ଭ୍ରମ ସୃଷ୍ଟି କରୁଥିବା ବେଳେ ଯାନବାହାନ ଯାତାୟତ ବେଳେ ପଥଚାରୀମାନେ ଏବଂ ଗାଡିଚାଳକମାନେ ଦୃଘଟଣାର ଶିକାର ହୋଇ ଗୁରୁତ୍ତର ଆହତ ହେଉଥିବା ସୂଚନା ମିଳିଛି। ସନ୍ଧ୍ୟା କଥା ଛାଡ଼ନ୍ତୁ ଦିନବେଳା ମଧ୍ୟ ରାସ୍ତା ପାର୍ଶ୍ୱ ଦୃଶ୍ୟମାନ ହେଉନଥିବାରୁ ବାଇକ ଓ ସାଇକେଲ ଆରୋହୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ସବୁଠୁ ବେଶୀ ସମସ୍ୟା ଭୋଗୁଛନ୍ତି। ଉକ୍ତ ରାସ୍ତା ପୂର୍ତ୍ତିବିଭାଗ ଅଧୀନରେ ଥିବାବେଳେ ସଫେଇ ତଥା ମରାମତି ନହେବାଯୋଗୁଁ ଏଭଳି ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ପୂର୍ତ୍ତିବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି ଓ ସଫେଇ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ହେଲେ ଏଠି ସଫେଇ କରିବାକୁ ବିଭାଗ କୁଣ୍ଠାବୋଧ କାହିଁକି।

କାଗଜ କଲମରେ ସୀମିତ ଆଦର୍ଶ ଗାଁର ମାନ୍ୟତା: ବିକାଶ ମୂଳକ କାର୍ଯ୍ୟ ବହୁ ଦୂରରେ

ଦୟନୀୟ ଜୀବନ କାଟୁଛନ୍ତି ଗ୍ରାମବାସୀ

ବାଲିଆପାଳ,୪।୯(ସଂଚାର ବ୍ୟୁରୋ): ଆଦର୍ଶ ଗାଁର ମାନ୍ୟତା ପାଇ ମଧ୍ୟ ବିକାଶ ଠାରୁ ବହୁ ଦୁରରେ ପଞ୍ଚରୁଖି ଗ୍ରାମବାସୀ। ନିର୍ବାଚିତ ଜନ ପ୍ରତିନିଧୀ ଙ୍କ ବାଦ ବିବାଦ ପାଇଁ ହୋଇ ପାରୁନି ବିକାଶ ମୂଳକ କାମ।ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା, ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମ ପଞ୍ଚାୟତ ପଞ୍ଚରୁଖି ଗ୍ରାମରେ।ଉକ୍ତ ଗ୍ରାମକୁ ୨୦୨୩ ମସିହାରେ ଆଦର୍ଶ ଗ୍ରାମର ମାନ୍ୟତା ମିଳିଥିଲା। ମାତ୍ର ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ଟଣା ଓଟରା ଯୋଗୁଁ ହୋଇ ପାରୁନି କାମ। ଯାହା ପାଇଁ ଦୟନୀୟ ଅବସ୍ଥାରେ ଜୀବନ ଜୀଉଁଛନ୍ତି ଗାଁର ୪ ହଜାରରୁ ଅଧିକ ଲୋକ। ଗାଁର ୩ ୱାର୍ଡରେ ୫ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଗାଁକୁ ୩ବର୍ଷ ତଳେ ଆଦର୍ଶ ଗାଁର ମାନ୍ୟତା ମିଳିଛି, ହେଲେ ବର୍ତମାନ ରାସ୍ତାର ଅବସ୍ଥା ଯାହା ନକହିବା ଭଲ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଉପରେ ପାଣି ଓ କାଦୁଅ ଜମି ରହେ।ରାସ୍ତା ପାଶ୍ୱର୍ରେ ପାଣି ନିସ୍କାସନ ପାଇଁ ଡ୍ରେନ ନଥିବାରୁ ପାଣି ନିସ୍କାସନ ହୋଇ ପାରୁନି। ଏବେବି ୭୦ ପ୍ରତିଶତ କଚ୍ଚା ଘର ରହିଛି।ସରକାରୀ ଆବାସ ଗୃହ ଏ ଗାଁ ପାଇଁ ସାତ ସପନ ପାଲଟିଛି। ଗାଁରେ ତିନି ଟି ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ତାହାର ଅଙ୍ଗନ ବାଡ଼ି ଘର ନାହିଁ। ସ୍କୁଲ, ଗୁହାଳ ଘରଠାରୁ ମଧ୍ୟ ହୀନ। ସେହିଭଳି ସ୍କୁଲ ଛାତ ମରାମତି ହେଉ ନଥିବାରୁ ଛାତ ଉପରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହେଲାଣି।ଲୋକଙ୍କ ପିଇବା ପାଣି ପାଇଁ ଗାଁରେ ୧୦ରୁ ଅଧିକ ନଳକୂପ ଥିଲେ ମଧ୍ୟ ସବୁ ଅଚଳ। ବସୁଧା ଯୋଜନା ପାଣି ଆସୁଛି ତ କେବେ ଆସୁ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁ ଭିତରକୁ ଆମ୍ବୁଲାନ୍ସଟିଏ ଆସି ପାରେ ନାହିଁ।ସେଥି ପାଇଁ ସ୍ୱାସ୍ଥ୍ୟ ସେବା ଅପହଂଚ। ସତେ ଯେପରି ମନେ ହୁଏ ଏହି ଗାଁର ଲୋକେ ଅଭିଶପ୍ତ ଜୀବନ ଜିଉଁଛନ୍ତି। ମାତ୍ର ନିର୍ବାଚିତ ପ୍ରତିନିଧୀ ମାନଙ୍କ ମଧ୍ୟରେ କାର୍ଯ୍ୟ ପାଇଁ ଟଣା ଓଟରା ଯୋଗୁଁ କାର୍ଯ୍ୟ ହୋଇ ପାରୁ ନାହିଁ।ଯୋଉଁଥିରେ ପେସି ହେଉଛନ୍ତି ପଞ୍ଚରୁଖି ଗ୍ରାମବାସୀ। ଯଦି ଏହି ଗାଁରେ ଉପୁଜିଥିବା ସମସ୍ୟାର ସମାଧାନ କରି ତୁରନ୍ତ ବିକାଶ ମୂଳକ କାର୍ଯ୍ୟ କରା ନଯାଏ ତାହାହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଖୁବଶୀଘ୍ର ସମାଧାନ କରି କାର୍ଯ୍ୟ କରାଯିବ ବୋଲି ବିଡିଓ ରାଧା ରଞ୍ଜନ ଦାସ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଶିକ୍ଷକ ଏମ ଏନ ପଦ୍ମଲୋଚନ ସାହୁ

କୋକସରା,୪।୯(ସଂଚାର ବ୍ୟୁରୋ): ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ କୋକସରା ବ୍ଲକ ଡେଙ୍ଗାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏମ.ଏନ ପଦ୍ମଲୋଚନ ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ସୂଚନା ମିଳିଛି।ସେ ୨୦୧୮ ରେ ଶିକ୍ଷକ ଭାବେ କୋକସରା ଗୋଷ୍ଠି ଶିକ୍ଷା ବିଭାଗ ରେ ନିଯୁକ୍ତି ପାଇଥିଲେ।ଏହି ଖବର ମିଳିବା ପରେ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସମେତ ବିଆରସିସି ତୋଫାନ ମାଝୀ, ଦୟାନିଧି ପାଢ଼ୀ, ସିଆରସିସି ବୈକୁଣ୍ଠ ଜାଲ, ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ର ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପାଢୀ, ବେଣୁଧର ନାଏକ ଓ ଅନ୍ୟ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏମ.ଏନ ପଦ୍ମଲୋଚନ ସାହୁ ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ଧରାପଡ଼ିଲା ହସ୍ପିଟାଲରୁ ଫେରାର ଆସାମୀ

ବାଲିପାଟଣା, ୪।୯ (ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅନ୍ତର୍ଗତ ଗଡ଼ବନ୍ତପୁର ଗ୍ରାମର ଦେବବ୍ରତ ଜେନା ଓରଫ ଦେବା (୨୯)କୁ ପୁଲିସ ତାଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ କରି ଗତକାଲି ଗିରଫ କରିଥିଲା। ଆଜି କୋର୍ଟ ଚାଲଣ ପାଇଁ ପ୍ରକିୟା ଜାରି ରଖିଥିଲା। ସେଥିପାଇଁ ପୂର୍ବାହ୍ନ ପ୍ରାୟ ୧୨ଟାରେ ପୁଲିସ ଦେବାକୁ ସାଙ୍ଗରେ ନେଇ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ନମୁନା ସଂଗ୍ରହ ପାଇଁ କୁହାଯାଇଥିଲା। ପୁଲିସ ଦେବାକୁ ସାଙ୍ଗରେ ନେଇ ଶୌଚାଳୟକୁ ଯାଇଥିଲା। ହେଲେ ଦୁର୍ବୃତ୍ତ ଶୌଚାଳୟ ସ୍କାଏ ଲାଇଟ କାଚ ଭାଙ୍ଗି ଔଷଧୀୟ ଉଦ୍ୟାନ ବାଟେ ଫେରାର ହୋଇ ଯାଇଥିଲା।ଶୌଚାଳୟରୁ ଆସିବାରେ ବିଳମ୍ବ ହେବାରୁ ବାହାରେ ଜଗିଥିବା ପୁଲିସର ସନ୍ଦେହ ହୋଇଥିଲା। କବାଟ ପାଖରେ ଜଗିଥିବା ପୁଲିସ କର୍ମଚାରୀ କବାଟ ଖୋଲି ଦେଖିଲା ବେଳେ ଶୌଚାଳୟ ଭିତରେ ଅଭିଯୁକ୍ତ ନ ଥିଲା। ସ୍କାଏ ଲାଇଟ ଭାଙ୍ଗି ଫେରାର ହୋଇ ଥିବା ଜଣା ପଡ଼ିଥିଲା। ବିଳମ୍ବ ନକରି ପୁରା ଟିମ ଅଭିଯୁକ୍ତକୁ ଖୋଜିବାରେ ଲାଗି ପଡ଼ିଥିଲେ। ଆଙ୍କୁଶପୁର କେନାଲ ବନ୍ଧ ଓ କୁଶଭଦ୍ରା ନଦୀ ପଠାରେ ଖୋଜିଥିଲେ।

ବାଉଁଶ, ଠେଙ୍ଗା, ବାଡ଼ି ଧରି ପୁଲିସ କିଆ ବୁଦା, ବଣ ଜଙ୍ଗଲ ଖୋଜି ନାକେଦମ ହୋଇଥିଲା। ଶେଷରେ ଅଠାନ୍ତର ନିକଟ କୁଶଭଦ୍ରା ନଦୀ ପଠା ଜଙ୍ଗଲରେ ଛପିଥିବା ବେଳେ ଅଭିଯୁକ୍ତକୁ ପୁଲିସ ଧରିଥିଲା।

ଯୌନ ନିର୍ଯାତନା ସଚେତନତା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ

ଆଗଲପୁର,୪।୯(ସଂଚାର ବ୍ୟୁରୋ): ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋଡର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଇ.କ୍ୟୁ.ଏ.ସି ଦ୍ୱାରା ସ୍ମାର୍ଟ ହଲରେ ଯୌନ ନିର୍ଯାତନା ସଚେତନତା ସଂପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରୀମାନେ ଦୁଇଟି ସୋରେ ଏହାକୁ ଦେଖିଥିଲେ। ଯୌନ ନିର୍ଯାତନା କ'ଣ ?, ବିଭିନ୍ନ ପ୍ରକାରର ଯୌନ ନିର୍ଯାତନା ଓ ଯୌନ ନିର୍ଯାତନାର ଶିକାର ହେଲେ କଣ କରିବା ଉଚିତ ତାହା ଏହି ଭିଡ଼ିଓ ମାଧ୍ୟମରେ ଛାତ୍ରୀମାନଙ୍କୁ ଦେଖାଇ ସଚେତନ କରାଯାଇଥିଲା।

ଏଥିରେ ଆଇ.ସି.ସିର ସଂପାଦକ ଡକ୍ଟର ଭୁରିଶ୍ରବା ମାଝୀ, ସଦସ୍ୟ ଡକ୍ଟର ଲିଙ୍ଗରାଜ ମେହେର ଓ ଅଧ୍ୟାପକ ନୀଳାମ୍ବର ବାରିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଟ୍ରେନ୍ ଧକ୍କାରେ ହାତୀ ଆହତ, ଅବସ୍ଥା ଗୁରୁତର

ସୁନ୍ଦରଗଡ଼,୪।୯(ସଂଚାର ବ୍ୟୁରୋ): ରାଜଗାଙ୍ଗପୁର ନିକଟସ୍ଥ ସୋନାଖାନ୍ ରେଳ ଷ୍ଟେସନ ନିକଟରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍ ଏକ ବିରାଟ ହାତୀକୁ ଧକ୍କା ଦେବା ଫଳରେ ହାତୀଟି ଗୁରୁତର ଆହତ ହୋଇଛି ଏବଂ ରେଳ ଟ୍ରାକ୍ ନିକଟରେ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି ରହିଛି। ଯେତେବେଳେ ଏକ ହାତୀ ରେଳଟ୍ରାକ ପାର ହେବା ସମୟରେ ଏକ ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ୍ ସୋନାଖାନ୍ ଷ୍ଟେସନ ଆଡକୁ ଯାଉଥିଲା। ଟ୍ରେନ୍ ଡ୍ରାଇଭର ଠିକ୍ ସମୟରେ ହାତୀ ବିଷୟରେ ସୂଚନା ପାଇ ନଥିଲେ ଏବଂ ହଠାତ୍ ସାମ୍ନା ରେ ଦେଖାଯାଇଥିବା ହାତୀକୁ ବଞ୍ଚାଇବା ରେ ବିଫଳ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ନିକଟସ୍ଥ ଗ୍ରାମବାସୀ ଓ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସୂଚନା ଅନୁଯାୟୀ, ଏହି ଅଞ୍ଚଳକୁ ପୂର୍ବରୁ 'ହାତୀ କରିଡର' ଭାବରେ ଚିହ୍ନିତ କରାଯାଇ ଥିବାରୁ ବନ କର୍ମଚାରୀମାନେ ସେଠାରେ ନଜର ରଖିବା ଉଚିତ ଥିଲା। କିନ୍ତୁ ବନ ବିଭାଗ ହାତୀର ଉପସ୍ଥିତି ବିଷୟରେ ରେଳବାଇକୁ ସୂଚନା ଦେଇ ନଥିଲେ ବୋଲି ଅଭିଯୋଗ ହୋଇଛି। ହାତୀକୁ ଧକ୍କା ଦେବା ପରେ ଟ୍ରେନଟି ଲାଇନଚ୍ୟୁତ ହୋଇନଥିଲା, ନଚେତ୍ ଏକ ବଡ଼ ରେଳ ଦୁର୍ଘଟଣା ଘଟିଥାନ୍ତା ଏବଂ ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିଥାନ୍ତା।

ଏକ ପେଡ ମା କି ନାମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜିଲ୍ଲାପାଳ

ବିତରଣ ଓ ରୋପଣ ହେବ ସାଢ଼େ ୯୪ ହଜାର ଗଛ

ସୁବର୍ଣ୍ଣପୁର,୪।୯(ସଂଚାର ବ୍ୟୁରୋ): ଜିଲ୍ଲା ବନଖଣ୍ଡ ଠାରେ ଏକ୍ ପେଡ୍ ମା କେ ନାମଞ ଗଛ ବିତରଣ କାର୍ଯ୍ୟକ୍ରମ କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ସବୁଜ ପତାକା ଦେଖାଇ ଉଦଘାଟନ କରି ଥିବା ବେଳେ ଚାରା ବଣ୍ଟନ କାର୍ଯ୍ୟକ୍ରମ କୁ ସଫଳ କରାଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ କରିଥିଲେ। ସବୁ ପଞ୍ଚାୟତ କୁ ଗଛ ପଠାଇଲେ ସୁବର୍ଣ୍ଣପୁର ଜିଲ୍ଲାପାଳ। ଜିଲ୍ଲାପାଳ ଙ୍କ ସରକାରୀ ବାସଭବନ ସମ୍ମୁଖରେ ଆୟୋଜନ ହୋଇ ଥିବା ଏହି କାର୍ଯ୍ୟକମ କୁ ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ ଲାଲ୍ ଶର୍ମା ସଂଯୋଜନା କରିଥିଲେ। ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ଙ୍କ ସମେତ ବନ ବିଭାଗ ର ସମସ୍ତ ଅଧିକାରୀ ଏଥିରେ ସହଯୋଗ କରିଥିଲେ। ଆଜି ଦୁଇଟା ଗାଡ଼ିରେ ଜିଲ୍ଲା ର ବିଭିନ୍ନ ପଞ୍ଚାୟତ କୁ ଗଛ ଗଛ ବିତରଣ ପାଇଁ ଯାଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖ ରେ ସାରା ଜିଲ୍ଲାରେ ଦିନକିଆ ବନୀକରଣ କାର୍ଯ୍ୟକ୍ରମ ହେବା। ଜିଲ୍ଲାର ୧୦୯ ଗୋଟି ପଞ୍ଚାୟତ ରେ ୫୦୦ ଟା ଲେଖାଏ ୫୪ ହଜାର ୫୦୦ ଗୋଟି ଗଛ ବିତରଣ ସହ ବନ ବିଭାଗ ରୁ ୪୦ ହଜାର ଗଛ ସର୍ବ ମୋଟ ୯୪, ହଜାର ୫୦୦ ଗୋଟି ଗଛ ସାରା ଜିଲ୍ଲା ରେ ଏହି ଯୋଜନା ରେ ବୃକ୍ଷ ରୋପଣ ହେବ ବୋଲି ଡି ଏଫ୍ ଓ ଶ୍ରୀ ଶର୍ମା ଙ୍କ ଠାରୁ ସୂଚନା ମିଳିଛି। ପ୍ରତି ପଞ୍ଚାୟତକୁ ଶ୍ରୀ ଶର୍ମା ପରିଦର୍ଶନ କରି ଏହାର ତଦାରଖ କରିବେ ଓ ଜିଲ୍ଲାପାଳ ଡଃ ସାହୁ ମଧ୍ୟ ବିଭିନ୍ନ ଅଞ୍ଚଳ କୁ ଅଚାନକ ପରିଦର୍ଶନ କରି ଏହି ଯୋଜନା ର ତଦାରଖ କରିବେ ବୋଲି ସୁଚନା ମିଳିଛି ।

କଲେଜରେ ପିଅନଙ୍କ ଦାଦାଗିରି

ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବାଲକାଟି, ଖୋର୍ଦ୍ଧା
ବାର୍ଷିକ ଉତ୍ସବ - ୨୦୨୩

ବାଲିପାଟଣା,୪।୯(ସଂଚାର ବ୍ୟୁରୋ): ବାଲକାଟି ସ୍ଥିତ ପ୍ରତାପ ଶାସନ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ। ଛାତ୍ରଙ୍କୁ ଦୁର୍ବ୍ୟବହାର ଅଭିଯୋଗ। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଅଭିଯୋଗ ଅନୁସାରେ +୨ର କିଛି ଛାତ୍ର ଅନ୍ୟ କାହାର ଆଇଡି କାର୍ଡ ପକାଇଥିଲେ ଯାହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ପିଲାଙ୍କୁ ବୁଝାଇ ତାଗିଦ୍ କରିବା ପ୍ରତିବଦଳରେ ଏହାକୁ ନେଇ କଲେଜର ଜଣେ ପିଅନ ପୂରା ଗୁଣ୍ଡାଗଦି ଅନ୍ଦାଜରେ ଅସଭ୍ୟ ଭାଷା ବ୍ୟବହାର କରିଥିବାର ଭିଡିଓରେ କୁହା ଯାଇଛି। ଆଉ ଏକ ଭିଡିଓ ମଧ୍ୟ ଭାଇରାଲ ହେଉଛି ଯେଉଁଠି ପିଅନ ଜଣକ ଏକ ବାଡି ଧରି ପିଲାଙ୍କୁ କିଛି କହୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧି କଲେଜ ଅଧ୍ୟକ୍ଷାଙ୍କ ପ୍ରତିକ୍ରିୟା ନେବା ବେଳେ ଅଜବ ଯୁକ୍ତି ବାଢ଼ିଥିଲେ ଅଧ୍ୟକ୍ଷା । ଆପଣ ଆସି ଆମ ପିଲାଙ୍କୁ ସମ୍ଭାଳନ୍ତୁ, ଆମ କଲେଜରେ ଲେଡିଜ ଷ୍ଟାଫ୍ ଅଧିକ ପୁରୁଷ କର୍ମଚାରୀ ନାହାଁନ୍ତି ଆଉ ଦୁର୍ବ୍ୟବହାରକୁ ନେଇ ଭାଇରାଲ ଭିଡିଓରେ ଅସଭ୍ୟ ଭାଷାଟି ସ୍ପଷ୍ଟ ଜଣା ପଡୁଥିଲେ ମଧ୍ୟ କିଛି ସେପରି ଭାଷା ନାହିଁ କହି କଥାକୁ ଏଡ଼ାଇ ଯାଇଥିଲେ ଅଧ୍ୟକ୍ଷା। ତେବେ ଏବେ ପ୍ରଶ୍ନ ଉଠୁଛି ଛାତ୍ରଟି ଯଦି ଆଇଡି କାର୍ଡ ଆଣିନି ତାକୁ ଏପରି ଅସଭ୍ୟ ଭାଷା ପ୍ରୟୋଗ କରିବାର ଅଧିକାର ପିଅନଙ୍କୁ ଦେଲା କିଏ ? ଯଦି ଛାତ୍ର କେହି କିଛି ବଡ ଧରଣର ଭୁଲ୍ କରୁଛନ୍ତି ତାଙ୍କୁ ନୋଟିସ ଦେବାର ବା ନିଲମ୍ବନ କରିବାର ନିୟମ ରହିଛି କିନ୍ତୁ ଏପରି ସବୁ ଛାତ୍ରଛାତ୍ରୀଙ୍କ ସାମ୍ନାରେ ଅସଭ୍ୟ ଗାଳି କରିବାର କେଉଁଠି ନିୟମ ଅଛି ? ଏପରି ବାଡି ଧରି କଲେଜ ପିଲାଙ୍କୁ ତାଗିଦ୍ କରିବାର କେଉଁ ସରକାରୀ ନିୟମ ରହିଛି? କେଜାଣି ଅଧ୍ୟକ୍ଷା ମ୍ୟାଡମ ଯଦି ଏପରି ନିୟମ ନିଜେ ପ୍ରଣୟନ କରିଥିବେ ତେବେ ତାଙ୍କ କଲେଜରେ ପିଅନ ଛାତ୍ରଛାତ୍ରୀଙ୍କୁ ଏଭଳି ଅସଭ୍ୟ ବ୍ୟବହାର କରୁଥିବେ ।

ନିଶା ନିବାରଣ ସଚେତନତା ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ ଓ ଯୁବକ ସଙ୍ଘ

ନିଶା ନିବାରଣ ସଚେତନ ଅଭିଯାନ
ଚୈତନ୍ୟ - ନେତାଜୀ ଯୁବକ ସଙ୍ଘ, ମାଝୀଗୁଡା

ଭବାନୀପାଟଣା,୪।୯(ସଂଚାର ବ୍ୟୁରୋ): ଦିନ କୁ ଦିନ ଗ୍ରାମାଞ୍ଚଳରେ ନିଶା ର କୁପ୍ରଭାବ ଯୁବ ଗୋଷ୍ଠି ଙ୍କ ମଧ୍ୟରେ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ନିଶା ଗ୍ରସ୍ତ ହୋଇ ଯୁବଗୋଷ୍ଠୀ ମାନେ ଅନେକ ଅସାମାଜିକ କାର୍ଯ୍ୟକଳାପ ରେ ଲିପ୍ତ ହୋଇ ବିଶୃଙ୍ଖଳା ଦେଖା ଦେଉଛି। ଏହାକୁ ଦମନ କରିବା ପାଇଁ କୋକସରା ବ୍ଲକ ମାଝୀଗୁଡା ଗ୍ରାମର ନେତାଜୀ ଯୁବକ ସଙ୍ଘ ର ଆବାହନ ରେ ଏକ ନିଶା ନିବାରଣ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଙ୍ଘ ର ସଭାପତି ଧବଳେଶ୍ୱର ନାଗ ଙ୍କ ଅନୁରୋଧ କ୍ରମେ କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ଏବିଇଓ ଦୟାନିଧି ପାଢ଼ୀ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ସମେତ ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ୟୁପି ସ୍କୁଲ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସମେତ ନେତାଜୀ ଯୁବକ ସଙ୍ଘ ର କର୍ମକର୍ତ୍ତା ଓ ଗ୍ରାମର ସଚେତନ ବୁଦ୍ଧିଜୀବୀ, ମହିଳା ସଙ୍ଘ ମାନେ ମିଳିତ ଭାବେ ମାଝୀଗୁଡା ଗ୍ରାମ ର ପଡା ପଡ଼ା ବୁଲି ମଦ କୋଠି ବନ୍ଦ କରିବା ସହ ଗାଁ ରେ ସମ୍ପୂର୍ଣ୍ଣ ଭାବେ ମଦ ବିକ୍ରି ବନ୍ଦ କରିବାକୁ ଗ୍ରାମବାସୀ ଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ରେ ଯୁବକ ସଙ୍ଘ ର ଉପ ସଭାପତି ଚିତ୍ରସେନ ନାଏକ, ସମ୍ପାଦକ ପରମେଶ୍ୱର ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ନିତାଇ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାଲିଆପାଳ,୪।୯(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ୍ ର ଏକମାତ୍ର ଏଲିମେଣ୍ଟରୀ ଶିକ୍ଷକ ଭାବେ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ର ସହକାରୀ ଶିକ୍ଷକ ଶ୍ରୀ ନିତାଇ ଚରଣ ରାଉଳ ମନୋନୀତ ହୋଇଛନ୍ତି। ଆସନ୍ତା କାଲି ପବିତ୍ର ଗୁରୁ ଦିବସରେ ତାଙ୍କୁ ଏହି ପୁରସ୍କାର ମିଳିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି।

ଶ୍ରୀ ରାଉଳ ଦୀର୍ଘ ପଚିଶି ବର୍ଷ ବାଲିଆପାଳ ବ୍ଲକ୍ ରେ ଶିକ୍ଷକତା କରି ଆସୁଛନ୍ତି। ଏହି ସଫଳତା ପାଇଁ ବାଲିଆପାଳ ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସମେତ ସମସ୍ତ ଶିକ୍ଷକ ସଂଘ, ବାଲିଆପାଳ ମିଡ଼ିଆ ଫୋରମ୍, ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଶିକ୍ଷକ ଶିକ୍ଷୟତ୍ରୀ ତଥା ସିଆରସିସି ଯଶୋବନ୍ତ ଜେନା ଶୁଭେଚ୍ଛା ଜଣାଇ ଛନ୍ତି।

● ବୌଲାଙ୍ଗ ଛକରେ ମଦ ଦୋକାନ ଭଙ୍ଗା ଘଟଣା

ମହିଳାମାନେ ଦେଇଥିବା ପାଉଡର ପ୍ୟାକେଟ ଡ୍ରଗ୍ସ ନୁହେଁ- ପୁଲିସ

ଦଶରଥପୁର,୪।୯(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ମଧୁପୁର ପଇସାଇ ଗ୍ରାମର କିଛି ମହିଳା ମାନେ ବୁଧବାର ବୌଲାଙ୍ଗ ବଜାରରେ ଏକ ଚୋରା ମଦ ଦୋକାନ (କେବିନକୁ) ଭାଙ୍ଗିବା ସହ କେବିନ ଭିତରୁ ଏକ ପଲିଥିନ ପାକେଟରେ କିଛି ଧଳା ପାଉଡର ଥିବା ଏକ ପାକେଟ ପାଇଥିଲେ। ବୌଲାଙ୍ଗ ବଜାରସ୍ତ ଉକ୍ତ କେବିନରେ ଜନୈକ ଯୁବକ ଦୀର୍ଘ ଦିନ ଧରି ମଦ ବେପାର କରି ଆସୁଥିଲେ।କେବିନ ଭିତରେ ମଦ ଦୋକାନ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ଅବକାରୀ ବିଭାଗ ଚୁପ ବସିଥିଲା। ବୁଧବାର ଲଗାଣ ବର୍ଷା ସତ୍ୱେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ମହିଳା ଜନୈକ ବ୍ୟକ୍ତିଙ୍କ ମଦ ଦୋକାନ ଭାଙ୍ଗିଥିଲେ। ଯାହାକୁ ମହିଳା ମାନେ ଡ୍ରଗ୍ସ ବୋଲି ସନ୍ଦେହ କରିଥିଲେ। ଉକ୍ତ ଧଳା ପାଉଡର ପାକେଟକୁ ମହିଳା ମାନେ ମଙ୍ଗଳପୁର ଥାନାରେ ଜିମା ଦେଇଥିଲେ। ତେବେ ମଙ୍ଗଳପୁର ପୋଲିସ ଏହି ଧଳା ପାଉଡର ପ୍ୟାକେଟକୁ ଯାଞ୍ଚ କରିବାପରେ ଏହା ଡ୍ରଗ୍ସ ପାଉଡର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ଆଜି ମଙ୍ଗଳପୁର ପୋଲିସ ଶହ ଯୋଗାଯୋଗ କରିବାରୁ ମହିଳା ମାନେ ଦେଇଥିବା ପାଉଡର ପାକେଟ ଡ୍ରଗ୍ସ ପାକେଟ ନୁହେଁ ସେଗୁଡ଼ିକ କୌଣସି କୀଟନାଶକ ପାକେଟ ବୋଲି ଜଣା ପଡ଼ିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ।

ମାଛକୁଣ୍ଡ ନଦୀକଡ଼ରୁ ଗଳିତ ଶବ ଉଦ୍ଧାର

● ୨ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣକ ଶବ ସନ୍ଦେହ

କୋରାପୁଟ/ଲମତାପୁଟ,୪।୯ (ସଂଚାର ବ୍ୟୁରୋ): କିଛି ଦିନ ବ୍ୟବଧାନରେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ଅବସ୍ଥିତ ମାଛକୁଣ୍ଡ ଡୁଡୁମା ଜଳପ୍ରପାତରେ ଦୁଇ ଜଣ ପର୍ଯ୍ୟଟକ ନିଖୋଜ ହୋଇ ଯାଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କ କୌଣସି ସନ୍ଧାନ ମିଳିପାରିନଥିଲା। ଦୀର୍ଘ ଦିନ ପରେ ଆଜି ମାଛକୁଣ୍ଡ ନଦୀ ପାର୍ଶ୍ୱରୁ ଏକ ଗଳିତ ଶବକୁ ପୁଲିସ ଉଦ୍ଧାର କରିବା ସହିତ ଶବ ନିକଟରୁ ଏକ ମୋବାଇଲ ଫୋନକୁ ଜବତ କରିଛି। ଜବତ ମୃତଦେହକୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ମୃତ ଦେହ ନିକଟରୁ ମିଳିଥିବା ମୋବାଇଲ ଫୋନ ହିଁ ପ୍ରକୃତ ବ୍ୟକ୍ତିଙ୍କ ର୍ଯ୍ୟଟକଙ୍କ ପରିଚୟ ଦେଇପାରିବ ବୋଲି ଏବେ ସାଧାରଣରେ ବେଶ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଡୁଡୁମା ଜଳ ପ୍ରପାତ ଦେଖିବା ବ୍ରହ୍ମପୁର ଅଞ୍ଚଳର ୟୁଟୁବର ସାଗର କୁଣ୍ଡୁ ଆସିଥିଲେ। ମାଛକୁଣ୍ଡ ନଦୀରେ ହଠାତ ବନ୍ୟା ଜଳ ପ୍ରବେଶ ସେ ବନ୍ୟା ଜଳର ପ୍ରଖର ସ୍ରୋତରେ ଡୁଡୁମା ଜଳ ପ୍ରପାତରେ ଖସି ନିଖୋଜ ହୋଇଯାଇଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ଦେଖାଦେଇଥିଲା। ବୁଧବାର ଦିନ ଗୁମୁଣ୍ଡାପୁଟ ଅଞ୍ଚଳର କିଛି ଯୁବକ ମାଛକୁଣ୍ଡ ନଦୀରେ ମାଛ ଧରିବାକୁ ଯାଇଥିଲେ ଏବଂ ନଦୀ ପାର୍ଶ୍ୱର ଏକ ଗଛ ନିକଟରେ ଗଳିତ ଶବକୁ ଦେଖିଥିଲେ।

କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ

ODISHA
ALL INDIA CONGRESS COM

ନର୍ଲା,୪।୯(ସଂଚାର ବ୍ୟୁରୋ): ନର୍ଲାରୋଡର ହୋଟେଲ ଦିଶା ଠାରେ କଂଗ୍ରେସ ତରଫରୁ ସଂଗଠନ ସୃଜନ ଅଭିଯାନ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ସର୍ବ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଭାବରେ ସେଖ ମୁସ୍ତାନ ଅଲ୍ଲୀ ଯୋଗଦାନ କରି କଂଗ୍ରେସ ମହାସଚୀବ ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ତୃଣମୂଳ ସ୍ତରରୁ କଂଗ୍ରେସର ନେତୃତ୍ୱ ଚୟନ କରି ଦଳକୁ ଗ୍ରାମ ପଞ୍ଚାୟତ ସ୍ତରରେ ମଜବୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସାରା ରାଜ୍ୟରେ, ସାରା ଦେଶରେ ତୃଣମୂଳ ସ୍ତରରେ କର୍ମୀ ସମ୍ମିଳନୀ କରାଯାଇ ସେମାନଙ୍କ ଲିଖିତ ମତାମତ ସଂଗ୍ରହ କରି ବ୍ଲକ ଓ ଜିଲ୍ଲା ସଭାପତି ଚୟନ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଅଭିମନ୍ୟୁ ବେହେରା, ପର୍ଯ୍ୟବେକ୍ଷକ ଫକୀର ଜଗତ, ଜିଲ୍ଲା ଉପସଭାପତି ରଜନୀ କୁମାର ଓ ଜ୍ୟୋସ୍ନାମୟୀ ବଗର୍ତ୍ତି, କର୍ଲାମୁଣ୍ଡା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ମାଣିକ୍ୟ ସୁନା, ନର୍ଲା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ଯୁବ ନେତୃତ୍ୱ ନୀରଜ ଶର୍ମା, ବରିଷ୍ଠ ନେତା ଚୂଳମଣୀ ଗଉଡିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ପ୍ରକ୍ରୀୟାରେ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତ ବ୍ଲକରୁ କର୍ମୀ ମାନଙ୍କ ଠାରୁ ନିଆଯାଇଥିବା ମତାମତକୁ ଭିତ୍ତି କରି ଜିଲ୍ଲା ସଭାପତି ଓ ଜିଲ୍ଲାର ୧୩ ଗୋଟି ବ୍ଲକର ବ୍ଲକ ସଭାପତି ଚୟନ କରାଯିବ ବୋଲି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମୁସ୍ତାନ ଅଲ୍ଲୀ ସୂଚନା ଦେଇଛନ୍ତି। ଏହାପରେ ନର୍ଲା ବ୍ଲକ ଅଞ୍ଚଳରୁ ଆସିଥିବା କଂଗ୍ରେସର କର୍ମୀ ମାନଙ୍କ ଠାରୁ ଜିଲ୍ଲା ଓ ନର୍ଲା ବ୍ଲକ ନିମନ୍ତେ ସଭାପତି ଚୟନ ପାଇଁ ଲିଖିତ ଭାବରେ ମତାମତ ସଂଗ୍ରହ କରାଯାଇଥିଲା।

SANCHAR
ସଂଚାର ଶୁକ୍ରବାର ୫ ସେପ୍ଟେମ୍ବର ୨୦୨୫

ପର୍ଯ୍ୟଟନ

ପ୍ରାକୃତିକ ବୈଭବରେ ଭରା ଥେନୀ

ତାମିଲନାଡୁ ଜଳବାୟୁ ସବୁ ସମୟରେ ବୁଲାବୁଲି କରିବା ପାଇଁ ବେଶ ଅନୁକୂଳ ରହିଥାଏ। ଏଠାରେ ଗୋଟିଏ କି ଦୁଇଟି ନୁହେଁ, ଏମିତି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି, ଯେଉଁଠାକୁ ବୁଲିଗଲେ ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ। ତନ୍ମଧ୍ୟରୁ ଗୋଟିଏ ଦର୍ଶନୀୟସ୍ଥାନ ହେଉଛି ଥେନୀ। ତାମିଲନାଡୁର ଏହା ହେଉଛି ଏକ ଜିଲ୍ଲା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଥେନୀରେ ପର୍ଯ୍ୟଟକ ବିଭିନ୍ନ ସ୍ଥାନ ବୁଲିବା ସହ ଅନେକ କିଛି କିଣିପାରିବେ।

କ'ଣ ଦେଖିବେ: ଥେନୀରେ ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଅନେକ ଦର୍ଶନୀୟସ୍ଥାନ ରହିଛି। ବୈଗାଇ ଡ୍ୟାମ, ସୋଥୁପରାଇ ଡ୍ୟାମ୍ ଏବଂ ଶାନମୁଙ୍ଗାଥି ଡ୍ୟାମ ହେଉଛି ଏଠାକାରର ତିନୋଟି ପ୍ରମୁଖ ପିକନିକ ସ୍ପଟ। ସେହିପରି ଏଠାରେ କେତୋଟି ଆକର୍ଷଣୀୟ ଝରଣା ବି ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ କୁମ୍ବାଇକାରାଇ ଝରଣା, ଚାଇନା ସୁରୁଲି ଝରଣା ବି ଦେଖିବାକୁ ମିଳିଥାଏ। ତା'ଛଡା ଥେନୀରେ ଅନେକ ଦେବାଳୟ ମଧ୍ୟ ରହିଛି। ଯେମିତି କି କାମାକ୍ଷୀ ଅମ୍ମାନ ମନ୍ଦିର, ଗୌମରିୟମ୍ମନ ମନ୍ଦିର, ମନଥାଇୟାମ୍ମନ ମନ୍ଦିର ଇତ୍ୟାଦି ପ୍ରମୁଖ। ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଥେନୀର କେତୋଟି ପ୍ରମୁଖ ସହର ଯେମିତି କି ପେରିୟାମ୍ଲମ୍, ଉଥାମାପାଲ୍ୟମ, କମବମ୍, ବୋବିନାୟାକାନୁର ଇତ୍ୟାଦି ପର୍ବପର୍ବାଣୀକୁ ବେଶ ଧୁମଧାମରେ ପାଳନ କରାଯାଇଥାଏ। ଏହି ସମୟରେ ଏଠାରେ ବହୁ ଜନସମାଗମ ହୋଇଥାଏ।

ଥେନୀର ଅର୍ଥନୀତି: ଥେନୀର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଏଠାକାର କୃଷି ଉପରେ ହିଁ ନିର୍ଭର କରିଥାଏ। ଏଠାରେ ମୁଖ୍ୟତଃ ଆଖୁ, ତୁଳା, ଧାନ, ବାଜରା, ଚିନାବାଦାମ ଆଦି ଚାଷ କରାଯାଇଥାଏ। ତା'ଛଡା କଦଳୀ, ନଡିଆ, ଚା', କଫି, ଅଳେଇଚ, ରସୁଣ, ଅଙ୍ଗୁର, ଲଙ୍କା ତଥା ଆମ୍ବ ଇତ୍ୟାଦି ବି ଚାଷ କରି ବାହାରକୁ ରପ୍ତାନୀ କରାଯାଇଥାଏ। ତେଣୁ ପର୍ଯ୍ୟଟକ ଏଠାକୁ ଗଲେ ଏହି ସବୁ ଖାଦ୍ୟ ତଥା ମସଲା ସାମଗ୍ରୀ ବେଶ ସୁଲଭ ଦରରେ କିଣିପାରିବେ।

କେମିତି ଯିବେ: ଏଠାକୁ ଯିବା ପାଇଁ ଗମନାଗମନର ସବୁ ସିବିଧା ରହିଛି। ମଦୁରାଇ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦ, ଯାହା ଥେନୀଠାରୁ ପ୍ରାୟ ୮୭ କିମି ଦୂରରେ ଅବସ୍ଥିତ। ସେହିପରି ପାଲାନି ରେଲୱେ ଷ୍ଟେସନ ହେଉଛି ଏହାର ନିକଟବର୍ତୀ ରେଲଷ୍ଟେସନ। ତା'ଛଡା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ ବି ଯା ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସବୁିଧା ସେଥିରେ ଯାଇ ଆରାମରେ ଏଠାରେ ପହଞ୍ଚିପାରିବେ।

ଖରା ଦିନେ ଯାଆନ୍ତୁ ଦାର୍ଜିଲିଙ୍ଗ

ଯଦି ଖରାଦିନ ଛୁଟିରେ ଆପଣ ମାନେ କୁଆଡ଼େ ବୁଲିବାକୁ ଯିବାକୁ ଚାହୁଁଛନ୍ତି ତେବେ ଦାର୍ଜିଲିଙ୍ଗ ଯାଆନ୍ତୁ।

ଦାର୍ଜିଲିଙ୍ଗ ପଶ୍ଚିମବଙ୍ଗରେ ଥିବା ସିଲିଗୁଡ଼ା ଠାରୁ ୮୦ କିଲୋମିଟର ଦୂରରେ ଅବସ୍ଥିତ। ପାହାଡ଼ର ଶିଖରରେ ଅବସ୍ଥିତ ଦାର୍ଜିଲିଙ୍ଗ ଏକ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ।ଦାର୍ଜିଲିଙ୍ଗ ନଗର ଦାର୍ଜିଲିଙ୍ଗ ଜିଲ୍ଲାର ମୁଖ୍ୟ ନଗର ଅଟେ। ଏହା ଶିବାଲିକ ପାହାଡ଼ର ଲୋବର ହିମାଳୟରେ ଅବସ୍ଥିତ ଅଟେ। ଏହାର ଉଚ୍ଚତା୨, ୧୩୪ ମିଟର (୬, ୯୮୨ ଫୁଟ) ଅଟେ। ଦାର୍ଜିଲିଙ୍ଗ ଶବ୍ଦ ତିବତୀ ଭାଷାର ଦୁଇଟି ଶବ୍ଦ 'ଦୋର୍ଜ' ଓ 'ଲିଙ୍ଗ'ର ମିଳିତରେ ଦାର୍ଜିଲିଙ୍ଗ ହୋଇଛି। 'ଦୋର୍ଜ'ର ଅର୍ଥ 'ଓଲା' ବା 'ଉପଳ' ଓ 'ଲିଙ୍ଗ'ର ଅର୍ଥ ହେଉଛି 'ସ୍ଥାନ'। ଦାର୍ଜିଲିଙ୍ଗ ଏଭଳି ଏକ ଜାଗା ଯେଉଁଠାରେ ସବୁ ବେଳେ ଥଣ୍ଡାର ବାତାବରଣ ସୃଷ୍ଟି କରିଥାଏ। ଦାର୍ଜିଲିଙ୍ଗ ହିଲ ଷ୍ଟେସନ ଇଂରେଜ ଶାସନ କାଳ ସମୟରୁ ବିକଶିତ ହୋଇଛି। ଦାର୍ଜିଲିଙ୍ଗ କେବଳ ଭାରତରେ ନୁହେଁ ସାରା ଦୁନିଆର ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ହାସଲ କରିଛି। ଦାର୍ଜିଲିଙ୍ଗ ପାହାଡ଼ ତଳେ ଯେଉଁ ଚା ଚାଷ କରାଯାଏ ତାହା ସବୁଆଡ଼େ ପ୍ରସିଦ୍ଧ।

କେମିତି ଯିବେ: ଦାର୍ଜିଲିଙ୍ଗ ସହର ସହିତ ଅନେକ ବିମାନବନ୍ଦର ଯୋଡ଼ି ହୋଇ ରହିଛି। ସିଲିଗୁଡ଼ା ଏହାର ନିକବର୍ତୀ ବିମାନବନ୍ଦର ଅଟେ। ଯାହା ବିମାନବନ୍ଦର ନିକଟରୁ ୯୦ କିଲୋମିଟର ଦୂର ଅଟେ। ଆପଣ କାର କିମ୍ବା ବସରେ ୨ଘଣ୍ଟା ମଧ୍ୟରେ ଦାର୍ଜିଲିଙ୍ଗରେ ପହଚିପାରିବେ।

ବନ୍ଦର ସହର ଥୁଥୁକୁଡ଼ି

ଏହା ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ଏକ ବନ୍ଦର ସହର ଭାବେ ଜଣାଶୁଣା। ଏହି ସହର ମୋତି ସଂଗ୍ରହ କ୍ଷେତ୍ରରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ସେଥିପାଇଁ କେହି କେହି ଏହାକୁ ମୋତିର ସହର ବୋଲି ବି କହିଥାନ୍ତି। ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ଏକ ବନ୍ଦର ସହର ହେଉଛି ଥୁଥୁକୁଡ଼ି। ଏହା ଚେନ୍ନାଇଠାରୁ ପ୍ରାୟ ୫୯୦ କି.ମି ଏବଂ ଥିରୁଭାନନ୍ଥପୁରମ ଠାରୁ ପ୍ରାୟ ୧୯୦ କି.ମି ଏବଂ ବେଙ୍ଗାଲୁରୁଠାରୁ ପ୍ରାୟ ୫୮୦ କି.ମି ଦୂରରେ ଅବସ୍ଥିତ। ବନ୍ଦର ସହର ହୋଇଥିବାରୁ ଏଠାକାର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଖାସ କରି ପର୍ଯ୍ୟଟନ, ଲୁଣମରା, ସମୁଦ୍ରଜନିତ ବ୍ୟାପାର ଏବଂ ମାଛମରା ଉପରେ ଏଠାକାର ଅର୍ଥନୀତି ନିର୍ଭରଶୀଳ। ସେହିପରି ଏଠାରେ ସମୁଦ୍ରରୁ ମୋତି ସଂଗ୍ରହ କରିବାର କାମ ବି ଖୁବ୍ କରାଯାଇଥାଏ। ସେଥିପାଇଁ ଏଠାକାର ମୋତିର ଚାହିଦା ଦେଶ ବିଦେଶରେ ବେଶ୍ ରହିଥାଏ। ଏହାଛଡ଼ା ଜାହାଜ ତିଆରି କ୍ଷେତ୍ରରେ ବି ଏହି ସହରର ବେଶ୍ ନାଁ ରହିଛି। ବୁଲିବା ସହ ଅନେକ କିଛି ଜାଣିବା ତଥା ଶିଖିବାର ସୁଯୋଗ ଏଠାରେ ମିଳୁଥିବାରୁ ପର୍ଯ୍ୟଟକ ଥୁଥୁକୁଡ଼ିକୁ ଆସିବା ପାଇଁ ବେଶ୍ ପସନ୍ଦ କରିଥାନ୍ତି।

କ'ଣ ଦେଖିବେ: ପରିବେଶପ୍ରେମୀଙ୍କ ପାଇଁ ଥୁଥୁକୁଡ଼ି ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ। କାରଣ ଏଠାକାର ତଟବର୍ତୀ ଅଚଳ ବେଶ୍ ଆକର୍ଷଣୀୟ। ସେହିପରି ଏଠାରେ ଅନେକ ଉଦ୍ୟାନ ବି ରହିଛି। ଯେମିତି କି ହାର୍ବୋର ଉଦ୍ୟାନ, ରାଜାଜୀ ଉଦ୍ୟାନ, ରୋଚେ ଉଦ୍ୟାନ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ଏହି ବନ୍ଦର ସହର ନିକଟବର୍ତୀ ଅଚଳରେ ଅନେକ ଛୋଟବଡ଼ ଦ୍ୱୀପ ବି ଦେଖିବାକୁ ମିଳିଥାଏ, ଯେଉଁଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଅନେକ ଦୁଃସାହସିକ କ୍ରୀଡ଼ାର ସୁବିଧା ରହିଛି। ଯେମିତି କି ଜେଟ୍ ସ୍କିଂ, ୱାଟର୍ ସ୍କୁଟର୍, ୱିଣ୍ଡ ସର୍ଫିଙ୍ଗ୍, ପେଡ଼ାଲ୍ ସର୍ଫିଙ୍ଗ୍, ବମ୍ପ ରାଇଡ୍ସ, ବାନାନା ବୋଟ୍ ରାଇଡ୍ସ, ଫିଶିଂ, ସ୍ନୋର୍କେଲିଂ ତଥା ସ୍କୁବା ଡାଇଭିଂ ଇତ୍ୟାଦି ଅନ୍ୟତମ। ଭ୍ରମଣ ସହ ଏସବୁ କ୍ରୀଡ଼ାର ମଜା ନେବା ପାଇଁ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିଥାଏ ଏଠାରେ। ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ ବନ୍ଦର ଏବଂ ଥୁଥୁକୁଡ଼ି ଥର୍ମାଲ୍ ପାୱାର ଷ୍ଟେଶନ ଆଡ଼େ ବୁଲିଯାଇ କିଛି ନିଆରା ଅନୁଭୂତି ବି ପାଇପାରିବେ।

ମନ ମୋହୁଛି ଡାବରଖୋଲ ଜଳପ୍ରପାତ

ଆମ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଯାହାକୁ ଉପଭୋଗ କରିବା ପାଇଁ ଅନେକ ଦୂରଦୁରାନ୍ତରରୁ ପର୍ଯ୍ୟଟକମାନେ ଏଠାକୁ ଛୁଟିଆସନ୍ତି। ଏଠାରେ ଥିବା ଅନେକ ସ୍ଥାନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇସାରିଥିବାବେଳେ ଏମିତି ଅନେକ ସ୍ଥାନ ଆଜିବି ଲୁକାୟିତ ଅବସ୍ଥାରେ ରହିଛି। ଯାହାର ଉନ୍ନତିକରଣ ଉପରେ କିଏ କେବେ ଧ୍ୟାନ ଦେଇନାହାନ୍ତି। ଏମିତି ଏକ ସ୍ଥାନ କଟକ ଜିଲ୍ଲା ନରସିଂହପୁର ବ୍ଲକ ଓଲବ ଗ୍ରାମପଚାୟତର ଗୁପ୍ତମାଣିକ ଗ୍ରାମରେ ରହିଛି। ଯାହା ଡାବରଖୋଲ ଜଳପ୍ରପାତ ଭାବେ ନାମିତ। ଏହି ଜଳ ପ୍ରପାତଟି ଅନ୍ୟ ଜଳ ପ୍ରପାତଠାରୁ ବିଶେଷ ବଡ ଓ ମନୋରମ। ଏଠାରେ ଗୋଟିଏ ନୁହେଁ ବରଂ ଦୁଇଟି ଜଳ ପ୍ରପାତ ରହିଛି। ଯାହା ତଳ ଉପର ହୋଇ ଧରାପୃଷ୍ଠକୁ ବୋହିଯାଇଛି। ତେବେ ଏହି ଦୁଇଟି ଜଳ ପ୍ରପାତ ନିକଟରେ ଅନେକ ପୁରାତନ ଗୁମ୍ଫାମାନ ମଧ୍ୟ ଦୃଶ୍ୟମାନ ହେଉଛି। କିନ୍ତୁ ଦୁଃଖର କଥା ଏଠାକୁ ଯିବାକୁ ରାସ୍ତା ନାହିଁ। ତେବେ ଆମ ନରସିଂହପୁର ରିପୋର୍ଟର ତଥାଗତ ବିଶ୍ୱାଳ ଲୁକାୟିତ ଥିବା ଏହି ଜଳ ପ୍ରପାତ ନିକଟକୁ ଯିବା ପାଇଁ ଆରମ୍ଭ କରିଥିଲେ ପ୍ରୟାସ। ବହୁ କଷ୍ଟରେ ନାଳ ପାଣି ଡେଇଁ, ଜଙ୍ଗଲ ରାସ୍ତା ଦେଇ ଶେଷରେ ପହଁଥିଲେ ଜଳ ପ୍ରପାତ ନିକଟରେ ଏବଂ ସେଠାରେ ପ୍ରକୃତିର ସୁନ୍ଦର ରୂପକୁ ଉପଭୋଗ କରିଥିଲେ। ଯାହାକୁ ଦେଖିଲେ ଆପଣବି ନିହାତୀ ଭାବବିହ୍ୱଳ ହୋଇଯିବେ। କାରଣ ଏଠିକାର ଦୃଶ୍ୟ ଖୁବ ନିଆରା। ତେବେ ଏଠାକୁ ଆସିବାକୁ ନରସିଂପୁର ମୁଖ୍ୟ ରାସ୍ତା ଦେଇ ଗଲେ ଗୋପପୁର ଠାରୁ ୧୪କିମି ଓ ଚମ୍ପେଶ୍ୱର ଦେଇ ଗଲେ ୧୨ କିମି ବାଟ ପଡ଼ିଥାଏ। ସରକାରଙ୍କ ପକ୍ଷରୁ ଏହି ସ୍ଥାନ ଉନ୍ନତିକରଣ କରାଯିବା ସହିତ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯିବାକୁ ସାଧାରଣରେ ଦାବି ହୋଇଛି।

ସ୍ୱିଜରଲ୍ୟାଣ୍ଡର ସେଣ୍ଟ୍ ମୋରିଜ

ବିଶ୍ୱସ୍ତରରେ ସ୍ୱିଜର୍ଲ୍ୟାଣ୍ଡର ପରିଚୟ ଏକ ଧନୀ ଦେଶ ଭାବେ କରାଯାଇଥାଏ। ବିଶେଷକରି ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ବିଶେଷଭାବେ ଆକର୍ଷିତ ହୋଇଥାନ୍ତି। ଏଠାକାର ସେଂଟ୍ ମୋରିଜ୍ ପର୍ଯ୍ୟଟକଙ୍କ ଏଭଳି ଆକର୍ଷଣର କେନ୍ଦ୍ର ପାଲଟିବାରେ ପ୍ରଥମ ସ୍ଥାନ ଗ୍ରହଣ କରିଛି।

ସେଣ୍ଟ୍ ମୋରିଜ୍‌କୁ ସୁନ୍ଦର ଗ୍ଲାସିୟର୍ ସହର ଭାବେ ଗଣନା କରାଯାଏ। ଆହୁରି କହିପାରନ୍ତି, ସେଣ୍ଟ୍ ମୋରିଜ୍ ଦୁନିଆର ସବୁଠୁ ସୁନ୍ଦର ତଥା ପ୍ରକୃତିର ବରଦାନର ସହର। ସ୍ୱିଜର୍ଲ୍ୟାଣ୍ଡର ଏଗାଡାଇନ୍ ସ୍ଥିତ ସେଣ୍ଟ୍ ମୋରିଜ୍ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର୍। ପର୍ଯ୍ୟଟକଙ୍କୁ ଏହାର ସୌନ୍ଦର୍ଯ୍ୟ ଖୁବ୍ ଆକର୍ଷିତ କରିଥାଏ। ସମୁଦ୍ର ପତନରୁ ପ୍ରାୟ ୧୮୨୨ ମିଟର ଉଚ୍ଚରେ ସ୍ଥିତ ଏହି ସ୍ଥାନଟି ପୃଥିବୀର ହାତଗଣତି ସୁନ୍ଦର ହିଲ୍‌ଷ୍ଟେସନ୍ ମଧ୍ୟରୁ ଗୋଟିଏ। ସେଣ୍ଟ୍ ମୋରିଜ୍‌ର ଭବ୍ୟ ଦିବ୍ୟ ସୁନ୍ଦର ହ୍ରଦ ଏବଂ ଗ୍ଲାସିୟର୍ ଘାଟି ସବୁ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ସେଣ୍ଟ୍ ମୋରିଜ୍ ବିଶେଷଭାବେ ଶୀତକାଳୀନ କ୍ରୀଡ଼ା ଏବଂ ପର୍ବତୀୟ ସାହସିକ କ୍ରୀଡ଼ା ପାଇଁ ଦେଶ ଦୁନିଆରେ ଖ୍ୟାତି ଅର୍ଜନ କରିଛି। ୧୯୨୮ ଏବଂ ୧୯୪୮ରେ ଏଠାରେ ଶୀତକାଳୀନ ଅଲମ୍ପିନ୍ କ୍ରୀଡ଼ାର ଆୟୋଜନ ହୋଇଥିଲା। ସେଣ୍ଟ୍ ମୋରିଜ୍‌ରେ ହ୍ରଦ ଏବଂ ଝରଣାର ଲମ୍ବା ଶୃଙ୍ଖଳ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ସ୍ୱର୍ଗ ଭଳି ସୁନ୍ଦର ପରିବେଶକୁ ନିଜ ଭିତରେ ସାଇତିଥିବା ସେଣ୍ଟ୍ ମୋରିଜ୍ ଯୁବପିଢ଼ି ଯେତିକି ଆକୃଷ୍ଟ କରେ ତା'ଠୁ ଅଧିକ ପ୍ରେମୀଯୁଗଳଙ୍କୁ ରୋମାଞ୍ଚିତ କରିଥାଏ। ଏଠାକାର ଲଭର୍ ପଏଂଟ୍‌କୁ ଥରେ ଗଲେ ଫେରିବାକୁ ମନ ହୋଇନଥାଏ। ଏମିତିରେ ବି ସ୍ୱିଜର୍ଲ୍ୟାଣ୍ଡର ସେଣ୍ଟ୍ ମୋରିଜ୍‌କୁ ରୋମାନ୍ସ ପାଇଁ ଦୁନିଆର ସବୁଠୁ ସୁନ୍ଦର ତଥା ଉପଯୁକ୍ତ ସ୍ଥାନ ଭାବେ ଗଣାଯାଏ। ସେଣ୍ଟ୍ ମୋରିଜ୍‌ର ସୁନ୍ଦରତା ୧୧୩୭-୧୧୩୯ ମଧ୍ୟବର୍ତୀ ସମୟରେ ଦୁନିଆ ସମ୍ମୁଖକୁ ଆସିଥିଲା। ବିଶେଷଜ୍ଞଙ୍କ ଅନୁସାରେ, ସେଣ୍ଟ୍ ମୋରିଜ୍ କେବେ ଏକ ସୁନ୍ଦର ଗାଁ ଥିଲା। ଯାହାକୁ ଉନ୍ନତ ବିକାଶ ମାଧ୍ୟମରେ ଏକ ହିଲ୍ ସିଟି ରୂପେ ପରିବର୍ତନ କରିଦିଆଗଲା। ଏହି ସ୍ଥାନର ନାମ ସେଣ୍ଟ୍ ମରିସ୍‌ଙ୍କ ନାମ ଅନୁସାରେ ରଖାଯାଇଛି। ୧୮୬୪ ପରେ ଏହି ସ୍ଥାନକୁ ସୁନ୍ଦର ରିସର୍ଟ ସହର ରୂପେ ଜଣାଗଲା। ଏହାର ବିଶେଷତ୍ୱ ହେଉଛି, ସୁନ୍ଦର ପର୍ବତ ଶୃଙ୍ଖଳ ଏବଂ ଗ୍ଲାସିୟର୍ ମଧ୍ୟରେ ବସିଥିବା ସେଣ୍ଟ୍ ମୋରିଜ୍‌ର ଏକ ଛୋଟିଆ ସହର। ସେଣ୍ଟ୍ ମୋରିଜ୍ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା ବୃଦ୍ଧି କରିବାରେ ବିଶେଷ ସ୍ଥାନ ଗ୍ରହଣ କରିଛି ଏଠାକାର ଆଲ୍‌ପାଇନ୍ ବୃକ୍ଷ। ଏଠାକାର ନଦୀ, ହ୍ରଦର ସୌନ୍ଦର୍ଯ୍ୟ ସାଙ୍ଗକୁ ଜଳର ନିର୍ମଳତା ପର୍ଯ୍ୟଟକଙ୍କଚ ବେଶ୍ ମୁଗ୍ଧ କରିଥାଏ। ଶାନ୍ତ ଏବଂ ଶୀତଳ ପରିବେଶ ସମ୍ପନ୍ନ ସେଣ୍ଟ୍ ମୋରିଜ୍ ଉନ୍ନବିଂଶ ଶତାବ୍ଦୀରେ ଦୁନିଆର ପର୍ଯ୍ୟଟନପ୍ରେମୀଙ୍କ ନିକଟରେ ଲୋକପ୍ରିୟ ହୋଇପାରିଲା। ଅବକାଶ ସମୟରେ ମଉଜ ମସ୍ତି ଏବଂ ବୁଲାବୁଲି ପାଇଁ ସେଣ୍ଟ୍ ମୋରିଜ୍‌କୁ ବଛାବଛା ସ୍ଥାନ ମଧ୍ୟରେ ରଖାଯାଇଛି। ସେଣ୍ଟ୍ ମୋରିଜ୍ ଟ୍ରାକିଙ୍ଗ୍ ପାଇଁ ଉତମ ସ୍ଥାନ। ଚତୁଃପାର୍ଶ୍ୱ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଥିବାରୁ ପର୍ଯ୍ୟଟକଙ୍କ ମନମସ୍ତିଷ୍କ ରୋମାଞ୍ଚିତ ହୋଇ ଉଠିଥାଏ ଏଠାରେ। ଗ୍ରୀଷ୍ମଦିନେ ସେଣ୍ଟ୍ ମୋରିଜ୍‌ରେ ସାଇକେଲ୍ ରେସର୍, ଧାବକ, ଆଥଲେଟ୍‌ଙ୍କ ଭଳି କିଛି କ୍ରୀଡ଼ାପ୍ରେମୀ ହଲଚଲ ମଚାଇଦିଅନ୍ତି। ସମୁଦ୍ର ପତନରୁ ଏତେ ଉଚ୍ଚରେ ଥିବାରୁ ବିଶ୍ୱସ୍ତରୀୟ ଆଥଲେଟିକ୍ସ ଟ୍ରାକ୍ ଏବଂ ସୁନ୍ଦର ପାଥ୍-ୱେ ସ୍ଥାନଟିର ବିଶେଷତ୍ୱକୁ ଆହୁରି ବଢ଼ାଇଦିଅନ୍ତି। ନଦୀରେ ନୌକାୟନ କରିବା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ସେହିପରି ବରଫରେ ଖେଳିବା ଏବଂ ଘୋଡ଼ାସବାରୀ ପର୍ଯ୍ୟଟକଙ୍କ ମନରେ ରୋମାଞ୍ଚ ଭରିଦିଏ। ଶୀତଦିନେ ଚତୁଃପାର୍ଶ୍ୱ ବରଫ ଚାଦରରେ ଘୋଡ଼ାଇ ହୋଇ ରହିଥାଏ। ସ୍କିଇଙ୍ଗ୍ ଏବଂ ସ୍ନୋୱର୍ଡିଙ୍ଗ ପାଇଁ ସେଣ୍ଟ୍ ମୋରିଜ୍‌କୁ ସବୁଠୁ ଉତମ ସ୍ଥାନ ବୋଲି କୁହାଯାଏ। ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ସମସ୍ତ ସୁବିଧା ଉପଲବ୍ଧ ରହିଛି। ପ୍ରାୟ ୧୩ହଜାର ବେଡ୍ ଥିବା ପରିସର ପର୍ଯ୍ୟଟକଙ୍କ ସେବା ପାଇଁ ଉପଲବ୍ଧ ରହିଛି। ବିଶେଷକରି ଏଠାରେ ଥିବା ବରଫ ଗୁମ୍ଫା ପର୍ଯ୍ୟଟକଙ୍କ ରହଣି ନିମନ୍ତେ ଅଧିକ ପସନ୍ଦିତ ସ୍ଥାନ ପାଲଟିଥାଏ। ଏହି ବରଫ ଗୁମ୍ଫାର ଲମ୍ବ ପ୍ରାୟ ୮ କିଲୋମିଟର। ଏହାକୁ ଦୁନିଆର ସବୁଠୁ ବଡ଼ ଆଶ୍ଚର୍ଯ୍ୟ ବୋଲି କୁହାଯାଏ। ସ୍ଥାନୀୟ ଅଞ୍ଚଳର ଜନସଂଖ୍ୟା ପ୍ରାୟ ୫୬୦୦। ଏଠାକାର ଲୋକ ସଂସ୍କୃତି ପର୍ଯ୍ୟଟକଙ୍କୁ ବେଶ୍ ଆନନ୍ଦିତ କରିଥାଏ। ବିଶେଷକରି ଏଠାରେ ଥିବା ସଂଗ୍ରହାଳୟ ପର୍ଯ୍ୟଟକଙ୍କୁ ଅଞ୍ଚଳର ପ୍ରତିଟି ଜଣାଅଜଣା ଏବଂ ଐତିହାସିକ ଘଟଣା ସହ ସୂଚନା ଦେଇଥାଏ।

କେମିତି ଯିବେ

ସେଟ ମୋରିଜ୍ ଯିବାର ନିକଟତମ ବିମାନ ବନ୍ଦର ଜୁରିଖ୍-କ୍ଲୋଟେନ୍। ପର୍ଯ୍ୟଟକ ଏଠାରୁ ଟ୍ୟାକ୍ସି କିମ୍ବା କାର୍‌ରେ ୩.୫୦ ଘଟାର ଯାତ୍ରା କରି ସେଟ ମୋରିଜ୍‌ରେ ପହଞ୍ଚିପାରିବେ। ନିକଟତମ ରେଲଷ୍ଟେସନ୍ ଜୁରିଖ୍ ଏବଂ ଚୁର୍। ପର୍ଯ୍ୟଟକ ସଡ଼କ ମାର୍ଗରେ ମଧ୍ୟ ସେଟ୍ ମୋରିଜ୍ ଯାତ୍ରା କରିପାରିବେ।

ମରଣ ଯନ୍ତାରେ ମୁଣ୍ଡାପଦର ବିନ୍ଧାଣୀ ସାହି ରାସ୍ତା

ଫୁଲବାଣୀ,୪।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିବି ଲୋକେ ନିଜର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣେ ସରକାର ବିକାଶ ନା, ରେ ଦିଣ୍ଡିମ ପିଟୁ ଥିବା ବେଳେ ଏବେ ମଧ୍ୟ ଲୋକେ ରାସ୍ତା ଘାଟ ନ ଥିବାରୁ ସୁବିଧାରେ ଯାତାୟାତ କରି ପାରୁ ନାହାଁନ୍ତି। ଏପରି ଘଟଣା ଦେଖିବାକୁ ମିଳୁଛି, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଚ୍ଛାପଡା ପଞ୍ଚାୟତ ମୁଣ୍ଡାପଦର ୱାର୍ଡ଼ ରେ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ କି, ମି, ଦୂର ଏବଂ ଗୋଚ୍ଛାପଡା କ୍ରାଣ୍ଡି ବାଲି ମୁଖ୍ୟ ରାସ୍ତାରୁ ମାତ୍ର ପାଞ୍ଚ ଶହ ମିଟର ଦୂର। ଏହି ରାସ୍ତା କେବେ ମାଟି ରାସ୍ତା ହୋଇ ଥିଲା, କାହାରିକୁ ଜଣା ନାହିଁ। ସ୍ଥାନୀୟ ପ୍ରଶାସନ ର ଚରମ ଅବହେଳା ଯୋଗୁଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ କରି ଥିଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗ କରି ଛନ୍ତି ବିନ୍ଧାଣୀ ସାହି ବାସିନ୍ଦା। ଅନ୍ୟ ଦିନ ମାନଙ୍କରେ ଯେନତେନ ଭାବେ ଚଳି ଆସୁଥିବାବେଳେ ବର୍ଷା ଦିନ ଆସିଲେ କୋମଳ ମତି ଶିଶୁ ମାନେ ଅଙ୍ଗନ ୱାଡ଼ି ଯିବା ଓ ଜରୁରୀ ସେବା ବାଧା ପ୍ରାପ୍ତ ହେଉଛି। ଏହି ବିଷୟରେ ସରପଞ୍ଚ ଯୁଗାନ୍ତ କହଁର ଙ୍କୁ ପଚାରି ବାରୁ ବର୍ଷା ଦିନ ସରିଲେ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

ଜିଲ୍ଲାସ୍ତରୀୟ ସିନିୟର ଓ ଉପକନିଷ୍ଠ ସିପକଟାକ୍ରୋ ଖେଳାଳି ଚୟନ

ସୁନ୍ଦରଗଡ଼,୩।୯(ସଂଚାର ବ୍ୟୁର): ଆସନ୍ତା ସେପ୍ଟେମ୍ବର ୯ ତାରିଖ ମଙ୍ଗଳବାର ସକାଳ ୭ ଟା ସମୟରେ ଭବାନୀ ଭବନ ଷ୍ଟାଡିୟମ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଜିଲ୍ଲା ସ୍ତରୀୟ ଉପ କନିଷ୍ଠ ଓ ସିନିୟର୍ ସିପକଟାକ୍ରୋ ଖେଳାଳି ମନୋନୟନ କରାଯିବ। ଯେଉଁ ଖେଳାଳିଙ୍କ ଜନ୍ମ ୦୧/୦୧/୨୦୦୧ ଦିନ କିମ୍ବା ପରେ ଜନ୍ମ ଗ୍ରହଣ କରିଥିବେ ସେମାନେ କେବଳ ଉପ କନିଷ୍ଠ ଦଳରେ ଭାଗ ନେଇ ପାରିବେ। ଜିଲ୍ଲା ସ୍ତରରେ ଉପ କନିଷ୍ଠ ବିଭାଗରେ ଯେଉଁ ଖେଳାଳିମାନେ ମନୋନୟନ ହେବେ ସେମାନେ ଆସନ୍ତା ସେପ୍ଟେମ୍ବର ୧୫ ରୁ ୧୬ ତାରିଖ ଓ ସିନିୟର ବିଭାଗରେ ଯେଉଁ ଖେଳାଳି ମାନେ ମନୋନୟନ ହେବେ ସେମାନେ ଆସନ୍ତା ସେପ୍ଟେମ୍ବର ୧୪ ରୁ ୧୫ ତାରିଖ ପୁରୀ ଠାରେ ହେବାକୁ ଥିବା ଇଣ୍ଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟ ସ୍ତରରେ ସିନିୟର ବିଭାଗର ଯେଉଁ ଖେଳାଳି ମାନେ ମନୋନୟନ ହେବେ ସେମାନେ ଆସନ୍ତା ଅକ୍ଟୋବର ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ ଗୋଆର ମର୍ଧାଁ ଠାରେ ହେବାକୁ ଥିବା ୩୫ ତମ ସିନିୟର ଜାତୀୟ ସିପକଟାକ୍ରୋ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ।

ବର୍ଷାରେ ଭାଙ୍ଗିଲା ପୋଲ, ଯାତାୟାତ ବାଧାପ୍ରାପ୍ତ



ଫୁଲବାଣୀ,୪।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ପଞ୍ଚାୟତ ଜୁଜୁର ପଡ଼ା ନିକଟରେ ଥିବା ପୋଲ ଲଗାଣ ବର୍ଷାରେ ଭାଙ୍ଗି ଧୋଇ ହୋଇଛି। ଫିରିଙ୍ଗିଆ ବ୍ଲକ ର ବିଭିନ୍ନ ଅଞ୍ଚଳ ରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ପଡ଼ିବା ସହ ବହୁ ଘର ମଧ୍ୟ ଭାଙ୍ଗି ଥିବା ଦେଖିବାକୁ ମିଳିଛି ତେବେ ଗତ ସୋମବାର ଦିନ ତଳ ଦଣ୍ଡିକିଆ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ତଳ ଦଣ୍ଡିକିଆ ପଞ୍ଚାୟତ ଅନ୍ତର୍ଗତ ଜୁଜୁର ପଡ଼ା ଠାରୁ ସାରୁ ମାହା ଯାଇଥବା ରାସ୍ତା ର ଜୁଜୁର ପଡ଼ା ନିକଟରେ ଥିବା ପୋଲ ବର୍ଷା ଯୋଗୁଁ ଭାଙ୍ଗି ଯିବା ସହ ଧୋଇ ହୋଇ ଯାଇଛି। ପୋଲ ଧୋଇ ହୋଇ ଯିବାରୁ ଦୁଇଟି ୱାର୍ଡ ର ଅଞ୍ଚଳ ବାସୀ ଯାତାୟତ ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ପୋଲ ଦେଇ ଅଙ୍ଗନବାଡି କେନ୍ଦ୍ର ଠାରୁ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁ ଦୈନନ୍ଦିନ ଯିବାକୁ ପଡୁଥିବା ବେଳେ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଗୁଟିଙ୍ଗିଆ ଉପରେ ଅଞ୍ଚଳ ବାସୀ ନିର୍ଭର କରୁଛନ୍ତି। ପୋଲ ଭାଙ୍ଗିଯିବାରୁ ଯାତାୟତ ବାଧା ପ୍ରାପ୍ତ ହୋଇଛି ଯାହାକୁ ନେଇଁ ଅଞ୍ଚଳ ବାସୀ ପୋଲ ଭାଙ୍ଗିଯିବା ପରେ ପୋଲ ଉପର ପଟେ ପାଣି ଉପର ଦେଇ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ଅଞ୍ଚଳ ବାସୀ ସ୍ଥାନୀୟ ତଳ ଦଣ୍ଡିକିଆ ପଞ୍ଚାୟତ ସରପଞ୍ଚ ଶଙ୍କର ପ୍ରଧାନ ଙ୍କୁ ଜଣାଇବା ପରେ ନିଜେ ସରପଞ୍ଚ ଜାଇ ଦେଖିଛନ୍ତି। ତଳଦଣ୍ଡିକିଆ ପଞ୍ଚାୟତ ସରପଞ୍ଚ ଙ୍କୁ ଏହି ଘଟଣା ନେଇଁ ପଚାରିବାରୁ ଭଙ୍ଗା ପୋଲ କୁ ନେଇଁ ସ୍ଥାନୀୟ ଅଞ୍ଚଳ ବାସୀ ମୋତେ ଅବଗତ କରିବା ପରେ ମୁ ଘଟଣା ସ୍ଥଳକୁ ଯାଇଥିଲି ଓ ପୋଲ ଭାଙ୍ଗି ଯିବା ଦ୍ୱାରା ଅଞ୍ଚଳ ର ଜନସାଧାରଣ ଯାତାୟତ ପାଇଁ ବହୁତ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ତେଣୁ ମୁ ସ୍ଥାନୀୟ ଫିରିଙ୍ଗିଆ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କୁ ଭେଟି ପୋଲ ଭାଙ୍ଗିଥିବା ଓ ଯାତାୟତ ସମସ୍ୟା ହେଉଥିବା ଅବଗତ କରିବା ପରେ ତୁରନ୍ତ ଏହି ପୋଲ ନିର୍ମାଣ ସହ ଜନସାଧାରଣ ଙ୍କ ସୁବିଧା କରାଯିବ ବୋଲି କହିଛନ୍ତି ବୋଲି ସୂଚନା ଦେଇଛନ୍ତି।

ତେବେ ପୋଲ ଭାଙ୍ଗି ଯାଇଥିବାରୁ ତୁରନ୍ତ ପୋଲ ନିର୍ମାଣ କରି ଅଞ୍ଚଳ ବାସୀଙ୍କ ଯାତାୟତ ସମସ୍ୟା ର ସମାଧାନ ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

ଯାତ୍ରୀବାହୀ ବସ ଇଞ୍ଜିନରୁ ବାହାରିଲା ଧୂଆଁ, ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ

ଭବାନୀପାଟଣା,୪।୯(ସଂଚାର ବ୍ୟୁରୋ): ଜୟପୁର ରୁ ଅନୁଗୁଳ ଯାଉଥିବା ଓଡିଶା ରାଜ୍ୟ ପରିବହନ ର ଯାତ୍ରୀବାହୀ ବସ ନମ୍ବର (ଓଡ଼ି ୧୯ କେ ୯୨୦୨) ଗୁରୁବାର ଜାତୀୟ ରାଜପଥ୨୬ କାଉଡୋଲା ବସଷ୍ଟାଣ୍ଡ ନିକଟରେ ରହିବା ପରେ ହଠାତ ପଛ ଛକ ଇଞ୍ଜିନ ମଧ୍ୟରୁ ଧୂଆଁ ବାହାରୁଥିବା ଦେଖି ଡ୍ରାଇଭର ବସ ରେ ଥିବା ସମସ୍ତ ଯାତ୍ରୀ ଙ୍କୁ ସୁରକ୍ଷିତ ଭାବେ ବସ ରୁ ବାହାର କୁ ଯିବା କୁ କହିଥିଲେ। ବସ ରେ ଥିବା ସମସ୍ତ ଯାତ୍ରୀ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ କାଉଡୋଲା ଗ୍ରାମ ର ଜଣେ ସଚେତନ ଯୁବକ ତ୍ରିଲୋକ୍ୟ ବେଶ୍ରା ଦମକଳ ବାହିନୀ କୁ ଫୋନ୍ କରିବାରୁ ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ଧୂଆଁ ବାହାରୁଥିବା ଇଞ୍ଜିନ ରେ ପାଣି ସିଞ୍ଚନ କରିବା ପରେ ଧୂଆଁ କମି ଯାଇଥିଲା ଓ ଯାତ୍ରୀବାହୀ ବସ ଟି ଏକ ବଡ଼ ଦୁର୍ଘଟଣା ରୁ ଅଳ୍ପକେ ବର୍ତ୍ତି ଯାଇଛି। ପରେ ଯାତ୍ରୀ ଙ୍କୁ ଅନ୍ୟ ଯାତ୍ରୀବାହୀ ବସ ରେ ତାଙ୍କ ଗନ୍ତବ୍ୟ ସ୍ଥାନ କୁ ପଠା ଯାଇଛି।ତେବେ ଏକ ଅଘଟଣ ରୁ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଗୋଦାମରେ ଚଢ଼ାଉ, ୫ ଲକ୍ଷର ଗୁଟ୍‌ଖା ଜବତ

ବୋରିଗୁମ୍ମା/ଜୟପୁର, ୩।୯(ସଂଚାର ବ୍ୟୁର): କୋରାପୁଟ ଜିଲ୍ଲା ଜୟପୁର ମହାରାଣିପେଟା ଅଞ୍ଚଳର ଭଦ୍ରା ସାହି ଠାରେ ରହିଥିବା ଜନୈକ ଗୁଟଖା ବ୍ୟବସାୟୀଙ୍କ ୪ଟି ଗୋଦାମ ଉପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଜି ସଂଧ୍ୟାରେ ଏକକାଳୀନ ଚଢ଼ଉ କରାଯାଇଥିଲା।ଏଥିରେ ପ୍ରାୟ ୪ଶହ ବସ୍ତା ଗୁଟଖା, ଜରଦା,ପାନମସଲା, ସିଗାରେଟ ପ୍ରଭୃତି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ କରିଛନ୍ତି। ୩୦ ହଜାର ଟଙ୍କା ଜୋରିମାନା କରାଯାଇଥିବା ବେଳେ ୪ ଗୋଦାମକୁ ସିଲ୍ କରାଯାଇଛି। ଏହିପରି ବିକ୍ରେତାଙ୍କ କୌଣସି ଟ୍ରେଡ ଲାଇସେନ୍ସ ନଥିବା ବେଳେ ବେଆଇନ ଭାବେ ଏହା ବିକ୍ରି କରଯାଉଥିଲା। ଏହିପରି ପୂର୍ବରୁ ୨୦୨୦ ମସିହାରେ ଉକ୍ତ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢ଼ଉ କରାଯାଇ ଜବତ କରାଯାଇଥିଲା। ସେତେବେଳେ ମଧ୍ୟ ଟ୍ରେଡ ଲାଇସେନ୍ସ ନଥିଲା। କିନ୍ତୁ ପୁଣି ଉକ୍ତ ବ୍ୟବସାୟୀ ବିନା ଲାଇସେନ୍ସରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଗୁଟଖା ବିକ୍ରି କରୁଥିଲେ ସୁଦ୍ଧା ପ୍ରଶାସନ ଏବଂ ପୌରସଂସ୍ଥାର ନଜର ଓଢୁଆଳରେ ବିକ୍ରିକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏସ୍‌ଡିପିଓ ପାର୍ଥ କାଶ୍ୟପଙ୍କ ନେତୃତ୍ୱରେ ଚଢ଼ାଉରେ ସହକାରୀ ଜିଲ୍ଲାପାଳ ସନିଆ ନାୟକ, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ, ପୌରସଂସ୍ଥା କର୍ମଚାରୀ ତୁଳସୀ ଦାଶ, ଭୁବନୀ ହାଲବା, ସତ୍ୟ ନାରାୟଣ ପାତ୍ର, କିରଣ କୁମାର ମଲ୍ଲିକ, ବି. ସୂରଜ କୁମାର, ପୁଲିସ ଓ ପୌରକର୍ମଚାରୀ ମାନେ ଉପସ୍ଥିତ ଥିଲେ।

ଏନ୍‌ଏସି ମାନ୍ୟତା ଦାବିରେ ୧୨ ଘଣ୍ଟିଆ ମ. ରାମପୁର ବନ୍ଦ

ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମ. ରାମପୁର,୪।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ଅନେକ ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରି ସାରିଥିବା ବେଳେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ସେଥିରୁ ବାଦ୍ ପଡ଼ିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସହର ସମସ୍ତ ମାନଦଣ୍ଡ ପୂରଣ କରିବା ସତ୍ତ୍ୱେ ବାଦ୍ ପଡ଼ିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେହେତୁ ମ .ରାମପୁର ରେ ପୂର୍ତ୍ତବିଭାଗ ସବଡିଭିଜନ, କ୍ଷୁଦ୍ର ଜଳସେଚନ ବିଭାଗ ସବଡିଭିଜନ, ଉଠାଜଳସେଚନ ସବଡିଭିଜନ, ଉତେଇ ଜଳସେଚନ ବିଭାଗ ସବଡିଭିଜ କେନ୍ଦୁଲିପ ସବଡିଭିଜନ, ଜେଏମଏଫସି କୋର୍ଟ, ସବଜେଲ, ସବଟ୍ରେଜରୀ ରହିଛି ଅଥଚ ରାମପୁର ର ନାଁ ନାହିଁ। ଯାହାକୁ ନେଇ ଗୁରୁବାର ମ. ରାମପୁର ଜନ ସଧାରଣ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ସମସ୍ତ ପ୍ରକାର ଯାନ ବାହାନ, ଦୋକାନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅଫିସ୍ ଇତ୍ୟାଦି ବନ୍ଦ ରହିଛି। ଏହାକୁ ସମସ୍ତ ରାଜନୈତିକ ଦଳ ବିଭିନ୍ନ ସଂଗଠନ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିଥିବା ଦେଖା ଦେଇଛି। ଉକ୍ତ ବନ୍ଦ ଡାକରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିବେଶ କୁମାର ପଣ୍ଡା, ବଣିକ ସଂଘ ସଭାପତି ପ୍ରଶାନ୍ତ ସାମନ୍ତରା, ବିଭୁ ସାହୁ, ଗୋବିନ୍ଦ ଶତପଥୀ, ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ର, ରାହାସ ପୋଢ଼ି, ପୂର୍ବତନ ମ.ରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ବାଗ, କିଶୋର ପ୍ରହରାଜ, ଜିଲ୍ଲା ଆଦି ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସିପିଆଇ ଏମ ଜିଲ୍ଲା ସମ୍ପାଦକ ସତ୍ୟ ଜିତ ଚାଟାର୍ଜୀ, ହିରେନ୍ଦ୍ର ପ୍ରତାପ ସିଂହ ଦେଓ, ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଯାଜ୍ଞସେନ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ପ୍ରତାପ ରଣା, ଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତି, ଆଦିବାସୀ ସଂଘ ବ୍ଲକ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ମାଝି, ସମାଜସେବୀ ଚିରାଗ ସିଂହ ଦେଓ, ବରିଷ୍ଠ ଆଇନଜୀବି ସତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

● ବାଲିଆପାଳରେ ବର୍ଷା ବିପ୍ରାତ

ସୁବର୍ଣ୍ଣରେଖାରେ ସପ୍ତମ ବନ୍ୟା ଆଶଙ୍କା

ବାଲିଆପାଳ,୩।୯(ସଂଚାର ବ୍ୟୁର): ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ କାଲି ରାତିରୁ ଅବିରତ ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡ଼ିଛି। ଲୋକେ ନାହିଁ ନ ଥିବା ଅସୁବିଧାରେ ପଡ଼ିଥିବା ଦେଖିବାକୁ ମିଳିଛି। ବାରମ୍ବାର ବିଦ୍ୟୁତ କାଟ ହେଉଛି। ତଳିଆ ଗାଁ କୁ ବିଦ୍ୟୁତ ସରବରାହ ନାହିଁ। ସୁବର୍ଣ୍ଣ ରେଖା ନଦୀ କୂଳ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ଆଦି ପଂଚାୟତର ଲୋକମାନେ ବନ୍ୟା ଆଶଙ୍କାରେ ରହିଛନ୍ତି। ଏହି ସବୁ ପଂଚାୟତର ତଳିଆ ଅଞ୍ଚଳରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଷୋଳସା ପାଣ୍ଟ, ଚାନ୍ଦମଣୀ ପାଣ୍ଟ, କାଳନ୍ଦା ପାଣ୍ଟ, ମଧୁପୁରା ପାଣ୍ଟ ଆଦି ରେ ଦୁଇ ଫୁଟ ରୁ ଅଧିକ ପାଣି ଜମି ଗଲାଣି। ଖରିଫଧାନ ଚାଷ ମଧ୍ୟ ବର୍ଷା ପାଣିରେ ବୁଡି ରହିଛି। ଏହି ସବୁ ପଂଚାୟତର ତଳିଆ ଅଞ୍ଚଳର ଲୋକଙ୍କ ଘରେ ମଧ୍ୟ ବର୍ଷା ପାଣି ପଶିଛି।ପାଣ୍ଟ ଜମିରୁ ବର୍ଷା ପାଣିନିଷ୍କାସନ ନ ହେଲେ ଧାନ ଚାଷ ପଚିବା ଆଶଙ୍କା ରହିଛି। ସେହିପରି ବଙ୍ଗୋପ ସାଗର କୂଳ ଡଗରା, ବେତଗଡ଼ିଆ, ନୂଆଗାଁ, ପଂଚୁପାଲି, ଜାମ୍ବିରାଇ ଆଦିପଂଚାୟତ ର ଲୋକ ମାନେ ସମୁଦ୍ର ଜୁଆର ମାଡି ଆସିବା ଆଶଙ୍କା ରେ ରହିଛନ୍ତି।ଅନ୍ୟପକ୍ଷରେ ଗତ କାଲିଠୁ ସୁବର୍ଣ୍ଣ ରେଖା ନଦୀର ଜଳ ସ୍ତର ବଢିବାକୁ ଲାଗିଛି।ନଦୀ ପାଣି ଉପରକୁ ଉଠିଲେ ତଳିଆ ଅଞ୍ଚଳ ଖୁବ ଶୀଘ୍ର ଜଳାର୍ଣ୍ଣବ ହୋଇ ଯିବ।

ସେହିପରିରାସ୍ତା କଡ଼ ଡ୍ରେନ ଅବରୋଧ ଯୋଗୁଁ ରାସ୍ତା ରେ ବର୍ଷା ପାଣି ଗଡୁଛି। ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତା କଡ଼ ଏବେ ବହୁ ସଂଖ୍ୟାରେ ଅବରୋଧ ଯୋଗୁଁ ରାସ୍ତାରେ ବର୍ଷା ପାଣି ଜମି ରହିଛି। ବାରମ୍ବାର ଅଭିଯୋଗ ପରେ ରାସ୍ତା କଡ଼ ରୁ ଜବର ଦଖଲ ହଟୁ ନାହିଁ। ଉଚ୍ଚ କତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ପଞ୍ଚଲିଙ୍ଗେଶ୍ୱର ପୀଠରେ ବାବାଙ୍କ ଦର୍ଶନ ଓ ସ୍ପର୍ଶ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ନୀଳଗିରି,୩।୯(ସଂଚାର ବ୍ୟୁର): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ପର୍ଶ ଦର୍ଶନ ବନ୍ଦ। ଲଗାଣ ବର୍ଷାରେ ଯୋଗୁଁ ଦେବଗିରି ପାହାଡ଼ ଉପରମୁଣ୍ଡରେ ଲଗାଣ ବର୍ଷାରେ ଝରଣାର ସ୍ରୋତ ଅତ୍ୟଧିକ ହୋଇଯାଇଥିବାରୁ ୮ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠସ୍ଥଳି ଓ ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଛି। ପାଣିର ସ୍ରୋତ ଏତେ ପ୍ରଖର ଯେ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ଭକ୍ତ ଓ ପର୍ଯ୍ୟଟକ ସ୍ପର୍ଶ ଓ ଦର୍ଶନ କରିବା ବନ୍ଦ ରଖାଯାଇଛି। ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ବୁଧବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଗୁରୁବାର ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ଏହି ଲଗାଣ ବର୍ଷା ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସେଠାରେ ଛିଡା ହୋଇ ଆଜି ପୂର୍ବାହ୍ନରେ ଆଳତୀ ମଧ୍ୟ କରିବା କଷ୍ଟକର ହୋଇପଡ଼ିଛି। ଯେଉଁସ୍ଥାନରେ ଭକ୍ତମାନେ ଛିଡ଼ା ହୋଇ ବାବାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେହି ଚଟାଣରେ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଏପରି ସମୟରେ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଝରଣା ଭିତରେ ପଞ୍ଚଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଥିବା ଜଣାପଡ଼ିଛି। ସୂଚନା ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି।

ଆଦିବାସୀ ସମାଜର ବୈଠକ ଅନୁଷ୍ଠିତ

ବାଲିଆପାଳ,୩।୯(ସଂଚାର ବ୍ୟୁର): ବାଲିଆପାଳବିରସିଦୁ କାହ୍ନୁ ଜୁଆନ ସେମଲେଦ ମଥାନି ପଞ୍ଚାୟତର ଆହ୍ୱାନ କ୍ରମେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ଆଦିବାସୀ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି।ଉକ୍ତ ବୈଠକରେ ଖଗେନ୍ଦ୍ର ମୁର୍ମୁ ସଭାପତିତ୍ୱ କରିଥିଲେ ମୁଖ୍ୟଅତିଥି ଭାବେ ରାମଚନ୍ଦ୍ର ବେସରା ଯୋଗଦେଇ ଆଦିବାସୀ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ୧୨ ଟି ବ୍ଲକର ସମସ୍ତ ଆଦିବାସୀ ସମାଜ (ସାନ୍ତାଳ ସମ୍ପ୍ରଦାୟ)ଙ୍କୁ ଏକାଠି କରିବାର ସିଦ୍ଧାନ୍ତ ହୋଇଥିଲା।ଏହି ପ୍ରସ୍ତାବ ଅନୁଯାୟୀ ବାଲିଆପାଳ ବ୍ଲକ ରେ ସଭାପତି ଭାବେ ମୁକୁନ୍ଦ ସିଂ (ଟୁଡୁ) ଙ୍କ ନାମ ମନୋନୀତ ସାଙ୍ଗକୁ ବ୍ଲକ ରେ ସମସ୍ତ ଆଦିବାସୀ ମାନଙ୍କୁ ଏକାଠି କରିବାର ଦାୟିତ୍ୱ ଦିଆଯାଇଛି।ଆଜିର ଏହି ବୈଠକରେ ଭୋଗରାଇ ବ୍ଲକ ର ଗଣେଶ ହେମରମ, ଚୈତନ୍ୟ ହାଁସଦା, ନରେଶ ମୁର୍ମୁ ଓ ଜଳେଶ୍ୱର ବ୍ଲକ ର ରତ୍ନାକର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରଘୁନାଥ ସିଂ (ବାପି) ସହଯୋଗ କରିଥିଲେ। ଶେଷରେ ହାଡିବନ୍ଧୁ କିସ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆଁଖାଇ ଭେଟଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ଲାଞ୍ଜିଗଡ଼,୩।୯(ସଂଚାର ବ୍ୟୋରୋ): ନୂଆଁଖାଇ ହେଉଛି ଭାଇଚାରାର ପର୍ବ। ଯିଏ ଯେଉଁଠି ବି ଥିଲେ ନିଜର ବ୍ୟସ୍ତ ବହୁଳ ଜୀବନ ଭିତରେ ନିଜ ପରିବାର ସହ ନୂଆ ଖାଇବା ପାଇଁ ଚାଲି ଆସନ୍ତି। ଆଉ ଏହି ମହାନ୍ ଗଣପର୍ବ ନୂଆଁଖାଇକୁ ସାରା ପଶ୍ଚିମ ଓଡ଼ିଶାରେ ବଡ଼ ଧୁମ୍ ଧାମରେ ପାଳନ କରନ୍ତି ପଶ୍ଚିମ ଓଡ଼ିଶାବାସୀ। ଆଉ ପରେ ପରେ ଆରମ୍ଭ ହୋଇଯାଏ ନୂଆଁଖାଇ ଭେଟଘାଟ। ସାନରୁ ବଡ ସମସ୍ତେ ସାମିଲ ହୋଇ ନିଜ ମାଟିର ପରମ୍ପରା ଓ ସାଂସ୍କୃତିକୁ ନେଇ ନୂଆଁଖାଇ ଭେଟଘାଟରେ ପୁଣି ଆରମ୍ଭ ହୁଏ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଅବସରରେ ବୁଧବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ସ୍ଥିତ ବୁଢ଼ା ଉମେର(ଜାମଗୁଡ଼ା) ଗାଁରେ ନୂଆଁଖାଇ ଭେଟଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ମାଣତ୍ରୀକୁ ବ୍ଲକ ମାନ୍ୟତା ଦାବିରେ ୧୦ପଞ୍ଚାୟତ ଏକାଠି

ବୈଶିଙ୍ଗା,୪।୯(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ସର୍ବ ବୃହତ୍ତ ବ୍ଲକ ବଡସାହି ବିଭାଜନ କରି ମାଣତ୍ରୀରେ ଏକ ନୂତନ ବ୍ଲକ ଗଠନ ପାଇଁ ୧୦ଟି ପଞ୍ଚାୟତ ଏକାଠି ହୋଇଛନ୍ତି । ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ଓ୍ୱାର୍ଡ ସଭ୍ୟଙ୍କ ସହିତ ଦଳଗତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକ କାର୍ଯ୍ୟକାରୀ କମିଟି ଗଠନ ପୂର୍ବକ ଅଣ୍ଟା ଭିଡିଛନ୍ତି । ଏନେଇ ଗୁରୁବାର ଅପରାହ୍ନରେ ମାଣତ୍ରୀ କଲେଜ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ବ୍ଲକ କାର୍ଯ୍ୟକାରୀ କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଆବାହକ ମନୋଜ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ କମିଟିର ଲକ୍ଷ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ । କମିଟିର ଅଧ୍ୟକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣତ୍ରୀ ବ୍ଲକ ଗଠନ ପାଇଁ ସେ ୨୦୨୨ମସିହାରୁ ବିଧାନସଭାରେ ଲଗାତର ଦାବି ଉପସ୍ଥାପନ କରିଆସୁଛନ୍ତି ଓ ରାଜ୍ୟରେ ନୂତନ ବ୍ଲକ ଗଠନ କାର୍ଯ୍ୟକାରୀ ହେଲେ ସର୍ବ ପ୍ରଥମେ ମାଣତ୍ରୀ ଓ ବୈଶିଙ୍ଗା ଦୁଇଟି ନୂତନ ବ୍ଲକ ଗଠନ ହେବ ବୋଲୀ କହିଥିଲେ ।

ଗଣେଶ ପୂଜା ଭସାଣି ଉପରେ ଲଗାମ ନାହିଁ

ସାହି ଗଣ୍ଡଗୋଳ ଘଟଣାରେ: ପୁଲିସ ହାତ ଖାଲି

ITAMATI POLICE STATION
ଇଟାମାଟି ପୋଲିସ ଥାନା

ନୟାଗଡ଼,୪।୯(ସଂଚାର ବ୍ୟୁରୋ): ଗଣେଶ ପୂଜା ଭାଷାଣିକୁ ନେଇ ନାକେଦମ ହେଲାଣି ଜିଲ୍ଲା ପୋଲିସ। କେଉଁଠି ଭାଷାଣି କୁ ନେଇ ଗଣ୍ଡଗୋଳ ତ ଆଉ କେଉଁଠି ହତ୍ୟା। କିନ୍ତୁ ଏତିକିରେ ଚେତା ପଶୁନି। ଘଣ୍ଟ ଘୋଡ଼ାଇ ଚାଲିଛି ପୋଲିସ। ଏଭଳି ଘଣ୍ଟ ଘୋଡାଇ ଭଷାଣି ପାଇଁ ଅନୁମତି ନଥାଇ ଭଷାଣି କରିବାକୁ ପ୍ରଶୟ ଦେଉଥିବା ଯୋଗୁଁ ପୋଲିସକୁ କିଛି ଜାଗାରେ ବଦନାମ ହେବାକୁ ପଡୁଛି। ସେଥିରୁ ବାଦ ପଡ଼ିନି ଇଟାମାଟି ପୋଲିସ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଥିବା ଇଟାମାଟି ଗାଁ ବାଣିଜ୍ୟର ପେଣ୍ଠସ୍ଥଳୀ। ପ୍ରତି ସାହି ସାହିରେ ଗଢ଼ି ଉଠିଛି ଦୋକାନ ବଜାର। ସେହିଥି ଯୋଗୁଁ ପ୍ରତେକ ସାହିରେ ମଧ୍ୟ ଗଣେଶ ପୂଜା ହେଉଥିବା ବେଳେ ଭଷାଣି ଉପରେ ରୋକ ଲଗାଇବାରେ ବିଫଳତା ସାଉଁଟିଛି ଇଟାମାଟି ପୋଲିସ। ଚଳିତ ମାସ ୧ତାରିଖରୁ ଇଟାମାଟି ରେ ଗଣେଶ ପୂଜା ଭଷାଣି ହେଉଛି, ଯାହାଫଳରେ ସାହି ସାହି ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଉଥିବା ଜଣାପଡ଼ିଛି। ଏମିତିକି ଚଳିତ ମାସ ୧ତାରିଖ ରାତିରେ ଇଟାମାଟି ତେଲି ସାହି ଓ କଂସାରୀ ସାହି ମଧ୍ୟରେ ଭଷାଣିକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ କଂସାରୀ ସାହିର ଜଣଙ୍କ ଘର ଭାଙ୍ଗିଦେଇଥିବା ଜଣାପଡ଼ିଛି। ଘଟଣା ଯାଇ ଥାନାରେ ପହଞ୍ଚିଥିଲା କିନ୍ତୁ କେସ ହେବ କଣ ଘଣ୍ଟ ଘୋଡ଼ାଇ ସମାଧାନ ପାଇଁ ସମୟ ଦିଆଯାଇଛି। ଏପଟେ ସମାଧାନ ପାଇଁ ସମୟ ଦିଆଯାଇଛି, ସେପଟେ ୩ତାରିଖ ରାତିରେ ପୁଣି ଗଣେଶ ପୂଜା ଭଷାଣିକୁ ନେଇ ଗୌଡ଼ ସାହି ଓ ଖଟିଆ ସାହି ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁ କରିବ କଣ ଘଣ୍ଟ ଘୋଡାଇବାକୁ ପ୍ରୟାସ କରୁଥିବା ଜଣାପଡ଼ିଛି।

ପୁଲିସ ହାତରେ ମହିଳା ବ୍ରାଉନ ସୁଗର ବେପାରୀ

୯ ଗ୍ରାମ ବ୍ରାଉନ ସୁଗର ସହ ନଗଦ ଟଙ୍କା ଜବତ

ବିଞ୍ଝାରପୁର ଥାନା
BINJHARPUR POLICE STATION
DIST: JAJPUR
ACC

ବିଞ୍ଝାରପୁର,୪।୯(ସଂଚାର ବ୍ୟୁରୋ): ବିଞ୍ଝାରପୁରରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଥିଲା।ଆଉ ଏହି ନିଶା କାରବାର ମଧ୍ୟରେ ମୁଖ୍ୟ ସ୍ଥାନରେ ଥିଲା ଧଳା ଜହର। ସାରା ବିଞ୍ଝାରପୁରକୁ ଏହି ଧଳା ଜହର ଧିରେ ଧିରେ ଗ୍ରାସ କରୁଛି।ବିଂଝାରପୁର ଥାନାରେ ନୂତନ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଯୋଗ ଦେବା ବେଳେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ବୃଦ୍ଧି ପାଉଥିବା ବ୍ରାଉନ ସୁଗାର ବେପାର ଉପରେ ରୋକ ଲଗାଇବାକୁ ନିବେଦନ କରିଥିଲେ।ତେବେ ସେବେଠାରୁ ଏହି ଧଳା ଜହର ଉପରେ ନଜର ରଖିଥିଲେ ଶ୍ରୀ ମଲ୍ଲିକ। ଏହି ବେପାର ପଛରେ ଜଣେ ମହିଳାଙ୍କ ହାତ ଥିବା ବାରମ୍ବାର ଅଭିଯୋଗ ହେଉଥିଲା।ତେବେ ଆଜି ଏହି ବ୍ରାଉନ ସୁଗାର ନିଶା ଉପରେ ରୋକ ଲଗାଇବାକୁ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢାଉ କରିଥିଲା ବିଞ୍ଝାରପୁର ପୋଲିସ।ବିଂଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ ବେଳେ ବିଞ୍ଝାରପୁର ଅଞ୍ଚଳର ନୂର ମହଲା ର ନଗମା ଙ୍କ ଘରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରିଥିଲା ପୋଲିସ। ଖୋଦ୍ ଥାନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଚଢ଼ାଉରେ ନଗମାଙ୍କ ନିକଟରୁ ବ୍ରାଉନ ସୁଗାର ସହିତ ନଗଦ ଟଙ୍କା ଜବତ କରାଯିବା ସହିତ ନଗମାଙ୍କୁ ଥାନାକୁ ଉଠାଇ ଆଣି ବିଞ୍ଝାରପୁର ପୋଲିସ୍ ପଚରା ଉଚୁରା କରିବା ସହିତ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ତେବେ ଏହି କାରବାରରେ ନଗମା ଏକା ନା ଆଉ କିଏ ସମ୍ପୃକ୍ତ ଅଛନ୍ତି ତାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ବାଲେଶ୍ୱର ଅଞ୍ଚଳରୁ ଆଣି ବିଞ୍ଝାରପୁର ପଶରା ମେଲାଇ ଥିବା ନଗମା ସ୍ୱୀକାର କରିଥିବା ସୂଚନା।ଜବତ ହୋଇଥିବା ବ୍ରାଉନ ସୁଗାର ପାଖାପାଖି ୯ଗ୍ରାମର ହୋଇଥିବା ବେଳେ ୨୪,୦୦୦ ଟଙ୍କା ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ମହିଳାକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ବିଞ୍ଝାରପୁର ଥାନା ଅଧିକାରୀ।ତେବେ ଏଭଳି ଘଟଣାରେ ସ୍ଥାନୀୟ ଲୋକେ ଖୁସି ବ୍ୟକ୍ତ କରିବା ସହିତ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଏବଂ ରେଡ ରେ ସମ୍ପୃକ୍ତ ଥିବା ଅନ୍ୟ ପୋଲିସ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।